ବର୍ଷ-୨୬, ସଂଖ୍ୟା-୭୨
ଭୁବନେଶ୍ୱର
୧୬, ମାର୍ଚ୍ଚ, ୨୦୨୬ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା


Vol.-26, Issue No.72
Bhubaneswar
16 March, , 2026 Mondday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ଅଭିନେତ୍ରୀ ମଧୁ ମାଲହୋତ୍ରାଙ୍କ ପରଲୋକ



## ‘ବିଜୁ-ନବୀନ ଇନ୍ସପିରେସନାଲ୍ ଫାଉଣ୍ଡେସନ୍’ ନେଇ ଗୁରୁତର ଅଭିଯୋଗ

ଭୁବନେଶ୍ୱର, ୧୫।୩(ମହାଭାରତ): ‘ବିଜୁ-ନବୀନ ଇନ୍ସପିରେସନାଲ୍ ଫାଉଣ୍ଡେସନ୍’ ଗଠନକୁ ନେଇ ପୂର୍ବତନ ବିଜେଡି ନେତ୍ରୀ ଶ୍ରୀମୟୀ ମିଶ୍ର ସୋସିଆଲ୍ ମିଡିଆରେ ଗୁରୁତର ଅଭିଯୋଗ ଉଠାଇଛନ୍ତି। ସେ ଦାବି କରିଛନ୍ତି ଯେ ଦିଲ୍ଲୀରେ ଏହି ଫାଉଣ୍ଡେସନ୍ ଗଠନ କରି କୋଟି କୋଟି ଟଙ୍କାର ସମ୍ପତ୍ତିକୁ ନିଜ ମାଲିକାନାରେ ନେବା ପାଇଁ ଏକ ବଡ଼ ଷଡ଼ଯନ୍ତ୍ର ହୋଇଥିବା ସନ୍ଦେହ ରହିଛି।

ସୋସିଆଲ୍ ମିଡିଆ ପୋଷ୍ଟରେ ସେ ଅଭିଯୋଗ କରିଛନ୍ତି ଯେ ସମସ୍ତଙ୍କୁ ଅଜାଣି ଦିଲ୍ଲୀରେ ଏହି ଫାଉଣ୍ଡେସନ୍ ଗଠନ କରାଯାଇ ବିଜୁ ଜନତା ଦଳ (ବିଜେଡି)ର ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ସେଠାକୁ ସ୍ଥାନାନ୍ତର କରିବା ପାଇଁ ଗୁପ୍ତ ଯୋଜନା କରାଯାଇଥିବା ଅଭିଯୋଗ ରହିଛି। ଏହା ସହିତ ସେ ପ୍ରଶ୍ନ ଉଠାଇଛନ୍ତି ଯେ ଦଳର ବରିଷ୍ଠ ନେତାମାନେ କିମ୍ବା ପଲିଟିକାଲ୍ ଆଫେୟାର୍ସ କମିଟି କୁ ଏହି ଫାଉଣ୍ଡେସନ୍ ଗଠନ ସମ୍ପର୍କରେ ଅବଗତ କରାଯାଇଥିଲା କି ନାହିଁ।ଶ୍ରୀମୟୀ ମିଶ୍ର ଆହୁରି କହିଛନ୍ତି ଯେ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକ ନିଜ ଜୀବନ ଓଡ଼ିଶା ପାଇଁ ସମର୍ପିତ କରିଥିଲେ, କିନ୍ତୁ ତାଙ୍କ ଓ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନାମରେ ଗଠିତ ଏହି ଫାଉଣ୍ଡେସନ୍ କାହିଁକି କେବଳ ଦିଲ୍ଲୀକେନ୍ଦ୍ରିକ ହେବାକୁ ଯାଉଛି ବୋଲି ସେ ପ୍ରଶ୍ନ କରିଛନ୍ତି। ଯଦି ଏହାର ଠିକଣା ନୂଆଦିଲ୍ଲୀରେ ଥିବା ନବୀନ ପଟ୍ଟନାୟକଙ୍କ ବାସଭବନ ହୋଇଥାଏ, ତେବେ ଏହା ସମ୍ପର୍କରେ ସେ ସ୍ପଷ୍ଟୀକରଣ ଦେଇ ସନ୍ଦେହ ଦୂର କରିବା ଉଚିତ୍ ବୋଲି ସେ କହିଛନ୍ତି।ସେ ଏହାମଧ୍ୟ ପ୍ରଶ୍ନ କରିଛନ୍ତି ଯେ ଫାଉଣ୍ଡେସନ୍‌ଟି କାହିଁକି ଇଣ୍ଡିଆନ୍ ଟ୍ରଷ୍ଟ ଆକ୍ଟ-୧୮୮୨ ଅନୁଯାୟୀ ଗଠିତ ହେଲା ଓ ଏହାକୁ ଓଡ଼ିଶାକେନ୍ଦ୍ରିକ ଆଇନ ଅନୁଯାୟୀ କାହିଁକି ଗଢ଼ାଯାଇନଥିଲା। ଏହା ପଛରେ ବଡ଼ ଧରଣର ଆର୍ଥିକ ହେରଫେରର ଯୋଜନା ଥିବା ସନ୍ଦେହ ମଧ୍ୟ ସେ ବ୍ୟକ୍ତ କରିଛନ୍ତି। ଶ୍ରୀମୟୀ ମିଶ୍ର ଦାବି କରିଛନ୍ତି ଯେ ଯଦି କେହି ଭୁଲ କିମ୍ବା ଅସମ୍ପୂର୍ଣ୍ଣ ସତ୍ୟପାଠ (ଆଫିଡେଭିଟ୍) ଦେଇଥିବେ, ତେବେ ସେହି ବ୍ୟକ୍ତିଙ୍କ ନିର୍ବାଚନକୁ ଅବୈଧ ଘୋଷଣା କରି ତାଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବା ଉଚିତ୍।

# ୫ ରାଜ୍ୟ ପାଇଁ ନିର୍ବାଚନ ତାରିଖ ଘୋଷଣା

ନୂଆଦିଲ୍ଲୀ, ୧୫।୩(ମହାଭାରତ): ରବିବାର ନିର୍ବାଚନ କମିଶନ ପଶ୍ଚିମବଙ୍ଗ, କେରଳ, ତାମିଲନାଡୁ, ଆସାମ ଏବଂ ପୁଡୁଚେରୀରେ ବିଧାନସଭା ନିର୍ବାଚନ ପାଇଁ ତାରିଖ ଘୋଷଣା କରିଛନ୍ତି। ପଶ୍ଚିମବଙ୍ଗରେ ଦୁଇଟି ପର୍ଯ୍ୟାୟରେ ୨୩ ଏବଂ ୨୯ ଏପ୍ରିଲରେ, ଆସାମ, କେରଳ ଏବଂ ପୁଡୁଚେରୀରେ ୯ ଏପ୍ରିଲରେ ଏବଂ ତାମିଲନାଡୁରେ ୨୩ ଏପ୍ରିଲରେ ଭୋଟ୍ ଗ୍ରହଣ କରାଯିବ। ୪ ମଇରେ ସମସ୍ତ ଚାରୋଟି ରାଜ୍ୟ ଏବଂ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳରେ ଭୋଟ୍ ଗଣନା ଏକକାଳୀନ ହେବ। ନିର୍ବାଚନ ଫଳାଫଳ ଘୋଷଣା କରି ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର କହିଛନ୍ତି ଯେ ଏହି ରାଜ୍ୟଗୁଡ଼ିକରେ ୧୭.୪ କୋଟି ଭୋଟର ଅଛନ୍ତି। ଏହି ରାଜ୍ୟଗୁଡ଼ିକରେ ୮୨୪ ବିଧାନସଭା ଆସନ ରହିଥିବା ବେଳେ ଏସଆଇଆର ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଛି।

ଏହି ଚାରୋଟି ରାଜ୍ୟ ଏବଂ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳରେ, ବିଶେଷକରି ଭୋଟର ତାଲିକାରେ ବଡ଼ ଧରଣର ସଂଶୋଧନ ସମ୍ପୂର୍ଣ୍ଣ ହୋଇସାରିଛି, ଏବଂ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶିତ ହୋଇଛି। ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର, ନିର୍ବାଚନ କମିଶନର ସୁଖବୀର ସିଂହ ସାନ୍ଧୁ ଏବଂ ବିବେକ ଜୋଶୀଙ୍କ ସହିତ ନିର୍ବାଚନ ପ୍ରସ୍ତୁତି ସମୀକ୍ଷା କରିବା ପାଇଁ ମାର୍ଚ୍ଚ ୧୦ ତାରିଖରେ ପଶ୍ଚିମବଙ୍ଗ ଗସ୍ତ କରିଥିଲେ। ସେମାନେ ନିର୍ବାଚନ ପାଇଁ ପ୍ରସ୍ତୁତ ହେଉଥିବା ଅନ୍ୟ ରାଜ୍ୟଗୁଡ଼ିକୁ ମଧ୍ୟ ଗସ୍ତ କରିଥିଲେ।

ପଶ୍ଚିମବଙ୍ଗ ବିଧାନସଭାରେ ୨୯୪ଟି ଆସନ ଅଛି, ଯେଉଁଥିରେ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱିତା ଶାସକ ତୃଣମୂଳ କଂଗ୍ରେସ (ଟିଏମସି) ଏବଂ ଭାରତୀୟ ଜନତା ପାର୍ଟି (ବିଜେପି) ମଧ୍ୟରେ ହେବ।ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ଟିଏମସି ୨୦୧୧ ମସିହାରୁ ରାଜ୍ୟରେ ଶାସନ କରିଆସୁଛି। ବଙ୍ଗଳାରେ ନିର୍ବାଚନ ୨୩ ଏବଂ ୨୯ ଏପ୍ରିଲରେ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ଭୋଟ ଗଣତି




୪ ମେ’ରେ ହେବ।

ଆସାମରେ, ବର୍ତ୍ତମାନର ବିଜେପି ନେତୃତ୍ୱାଧୀନ ଏନଡିଏ ସରକାର ଏବଂ କଂଗ୍ରେସ ୧୨୬ ବିଧାନସଭା ଆସନ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବେ। ଆସାମରେ ନିର୍ବାଚନ ଏପ୍ରିଲ ୯ ତାରିଖରେ ଗୋଟିଏ ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ଭୋଟ ଗଣତି ମେ ୪ ତାରିଖରେ ହେବ।

କେରଳରେ, ୧୪୦ଟି ଆସନ ପାଇଁ ଲେଫ୍ଟ ଡେମୋକ୍ରାଟିକ ଫ୍ରଣ୍ଟ (ଏଲଡିଏଫ) ଏବଂ ୟୁନାଇଟେଡ୍ ଡେମୋକ୍ରାଟିକ ଫ୍ରଣ୍ଟ(ୟୁଡିଏଫ) ମଧ୍ୟରେ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱିତାୟ ବିଜେପି ନେତୃତ୍ୱାଧୀନ ନାସନାଲ ଡେମୋକ୍ରାଟିକ ଆଲାଏନ୍ସ (ଏନଡିଏ) ମଧ୍ୟ ପ୍ରାୟ

### କେରଳ, ତାମିଲନାଡୁ, ଆସାମ ଏବଂ ପୁଡୁଚେରୀରେ ଗୋଟିଏ ପର୍ଯ୍ୟାୟ, ପଶ୍ଚିମବଙ୍ଗରେ ଦୁଇଟି ପର୍ଯ୍ୟାୟରେ ନିର୍ବାଚନ

### ମେ ୪ରେ ଫଳାଫଳ ଘୋଷଣା

୧୦୦ଟି ଆସନ ଜିତିବା ଲକ୍ଷ୍ୟରେ ପ୍ରତିଦ୍ୱନ୍ଦ୍ୱିତା କରୁଛି ଏବଂ ଏହାର ସହଯୋଗୀ ଦଳ, ଭାରତ ଧର୍ମ ଜନ ସେନା (ବିଡିଜେଏସ) ଏବଂ ଟ୍ୱେଣ୍ଟି୨୦ ମେଣ୍ଟ, ବାକି ୪୦ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। କେରଳରେ ଭୋଟ୍ ଏପ୍ରିଲ୍ ୯ ତାରିଖରେ ହେବ। ଭୋଟ୍ ଗଣତି ମେ ୪ ତାରିଖରେ ହେବ।ତାମିଲନାଡୁର ୨୩୪ ବିଧାନସଭା ଆସନ ପାଇଁ ପ୍ରଚାର ଜୋରଦାର ହୋଇଛି ଏବଂ ଦଳଗୁଡ଼ିକ ସେମାନଙ୍କର ମେଣ୍ଟ ମଧ୍ୟରେ ଆସନ ବଣ୍ଟନ ବ୍ୟବସ୍ଥାକୁ ଚୂଡ଼ାନ୍ତ କରୁଛନ୍ତି। ତାମିଲନାଡୁରେ ନିର୍ବାଚନ ଏପ୍ରିଲ ୨୩ରେ ଗୋଟିଏ ପର୍ଯ୍ୟାୟରେ ଅନୁଷ୍ଠିତ ହେବ ଏବଂ ମେ ୪ରେ ଗଣନା ହେବ।

ପୁଡୁଚେରୀ ଏହାର ଷୋଡ଼ଶ ବିଧାନସଭାର ସମସ୍ତ ୩୦ଟି ନିର୍ବାଚନମଣ୍ଡଳୀ ପାଇଁ ନିର୍ବାଚନ କରିବ। କଂଗ୍ରେସ ଡିଏମକେ ଏବଂ ସିପିଆଇ ସହିତ ମେଣ୍ଟ କରି ନିର୍ବାଚନ ଲଢୁଥିବା ବେଳେ ବିରୋଧୀ ଦଳରେ ଅଖିଳ ଭାରତୀୟ ଏନଆର କଂଗ୍ରେସ, ବିଜେପି ଏବଂ ଏଆଇଏଡିଏମକେ ସାମିଲ ଅଛନ୍ତି। ପୁଡୁଚେରୀରେ ଭୋଟିଂ ଏପ୍ରିଲ ୯ ରେ ହେବ ଏବଂ ଚୂଡ଼ାନ୍ତ ଭୋଟିଂ ମେ ୪ ରେ ହେବ।ଚଳିତ ମାସ ଆରମ୍ଭରେ ନିର୍ବାଚନ କମିଶନ ପଶ୍ଚିମବଙ୍ଗ, ତାମିଲନାଡୁ, କେରଳ, ଆସାମ ଏବଂ ପୁଡୁଚେରୀରେ ଆଗାମୀ ବିଧାନସଭା ନିର୍ବାଚନ ପାଇଁ ନିର୍ବାଚନ ପ୍ରସ୍ତୁତି ସମୀକ୍ଷା କରିଥିଲା। କମିଶନ ସମ୍ବିଧାନର ଧାରା ୩୨୪ ଏବଂ ଜନପ୍ରତିନିଧି ଆଇନ, ୧୯୫୧ର ଧାରା ୨୦ ଖ ଅନୁଯାୟୀ ଏହାର ପୂର୍ଣ୍ଣ କ୍ଷମତା ବ୍ୟବହାର କରି ମୁକ୍ତ ଏବଂ ନିରପେକ୍ଷ ନିର୍ବାଚନ ପରିଚାଳନା ଏବଂ କ୍ଷେତ୍ର ସ୍ତରରେ ନିର୍ବାଚନ ପରିଚାଳନା ତଦାରଖ କରିବା ପାଇଁ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକମାନଙ୍କୁ ନିଯୁକ୍ତ କରିଥିଲେ।

# ରାତି ପାହିଲେ ରାଜ୍ୟସଭା ମତଦାନ

ଭୁବନେଶ୍ୱର, ୧୫।୩(ମହାଭାରତ): ରାତି ପାହିଲେ ରାଜ୍ୟସଭା ନିର୍ବାଚନ ପାଇଁ ମତଦାନ ହେବ। ଓଡିଶାର ୪ଟି ଆସନ ପାଇଁ ବିଧାନସଭା ପରିସରରେ ପୂର୍ବାହ୍ନ ୯ଟାରୁ ବିଧାୟକମାନେ ମତଦାନ କରିବେ। ଏହି ପ୍ରକ୍ରିୟା ଅପରାହ୍ନ ୪ଟା ପର୍ଯ୍ୟନ୍ତ ଜାରି ରହିବ ଏବଂ ଏହା ପରେ ଫଳାଫଳ ପ୍ରକାଶ ପାଇବ। ଓଡିଶାର ୪ଟି ରାଜ୍ୟସଭା ଆସନ ପାଇଁ ଏଥର ରୋଚକ ସ୍ଥିତି ଦେଖାଯାଉଛି। ଶାସକ ଭାରତୀୟ ଜନତା ପାର୍ଟି (ବିଜେପି) ସମେତ ମୁଖ୍ୟ ବିରୋଧୀ ବିଜୁ ଜନତା ଦଳ (ବିଜେଡି) ଏବଂ କଂଗ୍ରେସ ଘନଘନ ବୈଠକ କରୁଛନ୍ତି। ନିର୍ବାଚନ ବୈତରଣୀ ପାରି ହେବା ପାଇଁ ନିଜନିଜ ସ୍ତରରେ ଉଦ୍ୟମ ଜାରି ରଖିଛନ୍ତି।

ରାଜ୍ୟସଭା ନିର୍ବାଚନରେ ଶାସକ ବିଜେପିର ପ୍ରଭାବ ଅଧିକ ରହୁଥିବା ଚର୍ଚ୍ଚା ହେଉଛି। ଗତକାଲି ସନ୍ଧ୍ୟାରେ ବିଜେପି ବିଧାୟକମାନେ ରାଜ୍ୟ ମୁଖ୍ୟାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଥିଲେ।



ଏହା ପରେ ସେମାନେ ପାରାଦୀପର ଏକ ହୋଟେଲକୁ ଯାଇ ରାତି ୧ଟାରେ ପହଞ୍ଚିଥିଲେ। ଆଜି ପାରାଦୀପରେ ବିଧାୟକଙ୍କ ସହିତ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଏବଂ ବରିଷ୍ଠ ନେତାମାନେ ଆହୁରି ଆଲୋଚନା କରିଛନ୍ତି।

ଅନ୍ୟପଟରେ କଂଗ୍ରେସ ଦଳର ବିଧାୟକମାନେ ଗତ ଦୁଇ ଦିନ ହେଲା ବେଙ୍ଗାଲୁରୁସ୍ଥିତ ଏକ ହୋଟେଲରେ ଆଡ୍ଡା ଜମାଇଛନ୍ତି। ଦିନକ ପୂର୍ବରୁ ସେମାନେ କର୍ଣ୍ଣାଟକର ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କୁ ଭେଟିଥିଲେ। ଆଜି ସେମାନେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ୍‌ଗେଙ୍କୁ ଭେଟିଛନ୍ତି। ଶ୍ରୀ ଖଡ୍‌ଗେ ବିଧାୟକମାନଙ୍କୁ ଗୁରୁମନ୍ତ୍ର ଦେଇଛନ୍ତି।

ଆସନ୍ତାକାଲି କଂଗ୍ରେସ ବିଧାୟକମାନେ ବିଧାନସଭାରେ ପହଞ୍ଚି ମତଦାନ କରିବେ। ଏହାରି ମଧ୍ୟରେ ଖବର ଆସୁଛି ଯେ, ଓଡିଶାର ୪ଜଣ ବେଙ୍ଗାଲୁରୁରେ ଗିରଫ ହୋଇଛନ୍ତି। ଏମାନେ ଘୋଡା ବେପାର କରିବାକୁ ବେଙ୍ଗାଲୁରୁ ଯାଇଥିଲେ। ଅନ୍ୟପଟରେ କଂଗ୍ରେସ ବିଧାୟକ ଦାଶରଥୀ ଗମାଙ୍ଗଙ୍କୁ ନୋଟିସ ହୋଇଛି। ଦଳର ନିୟମ ଅନୁସାରେ ଦାଶରଥୀ ପଦକ୍ଷେପ ନେବାକୁ କୁହାଯାଇଛି। ନିଜର ପ୍ରତିକ୍ରିୟାରେ ଦାଶରଥୀ କହିଛନ୍ତି, ରାଜ୍ୟସଭା ନିର୍ବାଚନରେ ବିବେକ ଅନୁସାରେ ମତଦନା କରିବି।

### ବିଜେପି, ବିଜେଡି ଓ କଂଗ୍ରେସର ପ୍ରସ୍ତୁତି ଶେଷ

ରାଜ୍ୟସଭା ନିର୍ବାଚନରେ ନିଜର ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ବିଜୁ ଜନତା ଦଳ ଉଦ୍ୟମ ଜାରି ରଖିଛି। ଏଥି ପାଇଁ ନବୀନ ନିବାସରେ କିଛି ଦିନ ହେଲା ଘନଘନ ବୈଠକ ବସୁଛି। ଚମ୍ପୁଆ ବିଧାୟକ ସନାତନ ମହାକୁଡ ଓ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କୁ ବିଜେଡି ନୋଟିସ ଜାରି କରିଛି। ବିଜେଡି କହିଛି, ଏହି ଦୁଇ ବିଧାୟକ ଦଳରୁ ନିଲମ୍ବିତ ହୋଇଛନ୍ତି। ସେମାନେ ବହିଷ୍କୃତ ହୋଇ ନାହାନ୍ତି। ତେଣୁ ଦଳୀୟ ପ୍ରାର୍ଥୀଙ୍କୁ ଭୋଟ୍ ଦେବା ଉଚିତ ବୋଲି ବିଧାୟକ ଗୌତମବୁଦ୍ଧ ଦାସ କହିଛନ୍ତି। ନିୟମ ନମାନିଲେ ଦଳ ସେମାନଙ୍କୁ ସଭ୍ୟ ପଦ ରଦ୍ଦ କରିବ ବିଜେଡି ବୋଲି ସେ କହିଛନ୍ତି। ଅନ୍ୟପଟରେ ବିଜେଡି ବାଲିଗୁଡା ବିଧାୟକ ଚକ୍ରମଣି କହଁର ଓ ଜୟଦେବ ବିଧାୟକ ନବ କିଶୋର ମଲ୍ଲିକଙ୍କୁ ନୋଟିସ୍ ଜାରି କରିଛି। ନୋଟିସ୍ ଜାରି କରିଛନ୍ତି ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ୍।

ସପ୍ତାହେ ହେଲାଣି ଦଳୀୟ ନେତାଙ୍କ ସହ ଯୋଗାଯୋଗରେ ରହି ନଥିବା କଂଗ୍ରେସର ମୋହନା ବିଧାୟକ ଦାଶରଥୀ ଗମାଙ୍ଗ ଆଜି ତାଙ୍କୁ ଦିଆଯାଇଥିବା ସୋ କଜ୍ ନୋଟିସର ଜବାବ ଦେଇଛନ୍ତି। ଏଥିରେ ସେ ଡାକ୍ତର ଦତ୍ତେଶ୍ୱର ହୋତାଙ୍କୁ ସମର୍ଥନ କରିବା ନେଇ କଂଗ୍ରେସ ଉପରେ ବର୍ଷିଛନ୍ତି। ବିଧାୟକ ଦାଶରଥୀ ଗମାଙ୍ଗ କହିଛନ୍ତି ଯେ ବିଧାୟକ ଦଳ ବୈଠକରେ ଆଲୋଚନା ନକରି ଏକ ପାଖିଆ ଭାବେ ନିଷ୍ପତ୍ତି ନିଆଯାଇଛି। ବିଜେଡି-କଂଗ୍ରେସର ଏହି ମଧୁଚନ୍ଦ୍ରିକା କଂଗ୍ରେସ କର୍ମୀଙ୍କୁ ଦୁଃଖ ଦେଇଛି।ଶ୍ରୀ ଗମାଙ୍ଗ ଆହୁରି କହିଛନ୍ତି ଯେ ସେ ତାଙ୍କ ବିବେକ ଅନୁସାରେ ଭୋଟ ଦେବେ। ଏଥିରେ ଦଳୀୟ ହ୍ୱିପ କାର୍ଯ୍ୟ କରେନି। ଏହା କୌଣସି ପ୍ରକାରେ ଦଳୀୟ ଶୃଙ୍ଖଳା ଭଙ୍ଗ କରୁନି।

### କାଳବୈଶାଖୀ ତାଣ୍ଡବ

# ଭାଙ୍ଗିଲା ୭୦ ଘର, ୨ ମୃତ

ଭୁବନେଶ୍ୱର, ୧୫।୩(ମହାଭାରତ): ମୟୂରଭଞ୍ଜ କରଞ୍ଜିଆ ବ୍ଲକ୍ କିଆ ଗାଁରେ ରବିବାର ତାଣ୍ଡବ ରଚିଛି କାଳବୈଶାଖୀ। ପୂରା ଗାଁ ଛାରଖାର ହୋଇଯାଇଛି। ଘର ଭାଙ୍ଗିଛି। ଗଛ ଭାଙ୍ଗିଛି। ବିଦ୍ୟୁତ୍ ଖୁଣ୍ଟ ଉପୁଡି ଯାଇଛି। ତା’ସହିତ ଜୀବନହାନି ହୋଇଛି।ଭୟଙ୍କର ପବନରେ ପ୍ରାୟ ୭୦ଟି ଘର ଭାଙ୍ଗିଥିବା ବେଳେ ୨ ଜଣଙ୍କ ମୃତ୍ୟୁ ଘଟିଛି। ୨୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୬ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ସମସ୍ତ ଆହତଙ୍କୁ କରଞ୍ଜିଆ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।ଆଜି ଦ୍ୱିପହରରେ କିଆ ଗାଁରେ ହଠାତ୍ ପ୍ରବଳ ପବନ ହେବା ସହିତ ବର୍ଷା ହୋଇଥିଲା। ଏତେ ଜୋରରେ ପବନ ହୋଇଥିଲା ଯେ ରାସ୍ତାରେ ଯାଉଥିବା କିଛି ବାଇକ୍‌କୁ ଏହା ଉଡାଇ ନେଇଥିଲା। ଗୋଟିଏ ବାଇକ୍ ଗାଁ ପୋଖରୀ ପାଖରେ ପଡିଥିଲା। ଏକ ଅଟୋ ବି ପବନ ପ୍ରଭାବରେ ଓଲଟି ପଡିଥିଲା। ତାହା ଉଡିଯାଇ ପୋଖରୀ ଭିତରେ ପଡିଥିଲା। ଗାଁର ଆଜବେଷ୍ଟସ୍, ଖପର ଓ ଚାଳ ଘରଗୁଡିକ କ୍ଷତିଗ୍ରସ୍ତ ହୋଇଛି। ଗୋଟିଏ ଗୋଟିଏ ଘରୁ ଏକାଧିକ ଆଜ୍‌ବେଷ୍ଟସ ଉଡି ଯାଇଛି। ରାସ୍ତା ସାରା ଗଛଗୁଡିକର ଡାଳ ଭାଙ୍ଗି ପଡିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିବା ସହିତ ୨ ମୃତକଙ୍କ ପରିବାର ପାଇଁ ସହାୟତା ଘୋଷଣା କରିଛନ୍ତି। ଦୁଇ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏ ଦିଆଯିବ। ଏହା ସହିତ ଆହତଙ୍କୁ ମାଗଣା ଚିକିତ୍ସା ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ମୟୂରଭଞ୍ଜ ଜିଲ୍ଲାପାଳ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ କାଳବୈଶାଖୀ ପ୍ରଭାବରେ କନ୍ଧମାଳ ଜିଲ୍ଲାର



କଳିଙ୍ଗା ଠାରେ ପ୍ରବଳ କୁଆ ପଥର ସାଙ୍ଗକୁ ବର୍ଷା ହୋଇଛି। ଅଚାନାକ ଅପରାହ୍ନରେ ହଠାତ ମେଘ ଘଡ଼ଘଡ଼ି ହୋଇଯିବା ପରେ ପ୍ରବଳ ବର୍ଷା ସହିତ ପବନ ହୋଇଥିଲା। ତା’ ସାଙ୍ଗକୁ ପ୍ରବଳ କୁଆ ପଥର ମାଡ ହୋଇଥିଲା। ଏତେ ଜୋରରେ ବର୍ଷା ହୋଇଥିଲା ଯେ କିଛି ଲୋକଙ୍କ ଘରେ ପାଣି ପଶି ଯାଇଥିଲା।

# ଆତ୍ମସମର୍ପଣ କଲେ ୧୧ ନକ୍ସଲ

ଭୁବନେଶ୍ୱର, ୧୫।୩(ମହାଭାରତ);: କଳାହାଣ୍ଡି ଜିଲ୍ଲାରେ ନକ୍ସଲ ବିରୋଧୀ ଅଭିଯାନରେ ପୁଲିସ୍‌କୁ ମିଳିଛି ବଡ଼ ସଫଳତା। କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସ୍ଥିତ ରିଜର୍ଭ ପୁଲିସ ପଡ଼ିଆରେ ରବିବାର ପୁଲିସ ମହାନିର୍ଦ୍ଦେଶକ (ଡିଜିପି) ୱାଇ ବି ଖୁରାନିଆଙ୍କ ଉପସ୍ଥିତିରେ ୧୧ ଜଣ ନକ୍ସଲ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରେ ୪ ଜଣ ପୁରୁଷ ଓ ୭ ଜଣ ମହିଳା ଅଛନ୍ତି।ଆତ୍ମସମର୍ପଣ କରିଥିବା ଏହି ପୁଲିସର ଲଗାତାର କମ୍ବିଂ ଅପରେସନ୍ ଜନିତ ଚାପ ଓ ସରକାରଙ୍କ ଆତ୍ମସମର୍ପଣ ନୀତିରେ ଆକୃଷ୍ଟ ହୋଇ ସେମାନେ ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣ କରିଥିବା ନକ୍ସଲମାନଙ୍କୁ ସରକାରଙ୍କ ପୁନର୍ବାସ ନୀତି ଅନୁଯାୟୀ ସହାୟତା ଯୋଗାଇ ଦିଆଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ଏହି ଆତ୍ମସମର୍ପଣ କାର୍ଯ୍ୟକ୍ରମରେ ଡିଜିପିଙ୍କ ସହିତ ଇଓଏ (ନକ୍ସଲ ବିରୋଧୀ ଅପରେସନ) ସଂଜୀବ ପଣ୍ଡା, ସ୍ପେଶାଲ ଇଣ୍ଟେଲିଜେନ୍ସ ୱିଙ୍ଗ




ସମସ୍ତ ନକ୍ସଲ ବଂଶଧାରା-ଗୁମୁସର-ନାଗାବଳୀ ଡିଭିଜନର। ସେମାନଙ୍କ ମଧ୍ୟରେ ଜଣେ ଡିଭିସିଏମ୍, ୫ ଜଣ ଏରିଆ କମିଟି ମେମ୍ବର ବା ଇଓଗ ଓ ୫ ଜଣ ପାର୍ଟି ମେମ୍ବର ରହିଛନ୍ତି। ସେମାନେ ପୁଲିସକୁ ୧୧ଟି ବନ୍ଧୁକ ହସ୍ତାନ୍ତର କରିଛନ୍ତି। ତା’ ମଧ୍ୟରେ ଗୋଟିଏ ଏକେ-୪୭, ୪ଟି ଏସ୍ଏଲଆର ରାଇଫଲ ଓ ଗୋଟିଏ ଇନ୍ସାସ୍ ରାଇଫଲ ରହିଛି। ସେମାନଙ୍କ ମୁଣ୍ଡ ଉପରେ ମୋଟ ୬୩ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା।ଏହି ୧୧ ଜଣଙ୍କ ଆତ୍ମସମର୍ପଣ ସହିତ ନକ୍ସଲଙ୍କ ବଂଶଧାରା-ଗୁମୁସର-ନାଗାବଳୀ ଡିଭିଜନର ଅନ୍ତ ହୋଇଯାଇଛି। ଆଉ ଏଥିରେ କୌଣସି ସଦସ୍ୟ ନଥିବା କହିଛନ୍ତି ଡିଜିପି ୱାଇ ବି ଖୁରାନିଆ। ଦୀର୍ଘ ଦିନ ଧରି ନକ୍ସଲ ସଂଗଠନ ସହ ଜଡ଼ିତ ଥିବା ଏହି ନକ୍ସଲମାନେ ଶେଷରେ ହିଂସାର ପଥ ଛାଡ଼ି ସମାଜର ମୁଖ୍ୟ ସ୍ରୋତକୁ ଫେରିଛନ୍ତିୟ ଡିଆଇଜି ଅଖିଳେଶ୍ୱର ସିଂହଙ୍କ ସମେତ କଳାହାଣ୍ଡି ଏସପି ନାଗରାଜ ଦେବରକୋଣ୍ଡା, ନୂଆପଡା ଏସପି ଅମୃତପାଲ୍ ସିଂ, ନବରଙ୍ଗପୁର ଏସପି ମଡ଼କର ସନ୍ଦୀପ ସମ୍ପଦ, କନ୍ଧମାଳ ଜିଲ୍ଲା ଏସପି ହରିଶ ବି ସି ଓ ରାୟଗଡ଼ା ଏସପି ସ୍ୱସ୍ଥି ଏସ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ଏହା ସହିତ ରାଜ୍ୟ ପୁଲିସ୍ର ଅନ୍ୟ ବରିଷ୍ଠ ଅଧିକାରୀ ଓ ସିଆରପିଏଫର ଅଧିକାରୀ ଉପସ୍ଥିତ ରହିଥିଲେ।ବର୍ତ୍ତମାନ କଳାହାଣ୍ଡି, କନ୍ଧମାଳ ଓ ରାୟଗଡ଼ା ସୀମାନ୍ତରେ କକଇଘ (କଳାହାଣ୍ଡି-କନ୍ଧମାଳ-ବୌଦ୍ଧ-ନୟାଗଡ଼) ଡିଭିଜନର କେବଳ ୧୫ ଜଣ ନକ୍ସଲ ରହିଥିବା ବେଳେ ସେମାନଙ୍କ ଭିତରେ ଶୁକ୍ରୁ ରହିଛି। ସେମାନଙ୍କୁ ଆତ୍ମସମର୍ପଣ କରିବାକୁ ଓଡ଼ିଶା ପୁଲିସ ପକ୍ଷରୁ ଆହ୍ୱାନ ଦିଆଯାଇଛି। ନହେଲେ ସେମାନଙ୍କୁ ସୁରକ୍ଷାକର୍ମୀଙ୍କ ଅପରେସନ୍ର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ଡିଜିପି କହିଛନ୍ତି।

## ରାଜ୍ୟସଭା ନିର୍ବାଚନ ପୂର୍ବରୁ କଂଗ୍ରେସର ଗୁରୁତର ଅଭିଯୋଗ

ଭୁବନେଶ୍ୱର, ୧୫।୩(ମହାଭାରତ); ଆଗାମୀ ରାଜ୍ୟସଭା ନିର୍ବାଚନ ପୂର୍ବରୁ ରାଜ୍ୟରେ ରାଜନୈତିକ ଉଷ୍ମତା ବୃଦ୍ଧି ପାଇଛି। କଂଗ୍ରେସ ଅଭିଯୋଗ କରିଛି ଯେ ରାଉରକେଲାରୁ ତିନିଜଣ ବ୍ୟକ୍ତି ବାଙ୍ଗାଲୁରୁ ଯାଇ କଂଗ୍ରେସ ବିଧାୟକମାନଙ୍କୁ ପ୍ରଲୋଭିତ କରିବାର ଚେଷ୍ଟା କରୁଥିଲେ। ଅଭିଯୋଗ ଅନୁଯାୟୀ, ସେମାନେ ବ୍ଲାଙ୍କ ଚେକ ନେଇ ଯାଇଥିଲେ ଏବଂ ବିଧାୟକମାନଙ୍କୁ ନିର୍ଦ୍ଦିଷ୍ଟ ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କୁ ଭୋଟ ଦେବା ପାଇଁ ପ୍ରଲୋଭନ ଦେଉଥିଲେ। ଏହି ଘଟଣାରେ ୪ ଜଣ ଗିରଫ ହୋଇଛନ୍ତି। କଂଗ୍ରେସ ସାଂସଦ ସପ୍ତଗିରି ଉଲାକା କହିଛନ୍ତି ଯେ ଏହି ଘଟଣା ସମ୍ପର୍କରେ ସମ୍ପୃକ୍ତ୪ଜଣଙ୍କୁ ପୋଲିସର ଜିମା ଦିଆଯାଇଛି।

# ପାରାଦୀପକୁ ଦେଶର ବୃହତ ଅର୍ଥନୈତିକ ଅଞ୍ଚଳରେ ପରିଣତ କରାଯିବ: ମୁଖ୍ୟମନ୍ତ୍ରୀ

ପାରାଦୀପ, ୧୫।୩(ମହାଭାରତ);: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀପାରାଦୀପରେ ଆଗାମୀ ଦିନରେ ହେବାକୁ ଥିବା ବିଭିନ୍ନ ବୃହତ ଶିଳ୍ପ ପ୍ରତିଷ୍ଠା ସଂପର୍କରେ ଏକ ସମୀକ୍ଷା ବୈଠକ କରିଛନ୍ତି। ବୈଠକରେ ଆଗାମୀ ଦିନରେ ପାରାଦୀପ ଭାରତର ଏକ ବଡ ଇକୋନୋମିକ ଜୋନ ହେବାକୁ ଯାଉଛି ବୋଲି ମତ ଦେଇ ଏହି ଅଞ୍ଚଳରେ ସ୍ଥାପିତ ହେବାକୁ ଥିବା ସମସ୍ତ ଭିତ୍ତିଭୂମି ଓ ଶିଳ୍ପ ପ୍ରକଳ୍ପ ଗୁଡ଼ିକ ଯେପରି ତୁରନ୍ତ ଆରମ୍ଭ ହେବ, ସେଥିପାଇଁ ପଦକ୍ଷେପ ନେବାକୁ ସେ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ।



ପାରାଦ୍ୱୀପ ପୋର୍ଟର ସମ୍ପ୍ରସାରଣ, ଜାହାଜ ନିର୍ମାଣ ଓ ମରାମତି କାରଖାନା,ବନ୍ଦର ବିକାଶ ପାଇଁ ଆବଶ୍ୟକ ବିଭିନ୍ନ ପ୍ରକଳ୍ପ, ଆଇଓସିଏଲ୍ ଏବଂ ଜେଏସଡବ୍ଲୁ ପକ୍ଷରୁ ବିକଶିତ ହେବାକୁଥିବା ଶିକ୍ଷାନୁଷ୍ଠାନ ବିଷୟରେ ବୈଠକରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲାୟ ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଇକୋନୋମିକ ରିଜନ, ଇଗଘଝ ଓଭୟସବ ପକ୍ଷରୁ ପାରାଦୀପରେ ବିକଶିତ ହେବାକୁ ଥିବା ବିଭିନ୍ନ ପ୍ରକଳ୍ପର ସମୀକ୍ଷା ସହ ପାରାଦ୍ୱୀପ ପେଟ୍ରୋ କେମିକାଲ ପ୍ରକଳ୍ପ , ଇଣ୍ଟିଗ୍ରେଟେଡ ଷ୍ଟିଲ ପ୍ରୋଜେକ୍ଟ ପ୍ରତିଷ୍ଠା ସହିତ ଏସବୁ ପ୍ରକଳ୍ପ ଗୁଡିକର ଭୂମି ଅଧିଗ୍ରହଣ ଠାରୁ ଆରମ୍ଭ କରି ବିଭିନ୍ନ ଅନୁମୋଦନ ଏବଂ ଅନ୍ୟାନ୍ୟ ସମସ୍ତ କାର୍ଯ୍ୟ ବିଷୟରେ ବୈଠକରେ ଆଲୋଚନା ହୋଇଥିଲା। ପଡିରହିଥିବା କାର୍ଯ୍ୟକୁ ଯଥାଶିଘ୍ର ସମାଧାନ କରି ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କାମକୁ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଜିଲ୍ଲା ପ୍ରଶାସନ ଓ ଶିକ୍ଷାନୁଷ୍ଠାନର ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେୟ ସମସ୍ତ ଶିକ୍ଷାନୁଷ୍ଠାନରେ ଓଡ଼ିଶା ର ଯୁବପିଢୀ ବିଶେଷ କରି ସ୍ଥାନୀୟ ଯୁବଗୋଷ୍ଠୀ ଙ୍କୁ ନିଯୁକ୍ତି ଦେବାପାଇଁ ମୁଖ୍ୟମନ୍ତ୍ରୀ ପ୍ରାଧାନ୍ୟ ଦେଇଥିଲେ। ଏହି ବୈଠକରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଜଗତସିଂପୁର ଜିଲ୍ଲାପାଳ ଜେ ସୋନାଲ, ପାରାଦୀପ ବନ୍ଦର କର୍ତ୍ତୃପକ୍ଷ, ଆଇଓସିଏଲ୍, ଜେଏସ ଡବ୍ଲୁ ଏଏମଏନ୍ ଏସ ଇଣ୍ଡିଆର ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ବହି କେବଳ ନୁହେଁ, ଅନୁଭୂତିମୂଳକ ଶିକ୍ଷା ହିଁ ଗଢ଼ିବ ଦକ୍ଷ ନାଗରିକ - ଧର୍ମେନ୍ଦ୍ର ପ୍ରଧାନ

ସମ୍ବଲପୁର, ୧୫।୩(ମହାଭାରତ); ଶିକ୍ଷା କେବଳ ପାଠ୍ୟପୁସ୍ତକ ମଧ୍ୟରେ ସୀମିତ ରହିବା ଉଚିତ୍ ନୁହେଁ । ପିଲାମାନେ ବହିରୁ ଯାହା ପଢ଼ନ୍ତି, ତା’ଠାରୁ ଅଧିକ ସେମାନେ ନିଜ ପରିବେଶ ଓ ଅନୁଭୂତିରୁ ଶିଖନ୍ତି । ପାରମ୍ପରିକ ଶିକ୍ଷାର ସୀମା ଲଂଘି ପିଲାଙ୍କୁ ଅନୁଭୂତିମୂଳକ ଶିକ୍ଷା ଦେବା ଆମ ସମସ୍ତଙ୍କର ଦାୟିତ୍ୱ ବୋଲି ଆଜି ସମ୍ବଲପୁରର ଭାଲୁବାହାଲରେ ‘ବିର୍ଲା ଓପନ୍ ମାଇଣ୍ଡସ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍’ର ଉଦଘାଟନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ ।



ଜାତୀୟ ଶିକ୍ଷା ନୀତି ୨୦୨୦ର ଗୁରୁତ୍ୱ ଏବଂ ମାତୃଭାଷା ଆଧାରିତ ଶିକ୍ଷା ଉପରେ ଆଲୋକପାତ କରି କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, କେବଳ ଇଂରାଜୀରେ ପଢିଲେ ପିଲାମାନେ ଗ୍ଲୋବାଲ୍ ବା ଆନ୍ତର୍ଜାତୀୟ ସ୍ତରର ହେବେ ନାହିଁ । ମାତୃଭାଷାରେ ଶିକ୍ଷା ଗ୍ରହଣ କଲେ ହିଁ ପିଲାଙ୍କ ବୁଝିବାର ଶକ୍ତି ବୃଦ୍ଧି ପାଏ ଏବଂ ସେମାନଙ୍କ ଚିନ୍ତାଧାରାରେ ସ୍ୱଚ୍ଛତା ଆସିଥାଏ । ଜାପାନ, ଜର୍ମାନ ଏବଂ ଚୀନ ଭଳି ବିକଶିତ ରାଷ୍ଟ୍ରର ଉଦାହରଣ ଦେଇ ସେ କହିଛନ୍ତି ଯେ, ଏହି ଦେଶଗୁଡ଼ିକରେ ବିଜ୍ଞାନ ଓ ସର୍ବୋତ୍ତମ ଶିକ୍ଷା ନିଜ ମାତୃଭାଷାରେ ହିଁ ଦିଆଯାଏ । ତେଣୁ ଆମକୁ ମଧ୍ୟ ଆମର ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ମାତୃଭାଷା ଅନୁସାରେ ଶିକ୍ଷା ପ୍ରଦାନ କରିବା ଆବଶ୍ୟକ । କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି, ଜାତୀୟ ଶିକ୍ଷା ନୀତି ୨୦୨୦ ଅଧୀନରେ ନର୍ସରୀରୁ କେଜି ୧ ଓ କେଜି ୨ ପର୍ଯ୍ୟନ୍ତ ’ବାଲବାଟିକା’ ମାଧ୍ୟମରେ ପିଲାଙ୍କୁ ମାତୃଭାଷାରେ ପଢାଇବାକୁ ଗୁରୁତ୍ୱ ଦିଆଯାଇଛି । ପିଲାମାନେ କେବଳ ବହିରୁ ନୁହେଁ, ବରଂ ଖେଳ, ନୃତ୍ୟ, ସଙ୍ଗୀତ ମାଧ୍ୟମରେ ପାଠ ଶିଖୁଛନ୍ତି । ପ୍ରଥମ ଥର ପାଇଁ ପାଠ ସହ ଦକ୍ଷତାକୁ ଗୁରୁତ୍ୱ ଦିଆଯାଇଛି । ବିର୍ଲା ଓପନ୍ ମାଇଣ୍ଡସ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍ ମଧ୍ୟ ଏହିଭଳି ବ୍ୟବସ୍ଥା ଆପଣାଇବା ଦରକାର । ବୀର ସୁରେନ୍ଦ୍ର ସାଏଙ୍କ ବୀରତ୍ୱ ଏବଂ କୁଦୋପାଲିର ସଂଗ୍ରାମୀଙ୍କ ବଳିଦାନକୁ ମନେ ପକାଇ ଶ୍ରୀ ପ୍ରଧାନ କହିଛନ୍ତି ଯେ, ଆମ ଶିକ୍ଷା ବ୍ୟବସ୍ଥା ଦୀର୍ଘ ଦିନ ଧରି ଗୋଲାମୀ ମାନସିକତା ଦ୍ୱାରା ପ୍ରଭାବିତ ହୋଇ ରହିଥିଲା । କିନ୍ତୁ ବର୍ତ୍ତମାନ ସମୟରେ ପିଲାମାନେ ନିଜ ସଂସ୍କୃତି ଓ ପରମ୍ପରା ସହ ଯୋଡି ହେବା ଆବଶ୍ୟକ । ଘଣ୍ଟା, ଦେବ୍ରିଗଡ଼ ଏବଂ ହୀରାକୁଦ ଭଳି ସ୍ଥାନ ପରିଦର୍ଶନ କରି ପିଲାମାନେ ସେହି ସ୍ଥାନରୁ ବାସ୍ତବ ଅଭିଜ୍ଞତା ହାସଲ କରିବା ଉଚିତ୍ । କ୍ଲାସରୁମ୍ ମଧ୍ୟରେ ପିଲାଙ୍କ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଉପରେ ସ୍ୱତନ୍ତ୍ର ଧ୍ୟାନ ଦେବା ଦିଗରେ ଶ୍ରୀ ପ୍ରଧାନ ଗୁରୁତ୍ୱାରୋପ କରିଥିଲେ । ଏଥିସହିତ ଶ୍ରୀ ପ୍ରଧାନ ଶିକ୍ଷା କ୍ଷେତ୍ରରେ ଏଆଇର ସହଯୋଗ ନେବାକୁ ସେ ସ୍କୁଲର ଶିକ୍ଷକମାନଙ୍କୁ ପରାମର୍ଶ ଦେଇଛନ୍ତି ।

## ଚିକେନ ଲଲିପପ

**ଆବଶ୍ୟକ ସାମଗ୍ରୀ:** ଚିକେନ, ସୋୟା ସସ, ଚିଲି ସସ, ଟମାଟୋ କ୍ୟାଚଅପ୍, ଲେମ୍ବୁ ରସ, ଅଦାରସୁଣ ପେଷ୍ଟ, ଲୁଣ, ଗୋଲମରିଚ ଗୁଣ୍ଡ, ଅଣ୍ଡା, କର୍ଣ୍ଣଫ୍ଲୋର, ମଇଦା, ଚିଲି ଫ୍ଲେକ୍ସ, ସ୍ପ୍ରିଙ୍ଗ ଓନିଅନ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଏକ ବାଉଲରେ ସୋୟା ସସ, ଚିଲିସସ, ଟମାଟୋ କ୍ୟାଚଅପ, ଲେମ୍ବୁ ରସ, ଅଦାରସୁଣ ପେଷ୍ଟ, ଲୁଣ, ଗୋଲମରିଚ ଗୁଣ୍ଡ, ଅଣ୍ଡା, କର୍ଣ୍ଣଫ୍ଲୋର ଓ ମଇଦା, ଲୁଣକୁ ମିଶାଇ ଏକ ଭଲ ଘୋଳ ପ୍ରସ୍ତୁତ କରନ୍ତୁ। ଏହାପରେ ସେଥିରେ ଚିକେନକୁ ମ୍ୟାରିନେଟ କରି ଗୋଟିଏ ଘଣ୍ଟା ପାଇଁ ଛାଡ଼ି ଦିଅନ୍ତୁ। ଏହାପରେ ଏକ କଡ଼େଇରେ ତେଲ ଗରମ କରି ଚିକେନକୁ ଫ୍ରାଏ କରି ରଖନ୍ତୁ। ଏବେ ଆଉ ଏକ ପ୍ୟାନରେ କିଛି ତେଲ ନେଇ ସେଥିରେ ଛୋଟ ଛୋଟ କଟା ଯାଇଥିବା, ଅଦା, ରସୁଣ, ଚିଲି ଫ୍ଲେକ୍ସ, ଚିଲି ସସ, ସୋୟା ସସ, ଟମାଟୋ କ୍ୟାଚଅପ୍, ଲୁଣ ମିଶାଇ ଗୋଳାନ୍ତୁ। ଅଳ୍ପ କିଛି ପାଣି ମିଶାନ୍ତୁ। ଏହାପରେ ସେଥିରେ ଛଣା ଯାଇଥିବା ଚିକେନ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏହା ଉପରେ କିଛି ସ୍ପ୍ରିଙ୍ଗ ଓନିଅନ ପକାନ୍ତୁ। ଏଥର ଚିକେନ ଲଲିପପ ପ୍ରସ୍ତୁତ ହୋଇଗଲା।



..... ପରଦା ଖବର ......

## ଅଭିଷେକ ଶର୍ମାଙ୍କୁ ଅଟୋଗ୍ରାଫ ମାଗିଲେ ଅକ୍ଷୟ କୁମାର



ଅଭିଷେକ ଶର୍ମାଙ୍କୁ ଅଟୋଗ୍ରାଫ ମାଗିଲେ ଅକ୍ଷୟ କୁମାର ।ବଲିଉଡର ନମ୍ବର ୧ ଖିଲାଡି ଇଣ୍ଡିଆ ଟୁଡେର କନକ୍ଲେଭ ୨୦୨୬ରେ ଅତିଥି ଭାବେ ଯୋଗ ଦେଇଥିଲେ । ଏହି କନକ୍ଲେଭରେ ଅଭିଷେକ ଶର୍ମା ଏବଂ ସଂଜୁ ସାମସନ ଯୋଗ ଦେଇଥିଲେ । ଏଠାରେ ଅକ୍ଷୟ କୁମାର ଏବଂ ଅଭିଷେକ ଶର୍ମାଙ୍କ ଯୁଗଳବନ୍ଦୀ ଦେଖିବାକୁ ମିଳିଥିଲା । ଦୁହେଁ ପରସ୍ପର ସହିତ ବହୁତ ମସ୍ତି କରିଥିଲେ ।କ୍ରିକେଟର ଅଭିଷେକ ଶର୍ମା ଅକ୍ଷୟ କୁମାରଙ୍କ ନିଜ ବ୍ୟାଟ୍ ଗିଫ୍ଟ ଦେଇଥିଲେ। ଅଭିଷେକ ଶର୍ମା ଆଇସିସି ମେନ୍ସ ଟି୨୦ ବିଶ୍ୱକପ ଫାଇନାଲରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଅର୍ଦ୍ଧଶତକ ମାରିଥିଲେ । ଇଭେ□ରେ ଅଭିଷେକ ଶର୍ମା ବଲିଉଡ ଖିଲାଡି କୁମାରଙ୍କୁ ଟିପ୍ସ ଦେଇଥିଲେ । ଅକ୍ଷୟ ଅଭିଷେକଙ୍କ ବ୍ୟାଟରେ ଅଟୋଗ୍ରାଫ ମାଗିବାରୁ ଅଭିଷେକ କହିଥିଲେ, ସେହି ବ୍ୟାଟରେ ଅଟୋଗ୍ରାଫ ଦେବି, ଯେଉଁଥିରେ ମୁଁ ଟି୨୦ ବିଶ୍ୱକପରେ ବ୍ୟାଟିଂ କରିଥିଲି ୟ ଅଭିଷେକ ଅକ୍ଷୟ କୁମାରଙ୍କୁ ବ୍ୟାଟ୍ ଗିଫ୍ଟ ଭାବେ ଦେବେ ବୋଲି କହିଥିଲେ ।ଅକ୍ଷୟ କୁମାର ମାର୍ଶଲ ଆର୍ଟସ୍ ଏବଂ ସ୍ପୋଟସ ପ୍ରେମୀ । ଏହି କନକ୍ଲେଭ ସମୟରେ ଅଭିଷେକ ଏବଂ ଅକ୍ଷୟଙ୍କ ମଧ୍ୟରେ ମଜାଦାର ଡ୍ୟାନ୍ସ ଦେଖିବାକୁ ମିଳିଥିଲା । ଅକ୍ଷୟ ଅଭିଷେକଙ୍କ ଉପଲବ୍ଧି ଏବଂ ଟିମ୍ ଇଣ୍ଡିଆ ବିଶ୍ୱକପ ଜିତିବା ନେଇ ପ୍ରଶଂସା କରିଥିଲେ ।

## ଅନନ୍ୟ ପର୍ଯ୍ୟଟନସ୍ଥଳୀ ମଣ୍ଡନଗିରୀ


ଖୋର୍ଦ୍ଧା ଜିଲ୍ଲା ବୋଲଗଡ ବ୍ଲକ ସଂପୁରସ୍ଥିତ ମଣ୍ଡନଗିରୀ ହେଉଛି ସର୍ବପୁରାତନ ରଘୁନାଥଙ୍କ ବିଜେସ୍ଥଳୀ। କାହିଁ କେଉଁ କାଳରୁ ରହି ଆସିଛି ଏହି ମନ୍ଦିରର ଐତିହାସିକ କିମ୍ବଦନ୍ତୀ। ପ୍ରକୃତି ରାଣୀ ସତେ ସଜାଇ ଦେଇଛି ଏହି ମନୋରମ ପର୍ବତମାଳା, ଝରଣାର କୁଳୁକୁଳୁ ନାଦ, ଚଢେଇର କିଚିରିମିଚିରି ଶବ୍ଦ ଓ ଭକ୍ତମାନଙ୍କର ମାନସିକ ପୁରଣ ହେବାର ସମ୍ପୂର୍ଣ୍ଣ ବିଶ୍ୱାସ। ସେଇଥି ପାଇଁ ବର୍ଷକ ବାର ମାସ ହଜାର ହଜାର ଶ୍ରଦ୍ଧାଳୁ ଏହି ସ୍ଥାନକୁ ଆସିଥାନ୍ତି। ସମୁଦ୍ର ପଉନ ଠାରୁ ୧୨ ଶହ ଫୁଟରେ ଜଳ ପୂର୍ଣ୍ଣ ପୁଷ୍କରୀଣୀ ଅତ୍ୟନ୍ତ ମନୋରମ। ମନ୍ଦରର ପୂର୍ବ ପାର୍ଶ୍ୱରେ ଠାକୁରଙ୍କ ପାଦ ଚିହ୍ନ, ବିଚାରସ୍ଥଳୀ, କାଶିଆକପିଳା ପାହାଡ, ସିଦ୍ଧ ଗୁମ୍ଫା, କିଆଝର, ବାଘ ଗୁମ୍ଫା ଭଳି ବିଭିନ୍ନ କିମ୍ବଦନ୍ତୀ ଏଠାରେ ଦେଖିବାକୁ ମିଳେ। ବର୍ତ୍ତମାନର ଆଧୁନିକ ଯୁଗରେ ସେଲିଫି ନେବା ପାଇଁ ବହୁ ଯୁବ ବର୍ଗଙ୍କ ପେଣ୍ଠସ୍ଥଳୀ ପାଲଟିଛି ଏହି ମଣ୍ଡନଗିରୀ ପର୍ବତମାଳା। ପର୍ଯ୍ୟଟନର ମାନ୍ୟତା ପାଇଥିଲେ ମଧ୍ୟ ଏଠାରେ ବହୁ ସମସ୍ୟା ଦେଖା ଦେଇଛି। ଏହି ସମସ୍ୟା ଗୁଡିକ ପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସଞ୍ଜୟ ସ୍ୱାଇଁ, ଅବିନାଶ ମହାନ୍ତି, ସାମ୍ବାଦିକ ନିରଞ୍ଜନ ପଟ୍ଟନାୟକ, ପ୍ରଦୀପ ମହଲା, ପୁର୍ଣ୍ଣଚନ୍ଦ୍ର ଲେଙ୍କା, ଶେଷଦେବ ସ୍ୱାଇଁ, ପ୍ରଦିପ୍ତ ଘଡେଇ, ମାନସ ଲେଙ୍କା ତଥା ସମାଜସେବୀ ଓ ସଂପୁର ଗ୍ରାମବାସୀ ଦାବି ଜଣାଇଛନ୍ତି।



## କେବେ ଶୁଭିଥିଲା ଶ୍ରୀକୃଷ୍ଣଙ୍କ ଶେଷ ବଂଶୀସ୍ୱନ ?

ରାଧା-କୃଷ୍ଣଙ୍କ ପ୍ରେମ କାହାଣୀକୁ ଆତ୍ମା ସହ ପରମାତ୍ମାଙ୍କ ମିଳନ ବୋଲି କୁହାଯାଏ। ଯେବେ ବି ପବିତ୍ର ପ୍ରେମର ଉଦାହରଣ ଦିଆଯାଏ, ସେତେବେଳେ ପୁରାଣବର୍ଣ୍ଣିତ ଶ୍ରୀକୃଷ୍ଣ ଓ ଶ୍ରୀରାଧାଙ୍କ ଅନାବିଳ ପ୍ରେମ କାହାଣୀ ହିଁ କୁହାଯାଏୟ ଗୋପପୁରରେ ରାଧା-କୃଷ୍ଣଙ୍କ ପ୍ରେମକୁ ନେଇ ଅନେକ ବର୍ଣ୍ଣନା ପୁରାଣରେ ରହିଛି। ସେହି ବର୍ଣ୍ଣନା ଅନୁସାରେ ରାଧା-କୃଷ୍ଣଙ୍କ ଏହି ମିଳନରେ ପ୍ରମୁଖ ଭୂମିକା ନେଇଥିଲା ବଂଶୀ। ତେଣୁ ଶ୍ରୀକୃଷ୍ଣଙ୍କ ଅତି ପ୍ରିୟ ଥିଲା ବଂଶୀ। ଗୋଟିଏ ମୁହୂର୍ତ୍ତ ବି ସେ ବଂଶୀକୁ ନିଜ ପାଖରୁ ଅଲଗା କରୁ ନ ଥିଲେ। କୁହାଯାଏ, ଶ୍ରୀରାଧାଙ୍କ ପରେ ବଂଶୀ ହିଁ ଥିଲା ଶ୍ରୀକୃଷ୍ଣଙ୍କ ପ୍ରିୟତମ। ଏହି ବଂଶୀର ସ୍ୱର ଶୁଣି ହିଁ ରାଧା ତାଙ୍କ ପାଖକୁ ପାଗଳି ପରି ଧାଇଁ ଆସୁଥିଲେ। ତେଣୁ ଶ୍ରୀକୃଷ୍ଣ ବଂଶୀକୁ କେବେ ବି ନିଜ ପାଖରୁ ଦୂରେଇ ରଖୁ ନଥିଲେ। କାହ୍ନାଙ୍କର ପ୍ରିୟ ଏହି ବଂଶୀକୁ ହିଁ ପ୍ରେମର ପ୍ରତୀକ ବୋଲି କୁହାଯାଏ।





## କାଶ୍ମୀରର ପାରମ୍ପରିକ ଖାଦ୍ୟ



କେତେକ ପାରମ୍ପରିକ ଖାଦ୍ୟ କାଶ୍ମୀରରେ ଖୁବ ପ୍ରସିଦ୍ଧ। ଆସନ୍ତୁ ଜାଣିବା ସେହି ଖାଦ୍ୟ ବିଷୟରେ...

କାଶ୍ମୀର ପଲାଉ : ଏଠାରେ ପ୍ରସ୍ତୁତ ହେଉଥିବା କାଶ୍ମୀର ପଲାଉ ସୁନ୍ଦର ବାସ୍ନାର ବାସୁମତୀ ଚାଉଳକୁ କ୍ଷୀର, ଚିନି ଓ ଡ୍ରାଏ ଫ୍ରୁଟ୍ସକୁ ପକାଇ ପ୍ରସ୍ତୁତ କରାଯାଏ। ଖାଇବାକୁ ଏହା ଖୁବ ସୁଆଦିଆ।

ଆମିଷ ପ୍ରେମୀ ମାନେ ସାଧାରଣତଃ ବାସୁମତୀ ଚାଉଳରେ ମଟନ ପକାଇ ପଲାଉ ପ୍ରସ୍ତୁତ କରି ଖାଇଥାଆନ୍ତି।

ନଦର ୟଖ୍ନା : ଏହା ଏକ ଶାକାହାରୀ କାଶ୍ମୀର ବ୍ୟଞ୍ଜନ ଅଟେ। ଏହା ଦହି, ଅଦା, ତେଜପତ୍ର ଆଦି ପକାଇ ଏହାକୁ ପ୍ରସ୍ତୁତ କରାଯାଏ। ଖାଇବାକୁ ଏହା ଖୁବ ସୁଆଦିଆ।

ୟୋଗର୍ଟ କରୀ :

ଦହି ସହ ଗୋଲମରିଚ, ଗୁଜୁରାତି, ପିଆଜ ବଟା ଆଦି କେତେ ପ୍ରକାର ଦ୍ରବ୍ୟକୁ ମିଶାଇ ଏହାକୁ ପ୍ରସ୍ତୁତ କରାଯାଏ। ଏହା ଖୁବ ସ୍ୱାଦିଷ୍ଟ ଓ ଏହାର ବାସ୍ନା ମଧ୍ୟ ଖୁବ ଭଲ। ୟୋଗର୍ଟ କରୀ ପ୍ରସ୍ତୁତ କରିବା ପରେ ଏହାଉପରେ ଶୁଖିଲା ପୁଦିନା ପତ୍ର ମଧ୍ୟ ପକାଯାଏ।

ମଟନ ରୋଗନ ଜୋଶ :

ଏହା କାଶ୍ମୀରର ଏକ ପ୍ରସିଦ୍ଧ ବ୍ୟଞ୍ଜନ ଅଟେ। ଏହାକୁ ମଟନ ସହ ଭଜା ପିଆଜ, ବିଭିନ୍ନ ପ୍ରକାରର ମସଲା ଦହି ପକାଇ ପ୍ରସ୍ତୁତ କରାଯାଏ। ଏଥିରେ କାଶ୍ମୀର ଲଙ୍କା ଗୁଣ୍ଡ ପକାଇବା ପରେ ଏହାର ରଙ୍ଗରେ ପରିବର୍ତ୍ତନ ଆସେ ଓ ସ୍ୱାଦ ବଢିଯାଏ।

ମଟନ ରୀଷ୍ଟା :

ଏହି ବ୍ୟଞ୍ଜନ ବିଶେଷ କରି ଥଣ୍ଡା ସମୟରେ ଓ ସ୍ୱତନ୍ତ୍ର ସମୟରେ ପ୍ରସ୍ତୁତ କରାଯାଏ। ଏହି ବ୍ୟଞ୍ଜନ ମସଲା ଯୁକ୍ତ, ଦହି ଓ ବୋନଲେସ୍ ମଟନରେ ପ୍ରସ୍ତୁତ କରାଯାଏ। ଖାଇବାକୁ ମଧ୍ୟ ଏହା ଖୁବ ସୁଆଦିଆ।

ହାକ :

ହାକ ଦେଖିବାକୁ ପାଳଙ୍ଗ ଶାଗ ଭଳି। ଏହାକୁ ପ୍ରସ୍ତୁତ କରିବାକୁ ସୋରିଷ ତେଲର ବ୍ୟବହାର କରାଯାଏ। ସୋରିଷ ତେଲରେ ମସଲା ପକାଇ ପାଳଙ୍ଗ ଶାଗକୁ ୩୦ ମିନିଟ ଯାଏଁ ପ୍ରସ୍ତୁତ କରାଯାଏ। ଖାଇବାକୁ ଏହି ବ୍ୟଞ୍ଜନ ସୁଆଦିଆ ଓ ସ୍ୱାସ୍ଥ୍ୟକର ଅଟେ।

କାଶ୍ମୀର ଶାଗ :

ଏହି ପ୍ରକାରର ବ୍ୟଞ୍ଜନକୁ ସାଧାରଣତଃ ଶୀତଦିନରେ ଅଧିକ ଖାଇବାକୁ ମିଳିଥାଏ। ପିଆଜ, ଟମାଟୋ, କଞ୍ଚା ଲଙ୍କା, ମସଲା ଆଦି ପକାଇ ପ୍ରସ୍ତୁତ କରାଯାଏ। ଏହା ମଧ୍ୟ ଖାଇବାକୁ ଖୁବ ସୁଆଦିଆ।



## ଆର୍ଥିକ ସଙ୍କଟ ଦୂରେଇବାକୁ ହେଲେ ଅଣଦେଖା କରନ୍ତୁନି ଏହିସବୁ ନିୟମ

ଜୀବନରେ ବାସ୍ତୁଶାସ୍ତ୍ରର ଅନେକ ମହତ୍ତ୍ୱ ରହିଛି। ବାସ୍ତୁଶାସ୍ତ୍ର ଜୀବନଶୈଳୀ ଉପରେ ବିଭିନ୍ନ ପ୍ରଭାବ ପକାଇଥାଏ। ବାସ୍ତୁଶାସ୍ତ୍ର ଅନେକ ସମସ୍ୟା ସମାଧାନ କରିଥାଏ। ସେଥିପାଇଁ ଲୋକେ ଘର ତିଆରି କରିବା ପୂର୍ବରୁ ବାସ୍ତୁଶାସ୍ତ୍ରର ସବୁ ଦିଗ ପ୍ରତି ଦୃଷ୍ଟି ନେଇ ଘର ତିଆରି କରିଥାନ୍ତି। ବାସ୍ତୁ ନିୟମ ଅନୁସରଣ କରି ଜୀବନକୁ ସୁଖମୟ କରାଯାଇପାରିବ। ବାସ୍ତୁଶାସ୍ତ୍ରରେ ଏମିତି କିଛି ନିୟମ ରହିଛି ଯାହାକୁ ଅଣଦେଖା କରିବା ଦ୍ୱାରା ଜୀବନ ଉପରେ ତାର ନକାରାତ୍ମକ ପ୍ରଭାବ ପଡିଥାଏ। ନକାରାତ୍ମକ ପ୍ରଭାବ ଅନେକ ସମସ୍ୟା ସୃଷ୍ଟି କରିପାରେ। ବାସ୍ତୁଶାସ୍ତ୍ରର ଏହି ସରଳ ନିୟମ ପାଳନ କରିବା ଦ୍ୱାରା ଜୀବନରେ ସକାରାତ୍ମକ ପ୍ରଭାବ ପଡିବ। ବାସ୍ତୁଶାସ୍ତ୍ରରେ ଏମିତି ବି କିଛି ନିୟମ ରହିଛି ଯାହାକୁ ଅଣଦେଖା କଲେ ଆର୍ଥିକ ସଙ୍କଟ ମଧ୍ୟ ଦେଖାଦେଇପାରେ।



ଜାଣନ୍ତୁ ବାସ୍ତୁଶାସ୍ତ୍ରର ସରଳ ନିୟମ :

୧. ଘର ସର୍ବଦା ସଫାସୁତୁରା ଓ ସ୍ୱଚ୍ଛ ରଖିବା ଉଚିତ।

୨. ଘରେ ଯେଉଁ ସ୍ଥାନରେ ଟ୍ରେଜେରି ଅଛି ବା ଧନ ରଖନ୍ତି ସେଠାରେ ବୁଢିଆଣୀ ଜାଲ ରହିବାକୁ ଦିଅନ୍ତୁନି, ସର୍ବଦା ସଫା ରଖନ୍ତୁ।

୩. ଟଙ୍କା ରଖୁଥିବା ଆଲମିରା ବା ଟ୍ରେଜେରି ଏହିଭଳି ରଖନ୍ତୁ ଯେପରି ତାହା ଉତ୍ତର ଦିଗ ଆଡକୁ ଖୋଲୁଥିବ।

୪. ଯେଉଁ ଆଲମିରାରେ ଆପଣ ଟଙ୍କା, ଗହଣା ଆଦି ରଖୁଛନ୍ତି ତାହା କେବେ ବି ଦକ୍ଷିଣ ଦିଗ ଆଡକୁ ଖୋଲିବା ଉଚିତ ନୁହେଁ, ତାର ମୁହଁ ଉତ୍ତର ଆଡକୁ ରହିବା ଉଚିତ।

୫. ଘରେ ଅଯଥା ପାଣି ନଷ୍ଟ କରନ୍ତୁନି, ଘରେ ନଳରୁ ପାଣି ଝରିବା ଶୁଭ ନୁହେଁ, ଘରେ ଅଯଥା ନଳରୁ ପାଣି ଝରୁଥିଲେ ଟଙ୍କା ରହେନାହିଁ ଏବଂ ଆର୍ଥିକ ସଙ୍କଟ ଦେଖାଦିଏ ବୋଲି କୁହାଯାଏ।

୬. ଖାଇବା ବେଳେ ମନେ ରଖିବେ, ଭୋଜନ ଥାଳିକୁ କୌଣସି ପିଢା କିମ୍ବା ଆସନରେ ସମ୍ମାନର ସହ ରଖିବା ଉଚିତ, ଅନ୍ନକୁ ସର୍ବଦା ସମ୍ମାନ ଦେବା ଉଚିତ।

୭. ଖାଇବା ପରେ ଭୋଜନ ଥାଳିରେ କେବେ ବି ହାତ ଧୁଅନ୍ତୁ ନାହିଁ। ରାତିରେ ଘରେ ଅଇଁଠା ବାସନ ପକାଇ ରଖନ୍ତୁ ନାହିଁ, ବାସନ ସଫା କରି ଶୋଇବା ଉଚିତ।

୮. ଘରର ରୋଷେଇ ଘର ସବୁବେଳେ ଆଗ୍ନେୟ କୋଣରେ ରହିବା ଉଚିତ।

୯. ଟଏଲେଟ, ଗାଧୁଆ ଘର, ରୋଷେଇ ଘର ଗୋଟିଏ ସିଧାରେ ନିର୍ମାଣ କରିବା ଉଚିତ ନୁହେଁ।

୧୦. ଘରର ରୋଷେଇ ଘର ଓ ଟଏଲେଟ କବାଟ କେବେ ବି ସମ୍ମାସାମ୍ନି ରଖିବା ଉଚିତ ନୁହେଁ।

# ରାଜ୍ୟରେ ମହଜୁଦ ଅଛି ରନ୍ଧନ ଗ୍ୟାସ୍

ଭୁବନେଶ୍ୱର,୧୫।୩ (ମହାଭାରତ): ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ରାଜ୍ୟରେ ରନ୍ଧନ ଗ୍ୟାସ୍ (ଏଲ୍ ପିଜି) ଏବଂ ପେଟ୍ରୋଲ ଓ ଡିଜେଲର ଉପଲବ୍ଧତା ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଲୋକସଭା ଭବନସ୍ଥିତ ଅନ୍ନପୂର୍ଣ୍ଣା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ବିଭାଗର ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂ , ଓଡ଼ିଶା ରାଜ୍ୟ ଖାଦ୍ୟ ନିଗମର ପରିଚାଳନା ନିର୍ଦ୍ଦେଶକ କେ .ସୁଦର୍ଶନ ଚକ୍ରବର୍ତ୍ତୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ବରିଷ୍ଠ ଅଧିକାରୀବୃନ୍ଦଙ୍କ ସମେତ ରନ୍ଧନଗ୍ୟାସ୍ (ଏଲ.ପି.ଜି) ଓ ଇନ୍ଧନ ତୈଳ ମାର୍କେଟିଂ କରୁଥିବା ଆଇଓସିଏଲ, ବିପିସିଏଲ, ଏଚପିସିଏଲ, ରିଲାଏନ୍ସ, ଗେଲ୍ ଆଦି କମ୍ପାନୀର କର୍ତ୍ତୃପକ୍ଷମାନେ ଉପସ୍ଥିତ ଥିଲେ ।



ରାଜ୍ୟରେ ଯଥେଷ୍ଟ ପରିମାଣର ରନ୍ଧନ ଗ୍ୟାସ୍ (ଏଲ୍. ପି. ଜି) ଉପଲବ୍ଧ ରହିଛି ଏବଂ ଜନସାଧାରଣଙ୍କୁ ଏଥି ନେଇ ଚିନ୍ତିତ ନ ହେବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବୈଠକରେ ଏଲ୍. ପି.ଜି ବିତରକ ଓ ରିଟେଲ୍ ଆଉଟ୍ ଲେଟକୁ ବିତରଣ ପ୍ରକିୟା ଓ ଯୋଗାଣ ଶୃଙ୍ଖଳ ବ୍ୟବସ୍ଥା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା । ଖାଉଟିମାନେ ଯେପରି ରନ୍ଧନ ଗ୍ୟାସ , ପେଟ୍ରୋଲ, ଡିଜେଲ ଯୋଗାଣ ନେଇ କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥି ପ୍ରତି ସଜାଗ ରହିବାକୁ ମନ୍ତ୍ରୀ ଶ୍ରୀ ପାତ୍ର ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଓ ଖାଉଟିମାନଙ୍କ ସୁବିଧା ନିମନ୍ତେ ପଦକ୍ଷେପ ନେବା ସହ ଜିଲ୍ଲାପାଳମାନେ ପ୍ରତିଦିନ ରିପୋର୍ଟ ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ମଧ୍ୟ ପ୍ରାଚ୍ୟର ସ୍ଥିତିକୁ ନେଇ ରାଜ୍ୟବାସୀ ଆତଙ୍କିତ ନ ହୋଇ ସତର୍କ ଓ ସଜାଗ ରହିବାକୁ ମନ୍ତ୍ରୀ ଶ୍ରୀ ପାତ୍ର ପରାମର୍ଶ ଦେବା ସହ ବଜାରରେ ଏଲ୍ ପି ଜି କଳାବଜାରୀ ରୋକିବାକୁ ଚଢ଼ଉ ପାଇଁ ବିଭାଗୀୟ ଅଧିକାରୀ ନିୟୋଜିତ ଅଛନ୍ତି ଏବଂ କଳାବଜାରୀର ଖବର ମିଳିଲେ ଦୃଢ଼ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ସିଂ କହିଛନ୍ତି ଯେ ରାଜ୍ୟରେ ଦୈନିକ ଆବଶ୍ୟକ ପଡୁଥିବା ରନ୍ଧନ ଗ୍ୟାସ୍ ଏବଂ ଏହାର ଉପଲବ୍ଧତା ନେଇ ଆଶ୍ୟକୀୟ ତଥ୍ୟ ରହିବ ।ଏ ନେଇ ପ୍ରତି ଜିଲ୍ଲାର ଜିଲ୍ଲାପାଳ ଦୈନିକ ତଥ୍ୟ ଦେବେ । କଟକ ବଡ ମେଡିକାଲ ପରି ସମ୍ବେଦନଶୀଳ ସରକାରୀ ଅନୁଷ୍ଠାନ ଓ ବିଭିନ୍ନ ଶିକ୍ଷାନୁଷ୍ଠାନ ଗୁଡିକରେ ମାର୍କେଟିଙ୍ଗ ଅଫିସରମାନେ ସ୍ଥିତି ଅନୁଧ୍ୟାନ କରିବେ । ରାଜ୍ୟର ଘରୋଇ ଉପଭୋକ୍ତା ଯେପରି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେ ନେଇ ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି ।

# ନ୍ୟାୟ ସଂହିତା ପ୍ରଦର୍ଶନୀ ଉଦଯାପିତ

ଭୁବନେଶ୍ୱର,୧୫।୩ (ମହାଭାରତ): ଓଡ଼ିଶା ପୋଲିସ ଦ୍ୱାରା ଆୟୋଜିତ ସପ୍ତାହବ୍ୟାପୀ ଭାରତୀୟ ନ୍ୟାୟ ସଂହିତା ପ୍ରଦର୍ଶନୀ ଗୁରୁବାର ଉଦଯାପିତ ହୋଇଛି। ଭୁବନେଶ୍ୱରର ଇଡକୋ ପ୍ରଦର୍ଶନୀ ପଡିଆରେ ଆୟୋଜିତ ଏହି ପ୍ରଦର୍ଶନୀରେ ୧ ଲକ୍ଷରୁ ଅଧିକ ଲୋକ ଯୋଡ଼ି ହୋଇଥିଲେ । ଏହି ସମ୍ମିଳନୀ ବୃହତର ଭାବେ ସାଧାରଣ ଲୋକଙ୍କ ମଧ୍ୟରେ ଆଇନ ସଚେତନତା ଓ କମ୍ୟୁନିଟି ପୋଲିସିଂରେ ଏକ ଐତିହାସିକ ମାଇଲଖୁଂଟ ସ୍ଥାପନା କରିସାରିଛି । ପ୍ରଦର୍ଶନୀର ଶେଷ ଦିନରେ ଓଡ଼ିଶା ବିଧାନସଭାର ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ, ପିପିଲି ବିଧାୟକ ଶ୍ରୀ ଆଶ୍ରିତ ପଟ୍ଟନାୟକ, ଡାକ୍ତର ମନୋଜ କୁମାର ସାହୁ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ସଚିବ ଶ୍ରୀ ଶାଶ୍ୱତ ମିଶ୍ର, ଶ୍ରମ ଓ ଇଏସଆଇ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଶ୍ରୀମତୀ ଚିତ୍ରା ଅରୁମୁଗମ, ଏବଂ ଲୋକପ୍ରିୟ ଅଭିନେତା ସବ୍ୟସାଚୀ ମିଶ୍ର ପ୍ରମୁଖ ସାମିଲ ହୋଇଥିଲେ। ଶେଷଦିନରେ ଉତ୍କଳ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହ ଆରପିଏଫ,ସିଆଇଏସଏଫ୍ ଓ ସିଆରପିଏଫ୍ ର କର୍ମଚାରୀ ଓ ତାଙ୍କ ପରିବାରସଦସ୍ୟମାନେ ଯୋଗଦେଇ ଭାରତର ନୂତନ ନ୍ୟାୟ ବ୍ୟବସ୍ଥା ବିଷୟରେ ଅବଗତ ହୋଇଥିଲେ। ଓଡିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଦୁଇ ଦିନ ସମୟ ବଢ଼ାଯାଇଥିବା ଏହି ପ୍ରଦର୍ଶନୀ ନୂତନ ଆଇନ ଭାରତୀୟ ନ୍ୟାୟ ସଂହିତାକୁ ସାଧାରଣ ଲୋକଙ୍କ ମଧ୍ୟରେ ସରଳ ଭାବରେ ପହଂଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛି। ଏହି ଆଇନ ୧ ଜୁଲାଇ ୨୦୨୪ ଠାରୁ ଔପନୈଶିକ ଯୁଗର ପୁରୁଣା ଆଇନକୁ ପରିବର୍ତ୍ତନ କରି ଏକ ଅଧିକ ପାରଦର୍ଶୀ, କାର୍ଯ୍ୟକୁଶଳ ଓ ନାଗରିକମୁଖୀ ନ୍ୟାୟ ବ୍ୟବସ୍ଥା ଗଢ଼ି ତୋଳିଛି।



# ଏଲପିଜି ଦରବୃଦ୍ଧି ପ୍ରତିବାଦରେ ବିଜେଡିର ବିକ୍ଷୋଭ

ଭୁବନେଶ୍ୱର,୧୫।୩ (ମହାଭାରତ): ଏଲପିଜି ସିଲିଣ୍ଡର, ଖାଦ୍ୟ ତେଲ ଓ ଅନ୍ୟାନ୍ୟ ଅତ୍ୟାବଶକୀୟ ସାମଗ୍ରୀର ଅହେତୁକ ଦରବୃଦ୍ଧି ପ୍ରତିବାଦରେ ଆଜି



ଭୁବନେଶ୍ୱରର ମାଷ୍ଟରକ୍ୟାଣ୍ଟିନ ଛକରେ ବିଜୁ ଜନତା ଦଳ ପକ୍ଷରୁ ଆନ୍ଦୋଳନ କରାଯାଇଥିଲା । ବିଜୁ ମହିଳା, ଯୁବ ଓ ଛାତ୍ର ଜନତା ଦଳର ହଜାର ହଜାର କର୍ମୀ, ମହିଳା, ଯୁବ, ଛାତ୍ରଛାତ୍ରୀ ଓ ସାଧାରଣ ଲୋକ ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ଯୋଗଦେଇ, ଲଗାତାର ଦରବୃଦ୍ଧି ଦ୍ୱାରା ସାଧାରଣ ଲୋକଙ୍କ ଜୀବନ ଦୁର୍ବିଷହ ହେଉଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ । ଏହି ବିକ୍ଷୋଭ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆ, ବିଜୁ ଯୁବ ଜନତା ଦଳର ସଭାପତି ଶ୍ରୀ ଚିନ୍ମୟ ସାହୁ ଓ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁ । ବିଜେପି ସରକାରଙ୍କ ଅବହେଳା ଓ ନିଷ୍କ୍ରିୟତା ବିରୋଧରେ ସ୍ଲୋଗାନ୍ ଦେଇ ରାସ୍ତା ଉପରେ କାଠ ଚୁଲାରେ ରୋଷେଇ କରି ପ୍ରତିବାଦ କରିଥିଲା ବିଜୁ ଜନତା ଦଳ । ଗତ ମାର୍ଚ୍ଚ ୭ ତାରିଖରୁ ସାରା ଦେଶରେ ଘରୋଇ ରନ୍ଧନ ଗ୍ୟାସ ସିଲିଣ୍ଡର ଦର ୬୦ ଟଙ୍କା ବୃଦ୍ଧି ପାଇଥିବା ବେଳେ ବାଣିଜ୍ୟିକ ସିଲିଣ୍ଡର ଦର ୧୧୫ ଟଙ୍କା ବୃଦ୍ଧି ପାଇଛି । ଏହି ଦରବୃଦ୍ଧି ସାଧାରଣ ଜନତା, ଛୋଟ ବ୍ୟବସାୟୀ ଓ ବାଣିଜ୍ୟିକ ସଂସ୍ଥାମାନଙ୍କ ଉପରେ ଅତିରିକ୍ତ ଆର୍ଥିକ ଭାର ପକାଇଛି । ସଭାକୁ ସମ୍ବୋଧନ କରି ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆ କହିଥିଲେ, ସୁଭଦ୍ରା ଯୋଜନା ନାମରେ ମହିଳାମାନଙ୍କୁ ୫୦,୦୦୦ ଟଙ୍କା ଦେବାର ପ୍ରତିଶ୍ରୁତି ଦେଇ ମାତ୍ର ୫,୦୦୦ ଟଙ୍କା ଦେଇ ଠକିଛି ବିଜେପି ସରକାର।

# ଏସଆଇଆର ପାଇଁ ନିର୍ବାଚନ ଅଧିକାରୀଙ୍କ ପ୍ରଶିକ୍ଷଣ

ଭୁବନେଶ୍ୱର,୧୫।୩ (ମହାଭାରତ): ରାଜ୍ୟରେ ହେବାକୁ ଥିବା ଆଗାମୀ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) କାର୍ଯ୍ୟକ୍ରମକୁ ସୁଚାରୁ ଭାବେ କାର୍ଯ୍ୟନ୍ୱୟ କରିବା ଉଦ୍ଦେଶ୍ୟରେ ନିର୍ବାଚନ ଅଧିକାରୀମାନଙ୍କ ପାଇଁ ଚାରିଦିନିଆ ରାଜ୍ୟ ସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମଙ୍ଗଳବାର ଠାରୁ ଆରମ୍ଭ ହୋଇଛି। ଏହି ପ୍ରଶିକ୍ଷଣ ୧୦ ମାର୍ଚ୍ଚ ଠାରୁ ୧୩ ମାର୍ଚ୍ଚ ପର୍ଯ୍ୟନ୍ତ ଭୁବନେଶ୍ୱରର ଗୋଠପାଟଣା ସ୍ଥିତ ରେଭେନ୍ୟୁ ଅଫିସର୍ସ ଟ୍ରେନିଙ୍ଗ ଇନଷ୍ଟିଚ୍ୟୁଟ (ଆର.ଓ.ଟି.ଆଇ) ରେ ଆୟୋଜିତ ହେଉଛି। ପ୍ରଶିକ୍ଷଣ ପ୍ରତିଦିନ ଦୁଇଟି ସେସନ୍‌ରେ ଚାଲିବ।

ତୃତୀୟ ଦିନ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର.ଏସ. ଗୋପଲନ ଯୋଗଦେଇ ସ୍ୱତନ୍ତ୍ର ସଘନ ସଂଶୋଧନ ବିଷୟ ଉପରେ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋଚନା କରିଥିଲେ ।

ତୃତୀୟ ଦିନର ପ୍ରଶିକ୍ଷଣରେ କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, କଟକ, କେନ୍ଦ୍ରାପଡା, ଜଗତସିଂହପୁର, ପୁରୀ ଜିଲ୍ଲାର ନିର୍ବାଚନ ପଞ୍ଜିକରଣ ଅଧିକାରୀ (ଇଆରଓ), ଅତିରିକ୍ତ ନିର୍ବାଚନ ପଞ୍ଜିକରଣ ଅଧିକାରୀ (ଏଇଆରଓ) ଓ ଡେପୁଟି କଲେକ୍ଟର (ନିର୍ବାଚନ) ମାନେ ଯୋଗଦେଇଥିଲେ। ପ୍ରଶିକ୍ଷଣ ସମୟରେ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା, ଭୋଟର ତାଲିକା ସଂଶୋଧନ ପଦ୍ଧତି, ପୁରୁଣା ଭୋଟର ତାଲିକା ସହିତ ମତଦାତାଙ୍କ ମ୍ୟାପିଂ, ତଥ୍ୟ ସଂଗ୍ରହ ଏବଂ କ୍ଷେତ୍ରସ୍ତରରେ କାର୍ଯ୍ୟନ୍ୱୟ ସମ୍ପର୍କିତ



ବିଭିନ୍ନ ପ୍ରସଙ୍ଗ ଉପରେ ଅଧିକାରୀମାନଙ୍କୁ ଅବଗତ କରାଯାଇଥିଲା। ଏହି ପ୍ରଶିକ୍ଷଣରେ ପ୍ରତିଷ୍ଠାନଗତ ଓ ମାନବ ସମ୍ବଳ ପ୍ରସ୍ତୁତିକୁ ମଧ୍ୟ ବିଶେଷ ଗୁରୁତ୍ୱ ଦିଆଯାଇଛି। ପ୍ରକ୍ରିୟାର ପାରଦର୍ଶିତା ଓ ସକ୍ରିୟ ଅଂଶଗ୍ରହଣ ନିଶ୍ଚିତ କରିବା ପାଇଁ ରାଜନୈତିକ ଦଳମାନଙ୍କ ଦ୍ୱାରା ବୁଥ୍ ଲେଭେଲ୍ ଏଜେଣ୍ଟ (ବିଏଲଏ) ନିଯୁକ୍ତି, ବିଏଲଏ ମାନଙ୍କ ପାଇଁ ମତଦାତା ଯାଞ୍ଚ ଓ ଫର୍ମ ପ୍ରବନ୍ଧନ ସମ୍ପର୍କିତ ପ୍ରଶିକ୍ଷଣ, ପ୍ରତ୍ୟେକ ପୋଲିଂ ବୁଥ୍ ?ରେ ୨୦ ଜଣ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିଙ୍କ ଚିହ୍ନଟ ଓ ୨୦୦୨ ମସିହାର ଭୋଟର ତାଲିକା ସହିତ ମତଦାତାଙ୍କ ମ୍ୟାପିଂ କାର୍ଯ୍ୟ ସମାପ୍ତି ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ସେହିପରି, ପରିଗଣନା ଫର୍ମଗୁଡ଼ିକର ଡିଜିଟାଇଜେସନ୍ ପାଇଁ ଉପଯୁକ୍ତ ସ୍ଥାନ ଓ ଆବଶ୍ୟକ ସୁବିଧାସମୂହ ଚିହ୍ନଟ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା।

ଏହାସହ ଫର୍ମଗୁଡ଼ିକର ସ୍କାନିଂ, ଡାଟା ଏଂଟ୍ରି ଓ ସତ୍ୟାପନ କାମ ପାଇଁ ପ୍ରଶିକ୍ଷିତ କର୍ମଚାରୀମାନଙ୍କୁ ନିୟୋଜିତ କରାଯିବ। ଭୋଟରମାନଙ୍କର ଦାବି ଓ ଆପତି ଶୁଣାଣି ପାଇଁ ବିଭିନ୍ନ ସ୍ଥାନରେ ଶିବିର ଆୟୋଜନ କରାଯିବ, ଯାହା ମାଧ୍ୟମରେ ସହଜ ପହଂଚ ସହିତ ସମୟୋପଯୋଗୀ ଅଭିଯୋଗ ନିରାକରଣ ସୁନିଶ୍ଚିତ ହେବ।ଏହି ଶିବିରଗୁଡ଼ିକର ତାରିଖ, ସମୟ ଓ ସ୍ଥାନ ସମ୍ବନ୍ଧରେ ଭୋଟର ଓ ସମ୍ପୃକ୍ତ ହିତାଧିକାରୀ ମାନଙ୍କୁ ପୂର୍ବରୁ ସୂଚନା ଯୋଗାଇଦିଆଯିବ ବୋଲି ଆଲୋଚନା ହୋଇଥିଲା।

# ବିଏମ୍‌ସି ପକ୍ଷରୁ ଲଟେରୀ ମାଧ୍ୟମରେ ଗୃହ ଆବଣ୍ଟନ

ଭୁବନେଶ୍ୱର,୧୫।୩ (ମହାଭାରତ): ୧୦ରୁ ଅଧିକ ବସ୍ତିର ୩୦୩ ଗୋଟି ପରିବାର ସହ ଦୁଇଜଣ ଦିବ୍ୟାଙ୍ଗଙ୍କୁ ଆଜି ଭୁବନେଶ୍ୱର ମହାନଗର ନିଗମ (ବିଏମ୍ ସି) ପକ୍ଷରୁ ସୁଲଭ ଆବାସ ଯୋଜନାରେ ଲଟେରୀ ମାଧ୍ୟମରେ ଗୃହ ଆବଣ୍ଟନ କରାଯାଇଛି । ଏହି ପରିବାରଗୁଡିକୁ ଚନ୍ଦ୍ରଶେଖରପୁର ଅନ୍ତର୍ଗତ ବୁଦ୍ଧ ବିହାର ଆବାସିକ ପ୍ରକଳ୍ପ, ନିଳମାଧବ ଆବାସିକ ପ୍ରକଳ୍ପ ଏବଂ ସୁବିଦ୍ଧିପୁର ଆବାସିକ ପ୍ରକଳ୍ପକୁ ସ୍ଥାନାନ୍ତର କରାଯିବ । ସ୍ଥାନାନ୍ତର ହେବାକୁ ଥିବା ପରିବାରଗୁଡିକର ପ୍ରାଥମିକ ସର୍ଭେ କରାଯାଇଥିଲା । ସେହି ସର୍ଭେ ଫଳାଫଳକୁ ଆଧାର କରି, ୩୦୩ ଜଣ ହିତାଧିକାରୀଙ୍କୁ ଚନ୍ଦ୍ରଶେଖରପୁରସ୍ଥିତ ବୁଦ୍ଧ ବିହାର, ନିଳମାଧବ ଏବଂ ସୁବୁଦ୍ଧିପୁର ଆବାସିକ ପ୍ରକଳ୍ପରେ ଗୃହ ପ୍ରଦାନ କରାଯାଇଛି । ଉଚ୍ଛେଦ ଏବଂ ପୁନର୍ବାସ ନିୟମ ଅନୁଯାୟୀ, ସ୍ଥାନାନ୍ତର ସମୟରେ ପ୍ରଭାବିତ ପରିବାରଙ୍କୁ ମୌଳିକ ଜରୁରୀ ସହାୟତା ଯୋଗାଇଦେବା ପାଇଁ ଆବଶ୍ୟକ ବ୍ୟବସ୍ଥା କରାଯିବ । ଏହି ଉପଲକ୍ଷେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ, ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ହିତାଧିକାରୀମାନଙ୍କୁ ଲଟେରୀ ମାଧ୍ୟମରେ ଗୃହ ଆବଣ୍ଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏକାମ୍ର ବିଧାୟକ ଶ୍ରୀ ବାବୁ ସିଂ, ଉତ୍ତର ବିଧାୟକ ଶ୍ରୀ ସୁଶାନ୍ତ କୁମାର ରାଉତ, ମଧ୍ୟ ବିଧାୟକ ଶ୍ରୀ ଅନନ୍ତ ନାରାୟଣ ଜେନା,ମେୟର ଶ୍ରୀମତୀ ସୁଲୋଚନା ଦାସ, ଡେପୁଟି ମେୟର ଶ୍ରୀମତୀ ମଂଜୁଲତା କହଁର, ବିଏମ୍ ସି କମିଶନର ଶ୍ରୀ ଚଞ୍ଚଳ ରାଣା, ସ୍ଲମ ସେଟଲମେଣ୍ଟ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷା ଶ୍ରୀମତୀ ମହାମାୟା ସ୍ୱାଇଁ, ଅତିରିକ୍ତ କମିଶନର ଶ୍ରୀ ରତ୍ନାକର ସାହୁ ଓ କୈଳାସ ଚନ୍ଦ୍ର ଦାସ ମଂଚାସୀନ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ହିତାଧିକାରୀଙ୍କ ସହ ବହୁ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ, ଅଧ୍ୟକ୍ଷା ଓ କର୍ପୋରେଟରମାନେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ଆରମ୍ଭରୁ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ସ୍ୱାଗତ ଭାଷଣ ଅବସରରେ କମିଶନର ଶ୍ରୀ ଚଞ୍ଚଳ ରାଣା କହିଥିଲେ ଯେ, କୌଣସି ଯୋଗ୍ୟ ହିତାଧିକାରୀ ଆବାସ ଯୋଜନାରୁ ବାଦ ପଡିବେ ନାହିଁ କି ଅଯୋଗ୍ୟ ହିତାଧିକାରୀଙ୍କୁ କୌଣସି ପରିସ୍ଥିତିରେ ମଧ୍ୟ ଗୃହ ପ୍ରଦାନ କରାଯିବ ନାହିଁ । ଏହି ସମସ୍ତ କାର୍ଯ୍ୟକ୍ରମର ସଂଯୋଜନା, ଉପାୟୁକ୍ତ ଅଜୟ କୁମାର ମହାନ୍ତି ଓ ସହକାରୀ କମିଶନର ସତ୍ୟଜିତ ଦାଶ କରିଥିବା ବେଳେ ଅତିରିକ୍ତ କମିଶନର ଶ୍ରୀ ରତ୍ନାକର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ନିଜ ନିଜ ସ୍ୱପ୍ନର ଗୃହ ପାଇବା ପରେ ହିତାଧିକାରୀମାନେ ଆନନ୍ଦରେ ଭାବବିହୋଳ ହୋଇପଡିଥିଲେ।



# ବିଜେପି ନେତାଙ୍କ ଭାଗିଦାରୀରେ ଲୁଟ୍ ଚାଲିଛି ଖଣିଜ ସମ୍ପଦ

ଭୁବନେଶ୍ୱର,୧୫।୩ (ମହାଭାରତ): ରାଜ୍ୟରେ ବିଜେପି କ୍ଷମତାସୀନ ହେବା ପରଠାରୁ ବାଲି ମାଫିଆଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବୃଦ୍ଧି ପାଉଛି ଏବଂ ବିଜେପି ନେତା ଓ କର୍ମୀଙ୍କ ପ୍ରୋତ୍ସାହନରେ ଏହା ଚାଲିଛି ବୋଲି ଅଭିଯୋଗ କରି ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି ବିଜୁ ଜନତା ଦଳ। ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୁରୀ ଜିଲ୍ଲାର ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ଶ୍ରୀ ଉମାକାନ୍ତ ସାମନ୍ତରାୟ, ପୂର୍ବତନ ବିଧାୟକ ଶ୍ରୀ ରୁଦ୍ର ପ୍ରସାଦ ମହାରଥୀ ଓ ଛାତ୍ର ବିଜେଡିର ସଭାନେତ୍ରୀ ଇପ୍ସିତା ସାହୁ ରାଜ୍ୟରେ ଲଘୁ ଖଣିଜ ସମ୍ପଦର ବ୍ୟାପକ ଲୁଟ୍ ଚାଲିଥିବା ଅଭିଯୋଗ କରିଥିଲେ ।

ଶ୍ରୀ ରୁଦ୍ର ପ୍ରସାଦ ମହାରଥୀ କହିଥିଲେ, ରାଜ୍ୟରେ ବାଲି ମାଫିଆଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଉଥିବା ଖବର ପ୍ରତିଦିନ ଖବର କାଗଜରେ ଶିରୋନାମା ପାଲଟୁଛି । ବିଜେପି ନେତା ଓ କର୍ମୀଙ୍କ ପ୍ରୋତ୍ସାହନରେ ଏହି କାର୍ଯ୍ୟ ଚାଲୁଥିବା ବେଳେ ସରକାରୀ ଅଧିକାରୀ ମାନଙ୍କ ଉପରେ ଆକ୍ରମଣ ବଢ଼ି ଚାଲିଛି । ପିପିଲି ଡେଲାଙ୍ଗ ନିର୍ବାଚନ ମଣ୍ଡଳୀରେ ଜଣେ ସ୍ଥାନୀୟ ବିଜେପି ନେତାଙ୍କ ଭିଡିଓ ଭାଇରାଲ ହୋଇଛି । ଯେଉଁଥିରେ ସେ ସାମ୍ବାଦିକ ମାନଙ୍କୁ ବାଲି ଉଠୁଥିବା ସ୍ଥାନକୁ ଆସିଲେ ତାଙ୍କ କ୍ୟାମେରା ଭାଙ୍ଗିଦେବା ସହିତ ପରିଣାମ ଭୟଙ୍କର ହେବ ବୋଲି କହିଛନ୍ତି । ଭିଡିଓ ଭାଇରାଲ ବ୍ୟକ୍ତି ଜଣଙ୍କ ଫଟୋ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ରାଜସ୍ୱ ମନ୍ତ୍ରୀଙ୍କ ସହିତ ରହିଛି । ତେଣୁ ବାଲି ଚୋରି କାରବାରରେ ବିଜେପି ନେତାଙ୍କ ସମ୍ପୃକ୍ତି ସ୍ପଷ୍ଟ ହେଉଛି । ଅପରପକ୍ଷରେ ଏହିପରି ଏକ ବାଲି ଚୋରି ଚାଲିଥିବା ଖବର ପାଇ ପୁରୀ ଜିଲ୍ଲା ଖଣି ଅଧିକାରୀ ସମୀର କୁମାର ମିଶ୍ର ଓ ପୋଲିସ ଅଧିକାରୀଙ୍କ ସହିତ ମାର୍ଚ୍ଚ ୧୦ ତାରିଖର ବିଳମ୍ବିତ ରାତିରେ ଘଟଣାସ୍ଥଳକୁ ଯାଉଥିବା ସମୟରେ ତାଙ୍କ ଗାଡିକୁ ଅଟକାଯାଇ ଗାଡି ଓ ତାଙ୍କ ଉପରେ ଆକ୍ରମଣ ହୋଇଥିଲା । ଶ୍ରୀ ମିଶ୍ର ପିପିଲି ଥାନାରେ ଏଫଆଇଆର ଦାଖଲ କରିଥିଲେ । ଏଫଆଇଆର ଦାଖଲ ହେବାର ୪୦ ଘଣ୍ଟା ବିତି ଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ପୂର୍ବତନ ବିଧାୟକ ତଥା ପୁରୀ ଜିଲ୍ଲା ସଭାପତି ଉମାକାନ୍ତ ସାମନ୍ତରାୟ କହିଥିଲେ, ରାଜ୍ୟରେ ବିଜେପି କ୍ଷମତାସୀନ ହେବା ପରଠାରୁ ସମଗ୍ର ପୁରୀ ଜିଲ୍ଲା ସମେତ ସମଗ୍ର ରାଜ୍ୟରେ ବାଲି, ମୋରମ ଇତ୍ୟାଦି ଲଘୁ ଖଣିଜ ସମ୍ପଦର ଲୁଟ୍ ଚାଲିଛି ।

# କତାରରୁ ଫେରିଲା ଓଡ଼ିଆ ଶ୍ରମିକଙ୍କ ମୃତଦେହ

ଭୁବନେଶ୍ୱର,୧୫।୩ (ମହାଭାରତ): ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରାଳୟ ଏବଂ ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ କତାର ଦେଶରେ ମୃତ୍ୟୁ ବରଣ କରିଥିବା ଓଡ଼ିଆ ଶ୍ରମିକ କୁନା ଖୁଂଟିଆଙ୍କ ମୃତ ଶରୀରକୁ ଓଡ଼ିଶାକୁ ଫେରାଇ ଅଣାଯାଇଛି। ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ବ୍ଲକର ବାସିନ୍ଦା କୁନା ଖୁଂଟିଆ ଗତ ୪ ମାସ ତଳେ କତାର ଦେଶର ଏକ ଘରୋଇ କମ୍ପାନୀ ଠାରେ ଶ୍ରମିକ ଭାବେ କାମ କରିବାକୁ ଯାଇଥିଲେ।ବିଗତ ମାର୍ଚ୍ଚ ୬, ୨୦୨୬ ରିଖ ଦିନ ତାଙ୍କ ମୃତ୍ୟୁ ସମ୍ବନ୍ଧରେ ପରିବାର ଲୋକ ଖବର ପାଇଥିଲେ। ପରିବାର ଲୋକଙ୍କ କହିବା ଅନୁଯାୟୀ, କୁନା ଖୁଂଟିଆ ନିଜ ରୁମ୍ ରେ ବିଶ୍ରାମ ନେଉଥିବା ବେଳେ ଆକସ୍ମିକ ଭାବେ ତାଙ୍କର ମୃତ୍ୟୁ ଘଟିଥିବାର ଖବର ସେମାନେ ଜାଣିବାକୁ ପାଇଥିଲେ। ଏହାପରେ କୁନା ଖୁଂଟିଆଙ୍କ ମୃତ ଶରୀରକୁ ଓଡ଼ିଶାକୁ ଫେରାଇ ଆଣିବା ପାଇଁ ପରିବାର ଲୋକ ଓଡ଼ିଶା ସରକାରଙ୍କ ପାଖରେ ନିବେଦନ କରିଥିଲେ। ଏହି ସମ୍ବନ୍ଧରେ ଅବଗତ ହେବା ପରେ ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରାଳୟ, ନୂଆଦିଲ୍ଲୀ ସ୍ଥିତ ଓଡ଼ିଶା ସରକାରଙ୍କ ମୁଖ୍ୟ ଆବାସିକ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧିନସ୍ଥ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ, ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗ ଏବଂ ଗଞ୍ଜାମ ଜିଲ୍ଲା ପ୍ରଶାସନର ମିଳିତ ସହାୟତାରେ କୁନା ଖୁଣ୍ଟିଆଙ୍କ ମୃତ ଶରୀରକୁ ଗଞ୍ଜାମ ଜିଲ୍ଲା ସ୍ଥିତ ତାଙ୍କ ପୈତୃକ ଗ୍ରାମକୁ ଆଜି ପଠାଇ ଦିଆଯାଇଛି। ଆଜି ସକାଳେ କୁନାଙ୍କ ମୃତ ଶରୀର ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନ ବନ୍ଦର ଠାରେ ପହଂଚିବା ପରେ ଖଲ୍ଲିକୋଟ ବିଧାୟକ ଶ୍ରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଏବଂ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟର ସ୍ୱତନ୍ତ୍ର କର୍ତବ୍ୟରତ ଅଧିକାରୀ ଶ୍ରୀ ପ୍ରିତିଶ ପଣ୍ଡା ଉପସ୍ଥିତ ରହି କୁନା ଖୁଂଟିଆଙ୍କ ମୃତ ଶରୀରକୁ ଗଞ୍ଜାମ ଜିଲ୍ଲା ସ୍ଥିତ ତାଙ୍କ ପୈତୃକ ଗ୍ରାମକୁ ପଠାଇବାର ସମସ୍ତ ବ୍ୟବସ୍ଥା କରିଥିଲେ।

# ଆଦିବାସୀ ଓ ପଛୁଆ ବର୍ଗଙ୍କ ଉନ୍ନତି ପାଇଁ ୬୬୪୯ କୋଟି ବଜେଟ୍

ଭୁବନେଶ୍ୱର,୧୫।୩ (ମହାଭାରତ): ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ପାଇଁ ୨୦୨୬–୨୭ ଆର୍ଥିକ ବର୍ଷର ବଜେଟ୍ ଉପସ୍ଥାପନା କରିଛନ୍ତି ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ । ଏହି ଅବସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଯୋଗ ଦେଇ ମନ୍ତ୍ରୀ ଶ୍ରୀ ଗଣ୍ଡ ଆଦିବାସୀ, ଅନୁସୂଚିତ ଜାତି, ସଂଖ୍ୟାଲଘୁ ଓ ପଛୁଆ ବର୍ଗର ଶିକ୍ଷା, ଜୀବିକା ଓ ସାମାଜିକ ଉନ୍ନତିକୁ ଲକ୍ଷ୍ୟରେ ରଖି ବଜେଟ୍ ପ୍ରସ୍ତୁତ ହୋଇଥିବା ମତ ପ୍ରକାଶ କରିଛନ୍ତି ।

ଏହି ଅବସରରେ ଗଣଶିକ୍ଷା ମନ୍ତ୍ରୀ କହିଛନ୍ତି, ଏହି ବର୍ଷ ବିଭାଗ ପାଇଁ ସର୍ବମୋଟ ୬୬୪୯ କୋଟି ୩୩ ଲକ୍ଷ ୧୨ ହଜାର ଟଙ୍କାର ବ୍ୟୟ ବରାଦ କରାଯାଇଛି । ଏଥିରେ ୫୪୦୦ କୋଟି ଟଙ୍କା କାର୍ଯ୍ୟକ୍ରମ ବ୍ୟୟ ଓ ୧୨୪୯ କୋଟିରୁ ଅଧିକ ପ୍ରଶାସନିକ ବ୍ୟୟ ଅନ୍ତର୍ଭୁକ୍ତ ରହିଛି । ଗତ ବର୍ଷର ବଜେଟ ତୁଳନାରେ ଏହା ପ୍ରାୟ ୩ ପ୍ରତିଶତ ବୃଦ୍ଧି ପାଇଛି । ବଜେଟର କାର୍ଯ୍ୟକ୍ରମ ବ୍ୟୟ ମଧ୍ୟରୁ ୩୬୧୦ କୋଟି ଟଙ୍କା ରାଜ୍ୟ ସ୍ତରୀୟ ଯୋଜନା, ୧୯୦ କୋଟି ଟଙ୍କା କେନ୍ଦ୍ରସ୍ତରୀୟ ଯୋଜନା ଓ ୧୬୦୦ କୋଟି ଟଙ୍କା କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ପାଇଁ ବରାଦ କରାଯାଇଛି । ଏହି ଯୋଜନାଗୁଡ଼ିକ ମୁଖ୍ୟତଃ ଶିକ୍ଷା, ଆଦିବାସୀ ଓ ଅନୁସୂଚିତ ଜାତିଙ୍କ କଲ୍ୟାଣ, ସଂଖ୍ୟାଲଘୁ ଓ ପଛୁଆ ବର୍ଗର ସାମାଜିକ ଓ ଆର୍ଥିକ ଉନ୍ନତିକୁ ଲକ୍ଷ୍ୟ କରି ପ୍ରସ୍ତୁତ କରାଯାଇଛି ।

ଶିକ୍ଷା କ୍ଷେତ୍ରରେ ସରକାର ଛାତ୍ରଛାତ୍ରୀଙ୍କୁ ବିଶେଷ ଗୁରୁତ୍ୱ ଦେଇଛନ୍ତି । ପ୍ରାୟ ୨୩ ଲକ୍ଷ ଛାତ୍ରଛାତ୍ରୀଙ୍କୁ ଛାତ୍ରବୃତି ପ୍ରଦାନ ପାଇଁ ୨୦୯୪ କୋଟି ଟଙ୍କାର ବ୍ୟୟ ପ୍ରସ୍ତାବ ରହିଛି । ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନା ଓ କେନ୍ଦ୍ରୀୟ ଛାତ୍ରବୃତି ଯୋଜନା ମାଧ୍ୟମରେ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଓ ପଛୁଆ ବର୍ଗର ଛାତ୍ରଛାତ୍ରୀମାନେ ଏହାର ଲାଭ ପାଇବେ । ଏହାସହିତ ପ୍ରାକ୍-ମାଟ୍ରିକ୍ ଛାତ୍ରବୃତିର ରାଶି ବୃଦ୍ଧି କରାଯାଇ ଖାଦ୍ୟ ଓ ଆବଶ୍ୟକୀୟ ସାମଗ୍ରୀ ପାଇଁ ଛାତ୍ରଛାତ୍ରୀମାନଙ୍କୁ ଅଧିକ ସହାୟତା ଯୋଗାଯାଉଛି । ରାଜ୍ୟରେ ଆଦିବାସୀ ଓ ଅନୁସୂଚିତ ଜାତି ଛାତ୍ରଛାତ୍ରୀଙ୍କ ଶିକ୍ଷାର ଉନ୍ନତି ପାଇଁ ବର୍ତ୍ତମାନ ୧୭୬୫ଟି ବିଦ୍ୟାଳୟ କାର୍ଯ୍ୟ କରୁଛି, ଯାହାମଧ୍ୟରୁ ୧୬୧୫ଟି ଆବାସିକ ଓ ୧୫୦ଟି ଅଣଆବାସିକ ବିଦ୍ୟାଳୟ ଅଟେ । ଏହି ବିଦ୍ୟାଳୟଗୁଡ଼ିକରେ ପ୍ରାୟ ୪ ଲକ୍ଷ ୩୮ ହଜାର ଛାତ୍ରଛାତ୍ରୀ ପାଠ ପଢୁଛନ୍ତି । ଏହାସହିତ ରାଜ୍ୟରେ ମୋଟ ୫୯୬୭ଟି ଛାତ୍ରାବାସ ଚାଲୁ ଅଛି ଯେଉଁଠାରେ ପ୍ରାୟ ୫ ଲକ୍ଷ ୫୨ ହଜାର ଛାତ୍ରଛାତ୍ରୀ ରହି ପଢୁଛନ୍ତି । ଛାତ୍ରଛାତ୍ରୀଙ୍କ ଖାଦ୍ୟ, ପାଠ୍ୟ ଉପକରଣ ଓ ଅନ୍ୟାନ୍ୟ ସୁବିଧା ପାଇଁ ବଜେଟରେ ଅତିରିକ୍ତ ଅର୍ଥ ବରାଦ କରାଯାଇଛି ।

ଡ୍ରପ୍ ଆଉଟ୍ ହାର କମେଇବା ପାଇଁ ସରକାର "ସହିଦ ମାଧୋ ସିଂ ହାତଖର୍ଚ୍ଚ ଯୋଜନା" ରେ ନବମ ଶ୍ରେଣୀ ଓ ଏକାଦଶ ଶ୍ରେଣୀରେ ନାମ ଲେଖାଇବା ପରେ ଜନଜାତି ଛାତ୍ରଛାତ୍ରୀଙ୍କୁ ବାର୍ଷିକ ୫ ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରୁଛନ୍ତି । ଏହି ଯୋଜନା ପାଇଁ ବଜେଟରେ ୧୫୪ କୋଟି ଟଙ୍କା ବରାଦ କରାଯାଇଛି । ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ "ଅନ୍ୱେଷା ଯୋଜନା" ଅଧୀନରେ ୧୭ଟି ଜିଲ୍ଲାର ୧୬୩ଟି ବେସରକାରୀ ବିଦ୍ୟାଳୟରେ ପ୍ରାୟ ୨୦,୪୭୩ ଛାତ୍ରଛାତ୍ରୀ ପଢୁଛନ୍ତି । ଏହି ଯୋଜନା ପାଇଁ ୧୫୮ କୋଟି ଟଙ୍କା ବ୍ୟୟ ପ୍ରସ୍ତାବ ରହିଛି । ଏହାସହିତ "ଆକାଂକ୍ଷା ଯୋଜନା" ଅଧୀନରେ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପଢୁଥିବା ଛାତ୍ରଛାତ୍ରୀଙ୍କୁ ମାଗଣା ଆବାସିକ ସୁବିଧା ଦିଆଯାଉଛି ।

ଆଦିବାସୀ ଅଂଚଳର ସମଗ୍ର ଉନ୍ନତି ପାଇଁ "ଧରତି ଆବା ଜନଜାତି ଗ୍ରାମ ଉନ୍ନତି ଅଭିଯାନ" ମାଧ୍ୟମରେ ରାଜ୍ୟର ୨୭ଟି ଜିଲ୍ଲାର ୨୩୪ଟି ବ୍ଲକ ଓ ୭୬୬୭ଟି ଗ୍ରାମକୁ ଅନ୍ତର୍ଭୁକ୍ତ କରାଯାଇଛି ।

# ଇରାନର ଆକ୍ରମଣ

୬ଟି ଦେଶକୁ ନେଇ ଗଠିତ ଜିସିସି ବିଶ୍ୱର ସବୁଠାରୁ ତୈଳ ସମୃଦ୍ଧ ଅଞ୍ଚଳ । ଏହା ସହିତ ଜୋର୍ହାନ ଉପରେ ମଧ୍ୟ ଇରାନ ଆକ୍ରମଣ କରିଛି । ନିଜେ ଇରାନ ମଧ୍ୟ ବିଶ୍ୱର ଏକ ତୈଳ ସମୃଦ୍ଧ ରାଷ୍ଟ୍ର । ଏସବୁ ଦେଶ ଯୁଦ୍ଧରେ ସମ୍ପୃକ୍ତ ହେବା ଫଳରେ ତୈଳ ଦର ବଢ଼ିଛି । ଏହା ମଧ୍ୟ ସ୍ୱାଭାବିକ । ୟୁକ୍ରେନ ଉପରେ ରଷିଆର ଆକ୍ରମଣ ପରେ ଠିକ ଏହି ପରିସ୍ଥିତି ସୃଷ୍ଟି ହୋଇଥିଲା । ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣ ପରେ ଇରାନ ପ୍ରତିଶୋଧ ପରାୟଣ ହୋଇ ହରମୁଜ ପ୍ରଣାଳୀକୁ ଅବରୋଧ କରିଛି । ଏହି ରୁଟ ଦେଇ ଚଳାଚଳ କରୁଥିବା ଜାହାଜ ଉପରେ ଇରାନ ପ୍ରଚଣ୍ଡ ଆକ୍ରମଣ କରିଛି । କହିବା ବାହୁଲ୍ୟ ଯେ, ଏହି ରୁଟ ଦେଇ ବିଶ୍ୱର ୪୦ ପ୍ରତିଶତ ତୈଳ ପରିବହନ ହୋଇଥାଏ ।ହରମୁଜ ପ୍ରଣାଳୀ ଅବରୋଧ ହେବା ଫଳରେ ଅଏଲ ସପ୍ଲାଇ ଚେନ ପ୍ରଭାବିତ ହୋଇଛି । ତେଣୁ ତେଲ ଏବଂ ଗ୍ୟାସର ଅଭାବ ସହିତ ଦର ବୃଦ୍ଧି ଘଟିଛି । ଭାରତରେ ମଧ୍ୟ ଏହାର ପ୍ରଭାବ ପଡ଼ିଛି । ଯଦିଓ ଭାରତରେ ପେଟ୍ରୋଲ ଏବଂ ଡିଜେଲର ଅଭାବ କିମ୍ବା ଦରବୃଦ୍ଧି ଏ ଯାବତ ହୋଇନାହିଁ, କିନ୍ତୁ ରନ୍ଧନ ଗ୍ୟାସ ବା ଏଲପିଜିର ଉତ୍କଟ ଅଭାବ ପରିଲକ୍ଷିତ ହୋଇଛି । ସାରା ଦେଶରେ ଏଥିଲାଗି ହାହାକାର ପଡ଼ିଯାଇଛି । ବିଭିନ୍ନ ଗ୍ୟାସ ଆବଣ୍ଟନକାରୀ ସଂସ୍ଥା ବା ରିଟେଲ ଡିଲରଙ୍କ ଗୋଦାମ ଆଗରେ ଉପଭୋକ୍ତାଙ୍କ ଲମ୍ବା ଧାଡ଼ି ପରିଲକ୍ଷିତ ହୋଇଛି । ଅନେକ ଛାନିଆରେ ଆଗୁଆ ରନ୍ଧନ ଗ୍ୟାସ ମହଜୁଦ ରଖିବା ଲାଗି ଏଭଳି କରୁଛନ୍ତି । ଜଣେ ସାଧାରଣ ଲୋକଠାରୁ ଏହା ଆଶା କରିବା ସ୍ୱାଭାବିକ । ଏହି ଆଳରେ ଅନେକ ଅସାଧୁ ବ୍ୟକ୍ତି ଗ୍ୟାସର ଅଭାବକୁ ଆହୁରି ଉତ୍କଟ କରୁଛନ୍ତି ଏବଂ ଏଲପିଜି ଲୁଚାଇ ରଖି ଏହାର କଳାବଜାରୀ କରୁଛନ୍ତି । ଭାରତରେ ଯେତେବେଳେ ଏଭଳି ଅନାବଶ୍ୟକ ଆତଙ୍କ ସୃଷ୍ଟି ହୁଏ, ସେତେବେଳେ କିଛି ଅସାଧୁ ବ୍ୟକ୍ତି ଏଭଳି କଳାବଜାରୀ କରନ୍ତି । ଏଥିପାଇଁ କେନ୍ଦ୍ର ସରକାର ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳକୁ କଳାବଜାରୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଲାଗି ନିର୍ଦ୍ଦେଶ ଦେଇଛନ୍ତି । କିନ୍ତୁ ବାସ୍ତବ କଥା ହେଲା ଦେଶରେ ରନ୍ଧନ ଗ୍ୟାସର ଉତ୍କଟ ଅଭାବ ରହିଛି । ଯୁଦ୍ଧ ଲାଗିବାର ମାତ୍ର ସପ୍ତାହକ ଭିତରେ ହଠାତ ଏଭଳି ପରିସ୍ଥିତି ସୃଷ୍ଟି ହେବ ବୋଲି କେହି କଳ୍ପନା କରିପାରିନଥିଲେ । ଭାରତରେ ଆଭ୍ୟନ୍ତରୀଣ ଚାହିଦାର ହାରାହାରି ୭୦ ପ୍ରତିଶତ ଗ୍ୟାସ ବିଦେଶରୁ ଆମଦାନୀ ହୋଇଥାଏ । ତେଣୁ ଗ୍ୟାସ ଆମଦାନୀ ପ୍ରଭାବିତ ହେବା ଫଳରେ ଏହାର ଅଭାବ ଅନୁଭବ କରାଯାଉଛି । ଗ୍ୟାସ ଅଭାବ ଯୋଗୁ ହୋଟେଲ ଶିଳ୍ପ ଗୁରୁତର ପ୍ରଭାବିତ ହୋଇଛି । ଅନେକ ଛୋଟ ବଡ଼ ରେଷ୍ଟୁରାଣ୍ଟ ବନ୍ଦ ହୋଇଗଲାଣି । ରାସ୍ତା କଡ଼ ବ୍ୟବସାୟ ମଧ୍ୟ ବନ୍ଦ । ଫଳରେ ଅନେକ ଗରିବ ଲୋକ ରୋଜଗାର ହରାଇବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି । ହସ୍ପିଟାଲଠାରୁ ଆରମ୍ଭ କରି ଟ୍ରେନରେ କ୍ୟାଟରିଂ ବ୍ୟବସ୍ଥା, ହଷ୍ଟେଲରେ ଛାତ୍ରଛାତ୍ରୀଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତି ଏବଂ ଅନେକ କାରଖାନାରେ ଉତ୍ପାଦନ ମଧ୍ୟ ବନ୍ଦ ହୋଇଗଲାଣି । ଆଉ ଯାହା କିଛି ଚାଲିଛି ତାହା ପର୍ଯ୍ୟାୟକ୍ରମେ ବନ୍ଦ ହୋଇଯିବ । ଗ୍ୟାସ ଅଭାବରୁ ୫୦ ପ୍ରତିଶତ ସାର କାରଖାନା ବନ୍ଦ ହୋଇଗଲାଣି । ସରକାର କହୁଛନ୍ତି ଆତଙ୍କିତ ହେବାର କାରଣ ନାହିଁ, ଯଥେଷ୍ଟ ଗ୍ୟାସ ମହଜୁଦ ରହିଛି । କିନ୍ତୁ ବାସ୍ତବ ସ୍ଥିତି ଭିନ୍ନ । ଏବେ ଘରୋଇ ଏଲପିଜି ବୁକିଂ ସମ୍ଭବ ହେଉନି । ସରକାର ବୁକିଂ ବ୍ୟବଧାନ ଅବଧି ୨୫ ଦିନକୁ ବଢ଼ାଇ ଦେଇଛନ୍ତି । ସରକାରଙ୍କ କହିବାନୁଯାୟୀ ବିଦେଶରୁ ପ୍ରାୟ ୪୦ଟି ଦେଶରୁ ଭାରତ ତୈଳ ଏବଂ ଗ୍ୟାସ ଆମଦାନୀ କରୁଛନ୍ତି । ଅନେକ ଦେଶରୁ ଆମଦାନୀ ହେଉଥିବା ତେଲ ଏବଂ ଗ୍ୟାସ ଏବେ ସମୁଦ୍ର ପଥରେ ରହିଛି । ଏସବୁ ଜାହାଜ ଭାରତରେ ପହଞ୍ଚିଗଲେ ଶୀଘ୍ର ସମସ୍ୟା ଦୂର ହୋଇଯିବ ।

# କେ ନୁହେଁ ସାହା ବିପ୍ରବର, ନିଜକୁ ନିଜେ ରକ୍ଷାକର

॥ ପଙ୍କଜ କୁମାର ପାଣିଗ୍ରାହୀ ॥

“ ପ୍ରକୃତି ଆରମ୍ଭରୁ ଏହିସବୁ ଗୋଷ୍ଠୀ ମାନଙ୍କର କୌଣସି ସାମାଜିକ ଭୂମିକା ନଥାଇ ମଧ୍ୟ ପିଢ଼ିକୁ ପିଢ଼ି ମଣିଷ ସୃଷ୍ଟି ହୋଇ ଆଜି ଆମେ ଏହି ସମୟରେ ପହଂଚିଛେ । ଏସବୁର ଅନୁପସ୍ଥିତିରେ ଆମେ ସତେ ଯେମିତି ଅମଣିଷ ହୋଇଯିବା ବୋଲି ଯେଉଁ ଭାବନା ସୃଷ୍ଟି ହେଉଛି ମନରେ ସେହି ଭାବନା ସୃଷ୍ଟି କରୁଥିବା ମଧ୍ୟ ଏହି ଗୋଷ୍ଠୀ ସମୂହର ଏକ ଏକ ଅବିଚ୍ଛେଦ୍ୟ ଅଙ୍ଗ ଭଳି କାର୍ଯ୍ୟ କରିଥାଏ । ପାରିବାରିକ ବିଚ୍ଛେଦ ତଥା ଏକକ ପରିବାରକୁ ଖଣ୍ଡବିଖଣ୍ଡିତ କରି ସ୍ୱାର୍ଥବାଦୀ ମଣିଷ ସୃଷ୍ଟି କରିବାରେ ମଧ୍ୟ ଯଥେଷ୍ଟ ସହାୟକ ହୋଇଥାଏ ଏହି ଗୋଷ୍ଠିଗତ ଆନୁଗତ୍ୟ ବିଚାରଧାରା ।

ସାଧାରଣ ଲୋକଙ୍କ ଅଜ୍ଞାନତାର ସୁଯୋଗ ନେଇ ଚତୁର କେଳେଙ୍କାରୀ ସମାଜରେ ଏମିତି ପ୍ରାଦୁର୍ଭାବ ବିସ୍ତାର କରି ରଖିଛନ୍ତି ଯାହା ସବୁ ନିର୍ମୂଳ କରିବାକୁ ହେଲେ ଅସଂଖ୍ୟ ଜ୍ଞାନୀଙ୍କୁ ଅଜସ୍ର ସମୟ ଲାଗିବ ଆଜିଠାରୁ ଚେଷ୍ଟା ଆରମ୍ଭ କଲେ ଯାହା ଚେଷ୍ଟା କରାଯିବା ତ ଦୂର, ସେକଥା କାହାର ଚେତନାରେ ହିଁ ପଶୁନାହିଁ ଅଦ୍ୟାବଧି ! କେତେବେଳେ କିଏ କୌଣସି ଅସୁବିଧାର ସମ୍ମୁଖୀନ ହେଲେ କେବଳ ଭଗବାନ ଭରସା ବୋଲି ବିଚାର କରି ଯେଉଁ ପଥ ଅନୁସରଣ କରିଥାନ୍ତି ତାହା ସମ୍ପୃକ୍ତ ମଣିଷର ବ୍ୟକ୍ତିଗତ ଭାବଧାରା ମଧ୍ୟରେ ସମାପ୍ତ ହୋଇଥାଏ ଯାହା ଆଉ କାହାକୁ ଅନୁଭବ ମଧ୍ୟ ହୁଏନାହିଁ । ନିଜେ ନିଜେ ନିଜର ସମସ୍ୟାକୁ ନେଇ ଦୁଃଖରେ କାଳାତିପାତ କରୁଛନ୍ତି ସମଗ୍ର ମଣିଷ ସମାଜ ବିଶ୍ୱବ୍ୟାପୀ । କାରଣ ଏହି ଗୋଷ୍ଠୀ ଗୁଡିକ ଦ୍ୱାରା ମଣିଷ ମାନଙ୍କୁ ଏମିତି ପଥରୁଦ୍ଧ କରି ରଖାଯାଇଅଛି ଯେ କିଏ କାହା ସହିତ ଉପଯୁକ୍ତ ଭାବର ଆଦାନ ପ୍ରଦାନ କରିବାରେ ମଧ୍ୟ ସମର୍ଥ ହୁଅନ୍ତି ନାହିଁ । ପରସ୍ପର ହିଂସାତ୍ମକ ଭାବ ସୃଷ୍ଟି କରି ସମାଜରେ ଶତ୍ରୁତା ଭାବ ବଜାୟ ରଖିବା ପାଇଁ ଏହି ସବୁ ଗୋଷ୍ଠୀ ମାନଙ୍କ ଏକ ସ୍ୱତନ୍ତ୍ର ଦଳ କାର୍ଯ୍ୟ କରିଥାନ୍ତି ଯିଏ ସବୁବେଳେ ଆଭ୍ୟନ୍ତରୀଣ ବିଶଦ୍‌ଭାବ ସୃଷ୍ଟି କରିବା ଦିଗରେ ଯଥେଷ୍ଟ କାର୍ଯ୍ୟରତ ରହିଥାନ୍ତି । ସେହି କାରଣରୁ ସମାଜରେ ସାଧାରଣ ଲୋକଙ୍କ ମଧ୍ୟରେ ଭାତୃଭାବ ନହୋଇ କେବଳ ଶତ୍ରୁତା ଆଚରଣ ସେମାନଙ୍କୁ ଅତ୍ୟନ୍ତ ପଥ ପରିଷ୍କାର କରି ରଖିଛି ତାଙ୍କର ଶାସନ ଚଳାଇବା ପାଇଁ ନିଜ ନିଜ କ୍ଷେତ୍ର ପରିସରକୁ ନେଇ ।

ଅଧିକନ୍ତୁ କେତେବେଳେ କେବଳ ସାମୁହିକ ଆଲୋଚନା କରାଗଲେ କିଛି ବୁଝି ପାରୁଥିବା ଲୋକଙ୍କ ମନ ଭାବକୁ ବୁଝି ହୁଏକି ସମସ୍ତେ ରହିଁ ରହିଛନ୍ତି କାଳେ କେତେବେଳେ ସେହି ପରିରାଇଜର କାହାଣୀ ଭଳି ହେଉ, କି ବିଭିନ୍ନ ଶାସ୍ତ୍ରୀୟ ମର୍ଯ୍ୟାଦାରେ ପରିପୂର୍ଣ୍ଣ କାହାଣୀ ପୁସ୍ତକରେ ରଚିତ ଭଗବାନଙ୍କ ଦୂତ କେହି ଆସି ହୁଏତ ସମାଜକୁ ବିପଥରୁ ଉଦ୍ଧାର କରିବ । କିନ୍ତୁ ଏହି ବିଚାର କେବଳ ଅଲୌକିକ ଚେତନା ମଧ୍ୟରେ ରହିବା ଛଡା ତାହାର କୌଣସି ସତ୍ୟ ପ୍ରମାଣ ସାପେକ୍ଷ ଘଟଣା ଘଟିବା ସମ୍ଭାବନା ଅସମ୍ଭବ ମାତ୍ର । କାରଣ କେହି କୌଣସି ସ୍ଥାନରୁ ରହି ଆମକୁ ନିୟନ୍ତ୍ରଣ କରିନଥାନ୍ତି ଯାହା ସବୁ ଆମେ ମନରେ ବିଶ୍ୱାସ ଭରି ଚଳିଛେ । କେବଳ ଆମରି ମଧ୍ୟରୁ ଯଦି କେହି ସହୃଦୟ ବ୍ୟକ୍ତିଗଣ ବାହାରି ଆମକୁ ରକ୍ଷା କରିବା ଦିଗରେ କାର୍ଯ୍ୟ କରିବେ ତାହେଲେ ଯାଇ କିଛି ପରିବର୍ତ୍ତନ ହେବାଛଡା ଏହି ଅମାନୁଷିକ ବ୍ୟକ୍ତିଗଣଙ୍କ ମିଥ୍ୟା ଅଲୌକିକ ପ୍ରବଚନରେ ଭାସୁଥିବା ପର୍ଯ୍ୟନ୍ତ ଆମେ ଧିରେ ଧିରେ ନିମ୍ନ ମୁଖି ହୋଇ ପାତାଳରେ ପଶିବା ବ୍ୟତୀତ କୌଣସି ସ୍ୱର୍ଗ ଅନୁଭବ କରିବା ଭ୍ରାନ୍ତ ଚିନ୍ତନ । ତେଣୁ ନିଜକୁ ନିଜେ ସୁଧାରି ସତ୍ୟର ପଥଗ୍ରହୀ ହୋଇ ସମାଜରେ ସମସ୍ତ କେଳେଙ୍କାରୀ ମିଥ୍ୟା ପ୍ରବଚନକୁ ପ୍ରତ୍ୟାଖ୍ୟାନ ପୂର୍ବକ ନିଜର ଅନ୍ତର୍ଜ୍ଞାନ ବିସ୍ତାର କରିବାକୁ ଚେଷ୍ଟା କଲେହିଁ ସବୁକିଛି ବୁଝି ହେବ ଯାହା ଆମେ ଜାଣି ପାରୁନାହୁଁ । ଅଥବା ଏମିତି ପ୍ରତାରିତ ନିଷ୍ପେସିତ ହୋଇ ବଂଚିବା ଛଡା ମନୁଷ୍ୟ ଜୀବନର ପ୍ରକୃତ ମର୍ମକୁ ନବୁଝି ଜନ୍ମ ମରଣର ବ୍ୟବଧାନ ମଧ୍ୟରେ ପଥ ଅତିକ୍ରମ କରୁଥିବା ପିଢ଼ିକୁ ପିଢ଼ି । କାରଣ ଏହି ସମସ୍ତ ଗୋଷ୍ଠୀ ନିଜ ନିଜ ମଧ୍ୟରେ ଆପୋଷ ବୁଝାମଣା କରି ଜୀବନର ସବୁ ସମୟରେ ବିଭିନ୍ନ ସୂତ୍ରରେ ସାଧାରଣ ଲୋକଙ୍କ ରୋଜଗାରର ଅନ୍ୟୁନ ତିନି ଚତୁର୍ଥାଂଶ ଆତ୍ମସାତ କରିଥାନ୍ତି ଯଦ୍ଦ୍ୱାରା ସାଧାରଣ ଲୋକେ ଗରିବ ହୋଇ ରହିବା ଛଡା ଦୈନନ୍ଦିନ ଜୀବନରେ ଭଲ ଭାବେ ଗଣ୍ଡେ ଖାଇବା, ଖଣ୍ଡେ ପିନ୍ଧିବାକୁ ମଧ୍ୟ ପାଉନାହାନ୍ତି ଅଥବା ବ୍ୟକ୍ତିଗତ ସ୍ତରରେ ମାନସିକ ସମାଧାନ କରି ନିଜକୁ ନିଜେ ଆଶ୍ୱାସନା ଦେଇ ବଂଚୁଥିବା କେହି ଅସ୍ୱୀକାର କରି ପାରିବେ ନାହିଁ ।

ପ୍ରକୃତି ଆରମ୍ଭରୁ ଏହିସବୁ ଗୋଷ୍ଠୀ ମାନଙ୍କର କୌଣସି ସାମାଜିକ ଭୂମିକା ନଥାଇ ମଧ୍ୟ ପିଢ଼ିକୁ ପିଢ଼ି ମଣିଷ ସୃଷ୍ଟି ହୋଇ ଆଜି ଆମେ ଏହି ସମୟରେ ପହଂଚିଛେ । ଏସବୁର ଅନୁପସ୍ଥିତିରେ ଆମେ ସତେ ଯେମିତି ଅମଣିଷ ହୋଇଯିବା ବୋଲି ଯେଉଁ ଭାବନା ସୃଷ୍ଟି ହେଉଛି ମନରେ ସେହି ଭାବନା ସୃଷ୍ଟି କରୁଥିବା ମଧ୍ୟ ଏହି ଗୋଷ୍ଠୀ ସମୂହର ଏକ ଏକ ଅବିଚ୍ଛେଦ୍ୟ ଅଙ୍ଗ ଭଳି କାର୍ଯ୍ୟ କରିଥାଏ । ପାରିବାରିକ ବିଚ୍ଛେଦ ତଥା ଏକକ ପରିବାରକୁ ଖଣ୍ଡବିଖଣ୍ଡିତ କରି ସ୍ୱାର୍ଥବାଦୀ ମଣିଷ ସୃଷ୍ଟି କରିବାରେ ମଧ୍ୟ ଯଥେଷ୍ଟ ସହାୟକ ହୋଇଥାଏ ଏହି ଗୋଷ୍ଠିଗତ ଆନୁଗତ୍ୟ ବିଚାରଧାରା । ଏମିତିକି ଜନ୍ମ ଦେଇଥିବା ପିତା ମାତାଙ୍କୁ ଅଗ୍ରାହ୍ୟ କରି ସନ୍ତାନ ମାନେ ଅଲଗା ହୋଇ ରହିବା ଭାବନାର ମଧ୍ୟ ମୂଳ ସୂତ୍ରଧର ଭାବେ କାର୍ଯ୍ୟ କରିଥାଏ ଏହିସବୁ ଗୋଷ୍ଠିଗତ ଅନୁଗତ୍ୟତା ଯାହା ଏତେ ସହଜରେ ବୁଝି ହେବ ନାହିଁ । ଏସମସ୍ତଙ୍କୁ ବାଜ୍ୟାପ୍ତ କରି କିଏ ହେଲେ କୌଣସି ଗୋଷ୍ଠିଗତ ଆନୁଗତ୍ୟକୁ ଅସ୍ୱୀକାର କରି ବଂଚିବା ଶିକ୍ଷା କଲେ ଯେ ଆମର ଜୀବନ ଯାପନ ଶୈଳୀରେ ଏତେ ମାତ୍ରାରେ ଶୁଦ୍ଧି ଆସିବ ଏବଂ ସାଧାରଣ ମଣିଷ ସମୂହ ଏକ ନିରୋଳା ଜୀବନ ଯାପନ କରିବାରେ ସମର୍ଥ ହୋଇପାରିବେ ସେଇଥିରେ କୌଣସି ସନ୍ଦେହ ନାହିଁ । ଏହି ଗୋଷ୍ଠିଗତ ଆନୁଗତ୍ୟ ହେତୁ ମଣିଷ ଯେ କେବଳ ଆର୍ଥିକ ଭାରାକ୍ରାନ୍ତ, ପ୍ରତାରିତ ହୋଇ ବଞ୍ଚିଛି ତା ନୁହେଁ । ଏମାନଙ୍କ ପ୍ରକୋପ କାରଣରୁ ସାଧାରଣ ମଣିଷଙ୍କ ମାନସିକ ଅସ୍ଥିରତା, ସାମାଜିକ ଦୁର୍ବଳତା, ହିଂସାଭାବ ଇତ୍ୟାଦି ଅମାନୁଷିକ ଆଚରଣ ଗୁଡିଏ ବୃଦ୍ଧି ହେବା ସହିତ ବିଭିନ୍ନ ରୋଗ ଗ୍ରସ୍ତ ହେବା ତଥା ଆୟୁଷ କ୍ଷୀଣ ହେବା ଭଳି ସମସ୍ୟା ମଧ୍ୟ ବୃଦ୍ଧି ପାଇଥାଏ ଯାହା ସାଧାରଣ ନିର୍ବୋଧ ଆଦୌ ବୁଝି ପାରନ୍ତି ନାହିଁ କି ଭାବି ମଧ୍ୟ ପାରିବେ ନାହିଁ । ଏହିସବୁ ଅନାବଶ୍ୟକ ମନୁଷ୍ୟକୃତ ଅପ୍ରାକୃତିକ ଜୀବନ ଶୈଳୀକୁ ଆଦରି ନେଇ ମଣିଷ କେବଳ ଭାବୁଛି ଯେ ଆମେ ସୁଖରେ ରହୁଛୁ । କିନ୍ତୁ ଥରେ ଏମାନଙ୍କ ଗୋଷ୍ଠିଗତ ଅନୁଗତ୍ୟକୁ ପ୍ରତ୍ୟାଖ୍ୟାନ କରି ଦେଖନ୍ତୁ ଜୀବନ କେତେ ସରଳ ସୁଗମ ଅନୁଭବ ହେବ ଯାହା ଉପସ୍ଥିତ ସମୟରେ ଭାବିବା ମଧ୍ୟ ସମ୍ଭବ ହେଉନାହିଁ । କିନ୍ତୁ ନିରାଟ ସତ୍ୟ ! ପ୍ରକୃତିର କୋଳରେ ଜନ୍ମିତ ପ୍ରାକୃତିକ ମନୁଷ୍ୟ ଯେ ଦିନେ ସବୁ ଛାଡି ମାଟିରେ ମିଶିଯିବ ଏହି ଭାବନାରୁ ଦୁରେଇ ରଖି ଏହିସବୁ ଗୋଷ୍ଠୀର ଅଜ୍ଞାନ ଚତୁର ସର୍ବସାଧାରଣଙ୍କୁ ଦିନରେ ଯେଉଁ ଜହ୍ନ ଦେଖାଉଛନ୍ତି ସେଗୁଡିକ ବର୍ଜନୀୟ ନିଶ୍ଚୟ ଯଦି ଆମେ ପ୍ରକୃତ ମନୁଷ୍ୟ ଜୀବନର ସ୍ୱାଦକୁ ଅନୁଭବ କରିବାକୁ ଇଚ୍ଛୁକ । ସମସ୍ତେ ଏକ ମନ ଏକ ପ୍ରାଣ ହୋଇ ଏହି ଗୋଷ୍ଠିଗତ ଆନୁଗତ୍ୟକୁ ପ୍ରତ୍ୟାଖ୍ୟାନ କରି ଏକ ସାମାଜିକ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରି ନିଜକୁ ନିଜେ ରକ୍ଷା କରିବା ବ୍ୟତୀତ କୌଣସି ଭଗବାନ ଆମକୁ ରକ୍ଷା କରି ପୃଥିବୀ ପୃଷ୍ଠରେ ସୁଖ ଶାନ୍ତି ଫେରାଇ ଆଣିବେ ବୋଲି ଭାବନା କେବଳ ଭାବନା ମଧ୍ୟରେ ରହିବା ଛଡା ଆଦୌ ଫଳପ୍ରଦ ହେବନାହିଁ ଜନ୍ମ ଜନ୍ମ ଧରି ଗ୍ରହଣ କରିଚାଲିଥିଲେ ମଧ୍ୟ । ତେଣୁ ହେ ମନୁଷ୍ୟ ସମାଜ ସମସ୍ତେ ଏକ ହୋଇ ଏହି ଗୋଷ୍ଠିଗତ ଆନୁଗତ୍ୟକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ ପୂର୍ବକ କେବଳ ସାଧାରଣ ମଣିଷ ସମାଜ ଗଠନ କରିବା ଦିଗରେ ଏକତ୍ରିତ ହୋଇ କାର୍ଯ୍ୟ କରନ୍ତୁ ଯାହା ଆମକୁ ହୁଏତ ଟିକେ କଷ୍ଟରେ ହେଲେ ମଧ୍ୟ କିଛି ଦିନ ମଧ୍ୟରେ ସୁଖ ଶାନ୍ତି ଫେରାଇ ଆଣିବାରେ ସାହାଯ୍ୟ କରିପାରେ ଯାହା ପୃଥିବୀରେ ମନୁଷ୍ୟ ସୃଷ୍ଟି ହେବା ସମୟରେ ଥିଲା । ନତୁବା କେହି ଆମକୁ ରକ୍ଷା କରିପାରିବେ ନାହିଁ ଯାହା ଆସନ୍ତା ସମୟରେ ପ୍ରକୃତିର ସମୟ ପୂର୍ବରୁ ସମଗ୍ର ମଣିଷ ସମାଜ ବିଲୁପ୍ତ ହେବ ।

ଛତ୍ରପୁର, ଗଂଜାମ-୭୬୧୦୨୦
ଦୂରଭାଷ.: ୯୪୩୭୩୨୪୯୧୭

# ଆଧ୍ୟାତ୍ମବାଦ ଓ ମାନବଧର୍ମ

॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

ଶ୍ରୀମଦ୍ ଭାଗବତରେ ଉଲ୍ଲେଖ ରହିଛି - 'ଦୁଃଖୀ ଯେ ପରିତ୍ରାଣ କରେ, ସଙ୍କଟୁ ପ୍ରାଣୀଙ୍କୁ ଉଦ୍ଧାରେ । ଯେ ରହେ ପର ଉପକାରେ, ଧନ୍ୟ ଜୀବନ ତା ସଂସାରେ । ମହତେ ଯାହା ଆଚରିବେ, ଇତରେ ତାହାହିଁ କରିବେ । ସେ ଯାହା ପ୍ରମାଣ କରିବେ, ଲୋକେ ସେ ପଥେ ପ୍ରବର୍ତ୍ତିବେ । ସେମଦରଶୀ ଯାର ଚିତ୍ତ, ତାହାର ନାହିଁ ଶତ୍ରୁ ମିତ୍ର । ମନୁଷ୍ୟ ଦେହେ ଦିବ୍ୟ ଜ୍ଞାନ, ଦେଖି ସନ୍ତୋଷ ଭଗବାନ ।।' ଜୀବନରେ ମହତ୍ ବ୍ୟକ୍ତିର ଆଚରଣ ଓ ମାନବୀୟତାକୁ ନେଇ ଏହି ଅମୂଲ୍ୟ ପଂକ୍ତି ଆଜିର ମାନବ ସମାଜ ପାଇଁ ଅତ୍ୟନ୍ତ ଅପରିହାର୍ଯ୍ୟ । ଯେଉଁ ମଣିଷ ଆଧ୍ୟାତ୍ମବାଦ ଗ୍ରହଣ କରେ ତା ହୃଦୟରେ ପରମଶକ୍ତି ବିରାଜନ୍ତି । ଏ ଭଳି ମଣିଷ ବର୍ଣ୍ଣ-ଭେଦ, ରୂପ-ରଙ୍ଗ ଦେଖେନାହିଁ । ତାହାକୁ କେବଳ ଆତ୍ମା ମାତ୍ର ଦୃଶ୍ୟ ହୁଏ ଏବଂ ସେ ବିବିଧ ଧର୍ମର ଊର୍ଦ୍ଧ୍ୱକୁ ଯାଇ, କେବଳ ମାନବଧର୍ମ ଗ୍ରହଣ କରେ । ସକଳ ପ୍ରାଣୀଙ୍କୁ ଶ୍ରଦ୍ଧା କରିବା ମାନବଧର୍ମ । ମାନବଧର୍ମୀ, ପିମ୍ପୁଡ଼ି, ଚାଣ୍ଡାଳ, ହାତୀ ଓ ମନୁଷ୍ୟ ଭିତରେ ଅସାମଞ୍ଜସ୍ୟ ଦେଖେ ନାହିଁ । ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖେ । ଆଜିର ବିପର୍ଯ୍ୟସ୍ତ ସମାଜକୁ କେବଳ ଆଧ୍ୟାତ୍ମବାଦ ଦ୍ୱାରା ସଜଡ଼ାଯାଇପାରେ । ମହୁମାଛି, ବିଭିନ୍ନ ପ୍ରକାରର ଫୁଲ ଉପରେ ବସି ରସ ଓ ପରାଗ ଗ୍ରହଣ କରେ ଏବଂ ମହୁ ତିଆରି କରେ । ଠିକ୍ ସେହି ପରି ବିନା ଭେଦ ଭାବରେ ବିଭିନ୍ନ ଫୁଲ ରୂପୀ ସମସ୍ତ ଧର୍ମର ସାର ଗ୍ରହଣ କରିବା ହେଉଛି, ଆଧ୍ୟାତ୍ମବାଦ । ଏହାର ପ୍ରସାର କରିବା ମାନବର ଧର୍ମ । ଏହା ସନ୍ଥମାନେ କହିଛନ୍ତି ସବୁ ଶାସ୍ତ୍ରରେ ଲେଖାଯାଇଛି । ଏହା ଅନାଦିକାଳରୁ ମାନବ ସହ ଅଛି । ଏହା ହିଁ ମାନବର ସହଜାତ ସ୍ୱରୂପ ଓ ସ୍ୱଭାବ । ଏହାକୁ ବୁଝିବା, ଧାରଣ କରିବା ହେଉଛି ଆତ୍ମଜ୍ଞାନ । ଆଉ ଜୀବନରେ ପ୍ରକଟ କରିବା ମାନବଧର୍ମ ।

ଭାରତ ହେଉଛି ଦେବଭୂମି, ଭଗବାନ ଶ୍ରୀରାମ, ଶ୍ରୀକ୍ରୀଷ୍ଣ, ବୁଦ୍ଧ, ଶ୍ରୀଚୈତନ୍ୟ, ଶ୍ରୀରାମକୃଷ୍ଣ ପରମହଂସ ଓ କଳିଯୁଗର ଶେଷ ଅବତାର ପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଜନ୍ମଭୂମି । ଏହି ମହାପୁରୁଷ ମାନଙ୍କର ଶିକ୍ଷା-ଦୀକ୍ଷା ଓ ବିବାହ-ସଂସ୍କାର-ବ୍ୟକ୍ତି-ଦମ୍ପତି-ପରିବାର-ସମାଜ ଓ ରାଷ୍ଟ୍ର ନିୟନ୍ତ୍ରଣରେ ଏହି ସନାତନ ସଭ୍ୟତା ବିଶ୍ୱ ବନ୍ଦିତ । ଏହି ମାନବୀୟ ଗୁଣର ପରିପ୍ରକାଶ ନିମିତ୍ତ ଭଗବାନ ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ତାଙ୍କର କୋଟି କୋଟି ଶିଷ୍ୟ ସନ୍ତାନ ସତ୍‌ସଙ୍ଗୀ ମାନଙ୍କୁ ଆହ୍ୱାନ ଦେଇ କହିଲେ - ମୁଁ ଅମାନୀ, ମୁଁ ଅକ୍ରୋଧି, ମୁଁ ନିରଳସ, କାମ-ଲୋଭ-ଜିତବଶୀ, ମୁଁ ଇଷ୍ଟପ୍ରାଣ, ସେବା-ପଟୁ, ଅସ୍ତି-ବୃଦ୍ଧି, ଯାଜନ-ଜୈତ୍ର, ପରମ-ଆନନ୍ଦ ଉଦ୍ଦୀପ୍ତ ଶକ୍ତି ସମୃଦ୍ଧ, ତୁମରି ସନ୍ତାନ, ପ୍ରେମ-ପୁଷ୍ଟ, ଚିର ଚେତନ, ଅଜର, ଅମର, ମୋତେ ଗ୍ରହଣ କର, ମୋର ପ୍ରଣାମ ନିଅ, ଇତ୍ୟାଦି ସ୍ୱତଃ ଅନୁଜ୍ଞା ମାଧ୍ୟମରେ ଚାରିତ୍ରିକ ଉନ୍ନତିର ପଥ ଦେଖାଇଛନ୍ତି । 'ମାନବୀୟ ଗୁଣ ଓ ଚାରିତ୍ରିକ ଦ୍ୟୁତିର ପ୍ରରିପ୍ରକାଶ ନିମିତ୍ତ ପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ତାଙ୍କର ସ୍ୱହସ୍ତ ଲିଖିତ ପବିତ୍ର ଗ୍ରନ୍ଥ ସତ୍ୟାନୁସରଣରେ ପ୍ରକାଶ କଲେ - ଅର୍ଥ, ମାନ, ଯଶ ଇତ୍ୟାଦି ପାଇବା ଆଶାରେ ମୋତେ ଠାକୁର ସଜାଇ ଭକ୍ତ ହୁଅ ନାହିଁ, ସାବଧାନ ହୁଅ ଠକିଯିବ; ତୁମର ଠାକୁରତ୍ୱ ଜାଗ୍ରତ ନହେଲେ କେହି ତୁମର କେନ୍ଦ୍ର ବି ନୁହଁନ୍ତି, ଠାକୁର ବି ନୁହଁନ୍ତି ଫାଙ୍କିଦେଲେ ତାହା ହିଁ ପାଇବ । ଜଗତରେ ମଣିଷ ଯେତେ ଯାହା ଦୁଃଖ ପାଏ ତାହାର ଅଧିକାଂଶ ହିଁ କାମିନୀ-କାଞ୍ଚନ ପ୍ରତି ଆସକ୍ତିରୁ ଆସେ, ସେ ଦୁଇଟା ପାଖରୁ ଯେତିକି ଦୂରେଇ ରହିବ ସେତିକି ମଙ୍ଗଳ । ସର୍ବଦା ସତ୍‌କାର୍ଯ୍ୟ କରିବା ପାଇଁ ମାନବର ଇଚ୍ଛାଶକ୍ତିକୁ ଶୃଙ୍ଖଳିତ କରିବା ହେଉଛି ଧର୍ମ ।' ମାନବିକ ଇଚ୍ଛାଶକ୍ତିର ତ୍ରୁଟିହୀନ ଅନୁଶୀଳନ ମାଧ୍ୟମରେ ସଦାଚାରର ସାଧନ ସମ୍ଭବ । ସଦାଚାର, ଏକ ପରିପୂର୍ଣ୍ଣ ବ୍ୟକ୍ତିତ୍ୱର ଅପରିହାର୍ଯ୍ୟ ଅଙ୍ଗ । ସତ୍‌କର୍ମରେ ମାନବର ଇଚ୍ଛା ବା ଅଭିରୁଚି ଅନୁବର୍ତ୍ତୀ ହୋଇ କାର୍ଯ୍ୟ କରିବାକୁ ଏହା ବୁଝାଇଥାଏ । ଭାରତୀୟ ଭାବଧାରାରେ ଧର୍ମ ଏକାଧାରରେ ସମସ୍ତ ଶାରୀରିକ, ନୈତିକ, ସାମାଜିକ, ଧାର୍ମିକ ଓ ଆଧ୍ୟାତ୍ମିକ କର୍ତ୍ତବ୍ୟ ଓ ବାଧ୍ୟତାମୂଳକ ଦାୟିତ୍ୱକୁ ବୁଝାଏ । 'ମାନବର ସମସ୍ତ ଆବେଗର ସଂଘର୍ଷ ଓ ଦ୍ୱନ୍ଦ୍ୱର ସମାଧାନ ହେଲା ଶାନ୍ତିର ମୌଳିକ ଭାବ' । ମଣିଷର କାମନାଗୁଡ଼ିକ ତାର ମନରୂପକ ହ୍ରଦର ନିଶ୍ଚଳ ଜଳ ଉପରେ ଆଲୋଡ଼ନ ଘଟାଇ ନାନା ପ୍ରକାରର ଅସ୍ଥିରତା ସୃଷ୍ଟି କରିଥାଏ । କାମନାରହିତ ମନ ତା'ର ଶାନ୍ତି ଅବସ୍ଥା ଫେରି ପାଇଥାଏ । ଯେତେବେଳେ ମଣିଷର ମନରେ ସ୍ଥାୟୀ ସ୍ଥିରତା ବା ପ୍ରଶାନ୍ତି ଥାଏ ସେତେବେଳେ ସେ ଚିରସ୍ଥାୟୀ ଶାନ୍ତି ପାଇପାରେ; କେବଳ ପ୍ରଶାନ୍ତ ମନରେ ହିଁ ଜ୍ଞାନଲୋକ ଉଦିତ ହୋଇପାରିବ । ଏହି ପରମ ଶାନ୍ତି ହିଁ ଆନନ୍ଦ । ପରମ ଶାନ୍ତି ଲାଭ କରିବା ପାଇଁ ମଣିଷକୁ ସହନଶୀଳତା ଅନୁଶୀଳନ କରିବାକୁ ହେବ, ଦୁଃଖ ଓ ସୁଖ ଉଭୟକୁ ସମାନ ଭାବରେ ଗ୍ରହଣ କରିବାକୁ ହେବ, ଯେପରି ତାହା ମନର ଭାରସାମ୍ୟକୁ ଦୋହଲାଇ ନଦିଏ, ଜୀବାତ୍ମାର ଶକ୍ତି ତଥା ନିୟତିର ରକ୍ଷାକାରୀ କ୍ଷମତା ଉପରେ ଯେପରି ଅଟଳ ଆସ୍ଥା ରହେ ସେଥିପାଇଁ ଅଭ୍ୟାସ କରିବାକୁ ହେବ, ଜାଗତିକ ଆସକ୍ତି, ଅଧିକରୁ ଅଧିକ ପରିହାର କରି ଭଗବାନଙ୍କ ପ୍ରତି ଆସକ୍ତି ଅଧିକରୁ ଅଧିକ ବଢ଼ାଇବାକୁ ହେବ ଏବଂ ପ୍ରତ୍ୟହ ଭଗବାନଙ୍କୁ ଧ୍ୟାନ ଧାରଣା କରିବାକୁ ହେବ । ଏହି ସମସ୍ତ କାର୍ଯ୍ୟ କରିବା ଦ୍ୱାରା ଜଣେ ବ୍ୟକ୍ତି ନିଶ୍ଚୟ ପରମ ଶାନ୍ତି ଲାଭ କରିପାରିବ । ଯେତେବେଳେ ସଦା ଭଗବତ୍ ପ୍ରେମାସକ୍ତ ବ୍ୟକ୍ତିର ହୃଦୟ ସମଗ୍ର ମାନବ ଜାତିର ଭ୍ରାତୃତ୍ୱ ଓ ସମସ୍ତ ଜୀବମାନଙ୍କର ଜ୍ଞାତିତ୍ୱ ବିଷୟକ ସତ୍ୟକୁ ଉପଲବ୍ଧି କରେ, ସେତେବେଳେ ଏହା 'ପ୍ରେମ' ପଦବାଚ୍ୟ ହୁଏ । ଆତ୍ମାର ସଂପୂର୍ଣ୍ଣ ପ୍ରସ୍ଫୁଟନ ଏବଂ ଅଦ୍ୱୈତ ଭାବାବସ୍ଥାର ପ୍ରାପ୍ତି ତଥା ସର୍ବଜୀବରେ ଏକତ୍ୱ ଓ ଐକ୍ୟବୋଧରୁ ଅହିଂସାର ସୃଷ୍ଟି । ସୃଷ୍ଟିର ସମସ୍ତ ଜୀବ ସହ ନିଜର ଐକ୍ୟ ଅନୁଭୂତିର ସ୍ତର ହେଲା ଅହିଂସା । ଆଧ୍ୟାତ୍ମିକ ସଚେତନତାରୁ ଏହାର ଜନ୍ମ; ଜାଗ୍ରତ ଜୀବାତ୍ମାର ଏହା ଗୁଣ ଓ ଲକ୍ଷଣ । ସୃଷ୍ଟିର ସମସ୍ତ ଅଣୁ ପରମାଣୁରେ ସର୍ବ ପ୍ରାଣରେ, ସର୍ବ ବସ୍ତୁରେ ଓ ସର୍ବତ୍ର ଏହା ଭଗବତ୍ ସତ୍ତା ଦର୍ଶନ କରେ । ଏହିପରି ସଚେତନ ଆତ୍ମା, ଅନ୍ୟ ଯେ କୌଣସି ଜୀବ ଓ ପ୍ରାଣୀର ସୁଖ ଓ ଦୁଃଖକୁ ନିଜର ବୋଲି ଅନୁଭବ କରେ । ଏତାଦୃଶ ବ୍ୟକ୍ତି ନିଜର ଓ ଅନ୍ୟମାନଙ୍କ ମଧ୍ୟରେ କୌଣସି ବିଭିନ୍ନତା ଅନୁଭବ କରେନାହିଁ ।

ପ୍ରଫେସର, ହେପାଟୋଲୋଜି ବିଭାଗ, କଟକ
ବଡ଼ମେଡ଼ିକାଲ, ଦୂରଭାଷ : ୯୪୩୭୦୫୧୯୫୭

# ହରିଜନ୍ମ

॥ ପ୍ରଦୀପ କୁମାର ବିଶ୍ୱାଳ ॥

ଏଣୁ ଶ୍ରୀମନ୍ଦିରରେ ଭାଦ୍ରକୃଷ୍ଣ ଅଷ୍ଟମୀ ଦିନ ଏହି ପର୍ବକୁ ଖୁବ୍ ନିଷ୍ଠାର ସହ ପାଳନ କରାଯାଏ ଓ ଜଗନ୍ନାଥ ଧର୍ମ ଓ ଜଗନ୍ନାଥସଂସ୍କୃତି ପ୍ରେମୀ ପୃଥିବୀର ଯେଉଁ କୋଣଅନୁକୋଣରେ ଥିଲେ ମଧ୍ୟ ଏହି ପର୍ବକୁ ଭକ୍ତି ଓ ନିଷ୍ଠାର ସହ ପାଳନ କରନ୍ତି । ଅଷ୍ଟମୀର ପରଦିନ ନବମୀ ତିଥିରେ ନନ୍ଦରାଜାଙ୍କ ଘରେ ଯଶୋଦାଙ୍କ ପୁତ୍ର ରୁପେ ଆର୍ବିଭୁତ ହୋଇଥିବାରୁ ଶ୍ରୀକୃଷ୍ଣଙ୍କ ଜନ୍ମଉତ୍ସବ ନନ୍ଦରାଜାଙ୍କ ଦ୍ୱାରା ଗୋପପୁରରେ ଏହି ଦିନ ଅନୁଷ୍ଠିତ ହୋଇଥିବାରୁ ଏହାକୁ ନନ୍ଦଉତ୍ସବ କୁହାଯାଏ । ଏହି ଜନ୍ମାଷ୍ଟମୀକୁ କୃଷ୍ଣାଷ୍ଟମୀ ଓ ଗୋକୁଳାଷ୍ଟମୀ ମଧ୍ୟ କୁହାଯାଏ । ଏହିଦିନ ଉପାସକମାନେ ନିର୍ଜଳା ଉପବାସ ରହି ଦିନସାରା କୃଷ୍ଣଲୀଳା ଶ୍ରବଣ, କୀର୍ତନ ଓ ଭଜନରେ ମଗ୍ନ ରୁହନ୍ତି । ଅର୍ଦ୍ଧରାତ୍ରରେ କୃଷ୍ଣ ଜନ୍ମ ସମୟରେ କୃଷ୍ଣଙ୍କ ଫଟୋଚିତ୍ର ବା ମୁର୍ତିକୁ ପଂଚୋପଚାରରେ ପୂଜାପୂର୍ବକ ଫଳମୂଳ ପ୍ରସାଦ ଲଗାଯାଏ । ଉପାସକମାନେ ତହିଁ ପରଦିନ ସୂର୍ଯ୍ୟୋଦୟପରେ ତିଥି କିମ୍ବା ନକ୍ଷତ୍ରର ସମାପ୍ତିପରେ ଭୋଜନ କରି ପାରଣ କରନ୍ତି ।

ଏହି ପୂଜାର ଅନ୍ୟଏକ ଦିଗ ହେଉଛି ଉପବାସ । ବିଜ୍ଞାନ କହେ ଶରୀରର ୬୫ ପ୍ରତିଶତ ଶକ୍ତି ଖାଦ୍ୟ ହଜମ କରିବାରେ ଲାଗେ । ଉପବାସ ରହିବା ଦ୍ୱାରା ଏହି ଶକ୍ତି ଶରୀରର ଅନ୍ୟ କୋଷ ଓ ଅଙ୍ଗରୁ ବାହ୍ୟ ଅନିଷ୍ଟକାରୀ ରୋଗ ଜୀବାଣୁମାନଙ୍କୁ ନଷ୍ଟ କରିବାରେ ସାହାଯ୍ୟ କରେ । ଏହା ଦ୍ୱାରା ଶରୀରରୁ ଅନେକ ରୋଗ ଭଲ ହୋଇଥାଏ । ମେଦବହୁଳତା ହ୍ରାସପାଇଁ ଏହା ଅତ୍ୟନ୍ତ ଉପକାରୀ ଉପାୟ । ଉପବାସ ରହିବା ଦ୍ୱାରା ମନ ଶାନ୍ତ ଓ ଶୁଦ୍ଧ ରହିବା ସହିତ ମନରେ ଭକ୍ତିଭାବ ଜାଗ୍ରତ ହୁଏ ।

ଶ୍ରୀକୃଷ୍ଣଙ୍କର ଜୀବନଶୈଳିକୁ ଅନୁଧ୍ୟାନ କଲେ ଜଣାଯାଏ ଶତ୍ରୁ ମାମୁ କଂସଙ୍କ ବନ୍ଦୀଶାଳାରେ ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ତାଙ୍କର ଜୀବନ ବିପଦପୂର୍ଣ୍ଣ ଓ ସଂଘର୍ଷମୟ ଥିଲା । ତଥାପି ସର୍ବଦା ତାଙ୍କ ଅଧରରେ ସ୍ମିତହାସ୍ୟ ଲାଗି ରହିଥିଲା । ଯେ କୌଣସି ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ଅବିଚଳିତ ଭାବେ ସମସ୍ୟାର ସମାଧାନ କରିପାରୁଥିଲେ । ତାଙ୍କର ବୀରତ୍ୱ, ନିର୍ଭିକତା, ନୈତିକତା, ନମ୍ରତା, ରାଷ୍ଟ୍ରସେବା, ଯୁଦ୍ଧନୀତି, ରାଜ୍ୟ ପ୍ରତିଷ୍ଠା, ଶାସ୍ତ୍ରୋପଦେଶ ଇତ୍ୟାଦି ଅତୁଳନୀୟ ଗୁଣ ଥିଲା । ତେଣୁ ସେ ସମୟର ଥିଲେ ସବୁଠାରୁ ଦକ୍ଷ ରାଜନୀତିଜ୍ଞ, କୂଟନୀତିଜ୍ଞ ଓ ଅର୍ଥନୀତିଜ୍ଞ । ବାଲ୍ୟ ଚପଳତା ସହିତ ପିତୃମାତୃ ଭକ୍ତିକୁ ଭୁଲି ନଥିଲେ ।

ଜଣେ ପ୍ରଜାବତ୍ସଳ ରାଜା ଭାବରେ ସେ ସର୍ବତ୍ର ପୂଜା ପାଉଥିଲେ । ଏତେ ପ୍ରକାର ଜଞ୍ଜାଳ ମଧ୍ୟରେ ପରିବାର ତଥା ପତ୍ନୀମାନଙ୍କ ପ୍ରତି କର୍ତବ୍ୟରେ ଅବହେଳା କରୁ ନ ଥିଲେ । ପିତା ଭାବରେ ଅବାଧ ସନ୍ତାନମାନଙ୍କ ପ୍ରତି ଦଣ୍ଡ ବିଧାନରେ ତିଳେମାତ୍ର ହେଳା କରିନାହାନ୍ତି । ସଖାଭାବେ ସୁଦାମାଙ୍କୁ ସାହାଯ୍ୟ ଓ ପାଣ୍ଡବମାନଙ୍କୁ ମହାଭାରତ ଯୁଦ୍ଧରେ ଅକୁଣ୍ଠ ସାହାଯ୍ୟ କରିଥିଲେ । ସେ ଥିଲେ ଏକଧାରାରେ ଜଣେ ଆଦର୍ଶ ପୁତ୍ର, ପିତା, ସ୍ୱାମୀ, ସଖା ଓ ସାମ୍ରାଜ୍ଞୀ । ବାସ୍ତବରେ ସେ ଥିଲେ ସ୍ଥିତପ୍ରଜ୍ଞ । ଶ୍ରୀମଦ୍ ଭାଗବତ୍ ଗୀତା ତାଙ୍କର ସର୍ବଶ୍ରେଷ୍ଠ ବାଣୀ । ଯେଉଁ ବାଣୀକୁ ଶ୍ରବଣ କରି ଅର୍ଜୁନ ବିଷାଦଯୋଗରୁ ନିବୃତ ହୋଇ କର୍ମପ୍ରବୃତ ହୋଇଥିଲେ । ଏଥିରେ ମଣିଷର ସଂପୂର୍ଣ୍ଣ ଜୀବନଦର୍ଶନ ଲିଖିତ ଅଛି । ଗୀତା ବାଣୀର ସାରମର୍ମକୁ ହୃଦୟଙ୍ଗମକରି ଯେଉଁ ବ୍ୟକ୍ତି କାର୍ଯ୍ୟ କରୁଛନ୍ତି ବା କରିବେ ତାଙ୍କର ମଣିଷଜୀବନ ସାର୍ଥକ ହେବ । ଶ୍ରୀକୃଷ୍ଣ ଜଙ୍ଗଲରେ ଗଛମାନଙ୍କ ଗହଳରେ ଗାଇ ଚରାଇବା ଓ କ୍ଷୀରରୁ ପ୍ରସ୍ତୁତ ସରଲବଣୀ ତାଙ୍କର ପ୍ରିୟ ଖାଦ୍ୟଥିଲା । ଯମୁନା ନଦୀ, କଦମ୍ବମୂଳ ପଶୁପକ୍ଷୀ ତାଙ୍କର ଅତ୍ୟନ୍ତ ପ୍ରିୟ ଥିଲେ । ଗରି ଗୋବର୍ଦ୍ଧନ ପର୍ବତକୁ ବାମହାତର କନଷ୍ଠା ଆଙ୍ଗୁଳିରେ ୮ ଦିପର୍ଯ୍ୟନ୍ତ ଧାରଣ ଗାଈଗୋରୁ ଓ ଗୋକୁଳବାସୀଙ୍କ ଆଶ୍ରୟ ଦେଇ ରକ୍ଷା କରିଥିଲେ । ଏହା ଦ୍ୱାରା ସେ ସମାଜକୁ ବାର୍ତ୍ତା ଦେଇଯାଇଛନ୍ତି ଯେ ଗଛ, ଗାଈ, ଗଙ୍ଗା, ଗିରି ଓ ଗଗନକୁ ସଂରକ୍ଷଣ କରି ତାଙ୍କର ସଦୁପଯୋଗ କରିପାରିଲେ ମଣିଷ ସମାଜ ଶାନ୍ତି ଓ ନିରୋଗରେ ରହିପାରିବ । ହିନ୍ଦୁମାନଙ୍କର ୧୨ ମାସରେ ୧୩ ପର୍ବ ପାଳନ କରାଯାଏ । ତନ୍ମଧ୍ୟରୁ ଜନ୍ମାଷ୍ଟମୀ ଅନ୍ୟତମ । ଆମର ପ୍ରଚଳିତ ପର୍ବଗୁଡିକ ଲୋକାଦେଖାଣିଆ ଓ ଖୁସି ମଜାର କଥା ନୁହେଁ । ଏହା ଆମର ସଂସ୍କୃତି, ପରମ୍ପରା, ଐଶୋରିକ ଭକ୍ତି ଭାବନା ଓ ବୈଜ୍ଞାନିକ ଭିତିଭୂମୀ ଉପରେ ପର୍ଯ୍ୟବେସିତ । ଏହାର ଅର୍ନ୍ତନିହିତ ଉଦ୍ଦେଶ୍ୟକୁ ହୃଦୟଙ୍ଗମ କରି ପର୍ବଗୁଡିକୁ ପାଳନ କଲେ ଏହାର ସୁଫଳ ପାଇହେବ ।

ଅନୁଶାସନ ସଚିବ, ଅର୍ଥବିଭାଗ, ଲୋକସେବା ଭବନ
ସଂପର୍କ: ୯୪୩୮୫୫୫୭୭୦

## ଚିଲିକା ନୂଆପଡ଼ାରେ ଦଶଦୋଳ

କୃଷ୍ଣପ୍ରସାଦ, (ମହାଭାରତ) : ପୁରୀ ଜିଲ୍ଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକର ପ୍ରସିଦ୍ଧ ଐତିହାସିକ ଚିଲିକା ନୂଆପଡା ଦଶଦୋଳ ଯାତ୍ରା ମହୋତ୍ସବ ଶନିବାର ଠାରୁ ଆରମ୍ଭ ହୋଇଯାଇଛି । ମୁଖ୍ୟ ପୀଠାଧିଶ ଶ୍ରୀ ଗୁପ୍ତେଶ୍ୱର ଦେବଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରୁ ୧୬ ଠାକୁର ସୁସଜ୍ଜିତ ବିମାନରେ ପଟୁଆରରେ ଆସି ପୂଜା ମଣ୍ଡପରେ ବିରାଜମାନ ହୋଇଥିଲେ । ପ୍ରତ୍ୟହ ସନ୍ଧ୍ୟାରେ ପାରମ୍ପରିକ ଲୋକନୃତ୍ୟ ଭାରତଲୀଳା, ଚିତାକର୍ଷକ ପାଇକ ଆଖଡ଼ା ପଦର୍ଶନ ସହିତ ମନୋରଞ୍ଜନ ନିମନ୍ତେ ରାତ୍ର କାଳରେ ଅପେରା ପାର୍ଟି ନାଟକ ପରିବେଷଣ କରୁଛନ୍ତି । ଚଳିତ ବର୍ଷ ପ୍ରଶାସନିକ କଟକଣା ଯୋଗୁଁ ଆତସବାଜି ପଦର୍ଶନ କୁ ବାରଣ କରାଯାଇଛି । ମହୋତ୍ସବ କୁ ସରସ ସୁନ୍ଦର କରିବା ପାଇଁ କମିଟିର ସଭ୍ୟ ମାନଙ୍କୁ ବିଭିନ୍ନ ଦାୟିତ୍ୱ ବଣ୍ଟନ କରାଯାଇଛି । ଚିଲିକା ନୂଆପଡ଼ା ଗ୍ରାମ୍ୟ କମିଟି ସଭାପତି ନଳିନୀ କାନ୍ତ ଜେନା, ସମ୍ପାଦକ ସୁକାନ୍ତ କୁମାର ପ୍ରଧାନଙ୍କ ସମେତ ୩୫ ଜଣିଆ କମିଟି ଏବଂ ଚିଲିକା ନୂଆପଡା ୪୫୦ ଘର ଗ୍ରାମବାସୀ ଯାତ୍ରା ପରିଚାଳନାରେ ସକ୍ରିୟ ସହଯୋଗ କରୁଛନ୍ତି । ଶାନ୍ତି ଶୃଙ୍ଖଳା ରକ୍ଷା ଲାଗି କୃଷ୍ଣପ୍ରସାଦ ଥାନା ଆଇଆଇସି ବିଚିତ୍ରାନନ୍ଦ ପ୍ରଧାନଙ୍କ ନେତୃତ୍ୱରେ ବ୍ୟାପକ ପୋଲିସ ପୋଲିସ ଫୋର୍ସ ମୁତୟନ କରାଯାଇଛି । ମଙ୍ଗଳବାର ପ୍ରତ୍ୟୁଷରୁ ମେଳଣ ପର୍ବ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ଠାରୁ ପ୍ରକାଶ ।

## ପାରାଦୀପ ଗଲ୍ଫ କ୍ଲବ ପକ୍ଷରୁ ପ୍ରେସିଡେଣ୍ଟ କପ୍ ଗଲ୍ଫ ଟୁର୍ଣ୍ଣାମେଣ୍ଟ -୨୦୨୬ ଆୟୋଜିତ



ପାରାଦୀପ, (ମହାଭାରତ) : ପାରାଦୀପ ଗଲ୍ଫ କ୍ଲବ ପକ୍ଷରୁ ସମ୍ମାନଜନକ ପ୍ରେସିଡେଣ୍ଟ କପ୍ ଗଲ୍ଫ ଟୁର୍ଣ୍ଣାମେଣ୍ଟ-୨୦୨୬ ରବିବାର ଦିନ ପାରାଦୀପ ପୋର୍ଟ ଗଲ୍ଫ ପଡିଆରେ ସଫଳତାର ସହ ଆୟୋଜିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟରେ ଗଲ୍ଫ ପ୍ରେମୀଙ୍କ ଉତ୍ସାହୀ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା ଏବଂ ଏହାକୁ ଅତ୍ୟନ୍ତ ପ୍ରତିଯୋଗିତାମୂଳକ ଓ ଆକର୍ଷଣୀୟ କରିଥିଲା। ଏହି ଅବସରରେ ପାରାଦୀପ ବନ୍ଦର ପ୍ରାଧିକରଣ ଉପାଧକ୍ଷ ଟି.ଭେଣୁ ଗୋପାଳ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏହି ଟୁର୍ଣ୍ଣାମେଣ୍ଟ କୁ ଉଦଘାଟନ କରିଥିଲେ ଏବଂ ପରେ ବିଜେତାମାନଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ଏହି ପ୍ରତିଯୋଗିତାରେ ମୋଟ ୩୫ ଜଣ ଗଲ୍ଫ ଖେଳାଳି ବିଭିନ୍ନ ହ୍ୟାଣ୍ଡିକେପ୍ ବର୍ଗରେ ଅଂଶଗ୍ରହଣ କରିଥିଲେ, ଏବଂ ପ୍ରତିଯୋଗିତାରେ ଉତ୍କୃଷ୍ଟ ଦକ୍ଷତା ଏବଂ କ୍ରୀଡା ମନୋଭାବ ପ୍ରଦର୍ଶନ କରିଥିଲେ। ହ୍ୟାଣ୍ଡିକ୍ୟାପ୍ ୦-୧୯ ବର୍ଗରେ, ହରିହର ଦାଶ ଟୁର୍ଣ୍ଣାମେଣ୍ଟର ଚମ୍ପିଅନ୍ ହୋଇଥିଲେ। ଅକ୍ଷୟ ଚନ୍ଦ୍ର ସୂତାର ସର୍ବୋତ୍ତମ ଗ୍ରସ୍ ପୁରସ୍କାର ହାସଲ କରିଥିଲେ ଏବଂ ଦୀପକ କୁମାର ଷଡଙ୍ଗୀ ରନର୍ସ-ଅପ୍ ହୋଇଥିଲେ। ହ୍ୟାଣ୍ଡିକ୍ୟାପ୍ ୨୦-୨୩ ବର୍ଗରେ, ସୁବାଷ ଆଚାର୍ଯ୍ୟ ବିଜୟୀ ହୋଇଥିବା ବେଳେ ମାନସ ରଞ୍ଜନ ସ୍ୱାଇଁ ରନର୍ସ-ଅପ୍ ହୋଇଥିଲେ । ହ୍ୟାଣ୍ଡିକ୍ୟାପ୍ ୨୪ ବର୍ଗରେ, ପାରାଦୀପ ଗଲ୍ଫ କ୍ଲବର ସଭାପତି ଏସ.ସି.ନାହାକ ବିଜେତା ହୋଇଥିଲେ। ଖେଳରେ ଆଶାଜନକ ପ୍ରଦର୍ଶନ ଏବଂ ଉନ୍ନତି ପାଇଁ ଅଶୋକ କୁମାର ସାହୁଙ୍କୁ 'ଇମର୍ଜେଣ୍ଟ ଗଲ୍ଫର -୨୦୨୬' ଉପାଧି ପ୍ରଦାନ କରାଯାଇଥିଲା। ସେହିପରି, ମହିଳା ପୁଟିଂ ପ୍ରତିଯୋଗିତାରେ, ଶ୍ରୀମତୀ ମଧୁମିତା ସେଠି ବିଜେତା ହୋଇଥିବା ବେଳେ ଶ୍ରୀମତୀ ସୋନାଲି ଗୋପ ପ୍ରଥମ ରନର୍ସ-ଅପ୍ ଏବଂ ଶ୍ରୀମତୀ ସବିତା ଷଡଙ୍ଗୀ ଦ୍ୱିତୀୟ ରନର୍ସ-ଅପ୍ ହୋଇଥିଲେ। ଏହି ଟୁର୍ଣ୍ଣାମେଣ୍ଟ କ୍ଲବର ସଭାପତି ଏସ.ସି.ନାହାକ, କାର୍ଯ୍ୟକାରୀ ସଭାପତି ଡା.ଡି.ପି.ସେଠି ଏବଂ ପାରାଦୀପ ଗଲ୍ଫ କ୍ଲବର କ୍ୟାପ୍ଟେନ ଅକ୍ଷୟ ଚନ୍ଦ୍ର ସୁତାରଙ୍କ ନେତୃତ୍ୱ ଏବଂ ସଦସ୍ୟମାନଙ୍କ ସକ୍ରିୟ ସହଯୋଗ ସଫଳତାର ସହ ଆୟୋଜିତ ହୋଇଥିଲା।

## କେନାଲର ନିର୍ମାଣ ଧୀନ ପୋଲକୁ ବିବାଦୟୀକୁ ନେଇ ମା'ଙ୍କ ମୁଖଶାଳାକୁ ଭାଙ୍ଗିଲା ପ୍ରଶାସନ

ଏରସମା, (ମହାଭାରତ) : ମା' ଦୁବୁଚାରି ମନ୍ଦିର ଦୀର୍ଘ ବର୍ଷ ଧରି ଗ୍ରାମର ଲୋକମାନେ କିଛି ଅର୍ଥ ଆଦାୟ କରି ଉନ୍ନତି ମୂଳକ କାର୍ଯ୍ୟ କରିଥାନ୍ତି ।ଦିନକୁ ଦିନ ମନ୍ଦିର ଆକର୍ଷିତ ହେଇ ଆସୁଥିଲା ।ଯାହା ଫଳରେ ମନ୍ଦିର ନିକଟରେ ଏକ ପୋଲକୁ ନେଇ ମା'ଙ୍କ ଫାଟକକୁ ନେଇ ତହସିଲଦାର ଦୁଇ ପ୍ଲାଟୁନ୍ ପୋଲିସ ଫୋସ୍ ମୃତୟନ ହେଇ ମନ୍ଦିରରେ ଫାଟକକୁ ବୁଲଡୋଜର ମାଧ୍ୟମରେ ମାଟିରେ ମିଶାଇ ଦେଇଥିଲେ ।ଏହି ଘଟଣା ଦେଖିବାକୁ ମିଳିଛି ତିର୍ତ୍ତୋଲ ବ୍ଲକ ତୁଳଙ୍ଗ ପଞ୍ଚାୟତ ସୋରିଷ ପୋଖରୀ ଗ୍ରାମର ଦୁବୁଚାରି ମନ୍ଦିରକରୁ ମନ୍ଦିରକୁ ଲାଗିରହିଥିବା ଏକ ଜୈନ ବ୍ୟକ୍ତିର ଜମିକୁ ଯାତାୟାତ କରିବା ପାଇଁ ଜୋରଦାର ଏକ ପୋଲ ନିର୍ମାଣ କରାଯାଉଥିଲା ।ଏହି ପୋଲ କୌଣସି କାରଣରୁ ଗ୍ରାମବାସୀମାନେ ବନ୍ଦ କରିଥିଲେ ଯାହାକୁ ବିବାଦ ହୋଇଥିଲା ସେହି ଗ୍ରାମରୁ କିଛି ୪ରି ମୃଷ୍ଟିମୟ ଲୋକ ସରକାରୀ ସ୍ତରରେ ଅଭିଯୋଗ କରି ମନ୍ଦିର ଫାଟକ ବିଶ୍ରାମ ଗୃହକୁ ପ୍ରଶାସନ ସ୍ତରରେ ଭାଙ୍ଗିଦିଆ ଯାଇଛି ।ଏହାକୁ ନେଇ ଗ୍ରାମବାସୀ ଓ ମହିଳା ମାନେ ପ୍ରଶାସନିକ ଅଧିକାରୀଙ୍କ ଅନୁରୋଧ ଗୋଡ ହାତ ଧରି ମଧ୍ୟ ପ୍ରଶାସନ କୌଣସି କଥା ଶୁଣି ବୁଲଡୋଜର ସାହାଯ୍ୟରେ ଫାଟକକୁ ଭାଙ୍ଗି ମାଟିରେ ମିଶାଇ ଦେଇଥିଲା ।ସେପଟେ ଗ୍ରାମବାସୀ ମାନେ ମା,ଙ୍କ ଉପରେ ସବୁ ଛାଡିଦେଇ ହାତ ଟେକିଦେଇଥିଲେ ମଧ୍ୟ । ଅନ୍ୟପଟେ ଫାଟକ ନିର୍ମାଣଧିନ ଜଣେ ଜମି ଅଣିଂଦାରଙ୍କୁ କିଛି ଜଣାଯାଇ ନାହିଁ କି ପୂର୍ବରୁ ନୋଟିସ ମଧ୍ୟ କରାଯାଇନାହିଁ ।ଯାହା ଫଳରେ ଜଣେ ଅଣିଂଦାର ପ୍ରଶାସନ ନିକଟରେ ଅଭିଯୋଗ କରିବେ ବୋଲି କ୍ୟାମେରା ସାମ୍ନାନରେ ଅଭିଯୋଗ କରିଛନ୍ତି ।ବିଗତ ଦିନରେ ବିବାଦ ହେଇଥିବା ପୋଲକୁ ଲଲାଟେନ୍ଦୁ ବିଶ୍ୱାଳ, ପ୍ରକାଶ ବିଶ୍ୱାଳ,ରବି ବିଶ୍ୱାଳ, ଗୌରହରି ନାୟକ , ନିତ୍ୟାନନ୍ଦ ନାୟକ, ସଞ୍ଜୟ ନାୟକ, ରାଜିବ ନାୟକ, ସରତ ଚନ୍ଦ୍ର ନାୟକ, ନିରଞ୍ଜନ ଦାସ ପ୍ରମୁଖ ଗ୍ରାମବାସୀମାନେ କରାଦେବେନି ବୋଲି ଦାବି କରିବସିଛନ୍ତି ।ତେବେ ମା, ଦୁବୁଚାରିଙ୍କ ସମସ୍ୟା କେବେ ସମାଧାନ ହେବ ତାହା ସମୟକୁ ଅପୋକ୍ଷ।

## ଜୁଆଆଡ୍ଡାରେ ଚଢ଼ାଉ ବେଳେ ପୋଲିସକୁ ଆକ୍ରମଣ ଘଟଣା: ୨୦ ଗିରଫ

ଏରସମା, (ମହାଭାରତ) : ଏରସମା ଥାନା ଅନ୍ତର୍ଗତ ଆମ୍ବିକି ଗ୍ରାମରେ ଫେବୃଆରୀ ୨୬ରେ ଜୁଆଆଡ୍ଡା ଉପରେ ପୋଲିସ ଚଢ଼ାଉ କରିବା ବେଳେ ଦୁର୍ବୃତ୍ତମାନେ ସେମାନଙ୍କ ଉପରକୁ ଢେଲା ମାଡ଼ କରିଥିଲେ। ଏହି ଘଟଣାରେ ପୂର୍ବରୁ ୧୯ ଜଣଙ୍କୁ ପୋଲିସ ଗିରଫ କରିଥିବାବେଳେ ଶନିବାର ଆଉ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେ ହେଲେ ଏହି ଗ୍ରାମର ରଞ୍ଜନ ଭୂୟାଁ । ଏହି ଘଟଣାରେ ଗିରଫ ସଂଖ୍ୟା ଅଦ୍ୟାବଧି ୨୦ରେ ପହଞ୍ଚିଛି ବୋଲି ଆଇଆଇସି ପ୍ରେମଜିତ୍ ଦାସ କହିଛନ୍ତି। ସୂଚନାଯୋଗ୍ୟ, ଫେବୃଆରୀ ୨୬ ବିଳମ୍ବିତ ରାତିରେ ଯାତ୍ରା ଚାଲିଥିବା ବେଳେ କେତେଜଣ ଦୁର୍ବୃତ୍ତ ଜୁଆଆଡ୍ଡା କରିଥିବା ଖବରପାଇ ଏରସମା ପୋଲିସ ଚଢ଼ାଉ କରିଥିଲା। ଏହାଦେଖି ଅଭିଯୁକ୍ତମାନେ ଛତ୍ରଭଙ୍ଗ ଦେଇଥିବା ବେଳେ କେତେଜଣ ପୋଲିସ ଉପରକୁ ଢେଲାପଥର ଫିଙ୍ଗି ଆକ୍ରମଣ କରିଥିଲେ। ଏହି ଘଟଣାରେ ଏଏସ୍ଆଇ ଆଲିସ ପ୍ରତିଭା ମିଞ୍ଜ ଓ କନ୍‌ଷ୍ଟେବଲ ସୁଜିତ୍ ମହାନ୍ତି ଆହତ ହୋଇଥିଲେ। ଏନେଇ ଏରସମା ଥାନାରେ ଏକ ମାମଲା(ନଂ.୮୪/୨୬)ରୁଜୁ କରାଯାଇଛି।

# ପାରାଦୀପ ମେଫେୟାରରେ ବିଜେପିର ବନ୍ଧୁ ମିଳନ : ଯୋଗଦେଲେ ବହୁ ବିଧାୟକ ଓ ମନ୍ତ୍ରୀ

ପାଟଣାଗଡ, (ମହାଭାରତ) : ପାରାଦୀପ ବେଳାଭୂମି ନିକଟସ୍ଥ ହୋଟେଲ ମେଫେୟାର ଠାରେ ବିଜେପି ର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ଏଥିରେ ବିଜେପି ଦଳର ପ୍ରାୟ ସମସ୍ତ ବିଧାୟକ ଓ ମନ୍ତ୍ରୀ ଶନିବାର ରାତ୍ରରେ ହୋଟେଲ ରେ ପହଞ୍ଚିଥିବା ବେଳେ ରବିବାର ମଧ୍ୟାହ୍ନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ହେଲିକାପ୍ଟର ରେ ଆସି ପହଞ୍ଚିଥିଲେ। ତେବେ ଅକସ୍ମାତ ଶାସକ ଦଳର ସମସ୍ତ ବିଧାୟକଙ୍କ ସମେତ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଓ ଦଳର ସଭାପତି ମନମୋହନ ସାମଲଙ୍କ ଆଗମନ ଯୋଗୁଁ ଚଳଚଞ୍ଚଳ ହୋଇପଡିଛି ବନ୍ଦର ନଗରୀ ପାରାଦୀପ । ଏଥିପାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ବେଳେ ପାରାଦୀପ ବିଧାୟକ ତଥା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ସମସ୍ତ ବ୍ୟବସ୍ଥାକୁ ତଦାରଖ କରିଥିଲେ । ସେହିପରି ପାରାଦୀପ ନଗର ବିଜେପି ସଭାପତି ସୁବ୍ରତ ପ୍ରଧାନ ଓ ଶିକ୍ଷମନ୍ତ୍ରୀ ଙ୍କ ପ୍ରତିନିଧି ସର୍ବେଶ୍ୱର ବଳିୟାର ସିଂହଙ୍କ ନେତୃତ୍ୱରେ ଶତାଧିକ ବିଜେପି କର୍ମୀ ଓ କର୍ମକର୍ତ୍ତା ମୁଖ୍ୟମନ୍ତ୍ରୀ ଓ ଦଳର ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସମେତ ସମସ୍ତ ବିଧାୟକ



ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ । ତେବେ ଚଳିତ ରାଜ୍ୟସଭା ନିର୍ବାଚନରେ ବିଜେପିରେ ଅପାତତଃ କ୍ରସ ଭୋଟିଂର ସମ୍ଭାବନା ନଥିଲା ବେଳେ ଦଳ ପକ୍ଷରୁ ବିଧାୟକ ମାନଙ୍କୁ ଗୋଟିଏ ଜାଗାରେ ରଖିବା ପାଇଁ ବ୍ୟବସ୍ଥା କରାଯାଇଛି । ବିଜେପିର ଅଧିକାଂଶ ବିଧାୟକ ପ୍ରଥମ ଥର ଜିତିଥିବାରୁ ରାଜ୍ୟସଭା ନିର୍ବାଚନରେ ମତଦାନ ଯେପରି ଶତ ପ୍ରତିଶତ ଠିକ ରହେ, ସେ ପ୍ରକ୍ରିୟା ସମ୍ପର୍କରେ ବିଧାୟକ ମାନଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଓ ରାଜ୍ୟ ସଭାପତି ଶ୍ରୀ ସାମଲ ଅବଗତ କରାଇଥିଲେ । ତେବେ ସମ୍ପ୍ରତି ରାଜ୍ୟସଭା ନିର୍ବାଚନ ପରିପ୍ରେକ୍ଷୀରେ ଏହି ସମାବେଶ ବେସ ଗୁରୁତ୍ୱ ବହନ କରୁଥିବା ବେଳେ ସ୍ୱାଧୀନ ପ୍ରାର୍ଥୀ ଦିଲୀପ ରାୟଙ୍କ ପଲ୍ଲା ଭାରି ଥିବା ପରି ଲାଗୁଛି ।

## ବିଞ୍ଝାଲ ସମାଜ ବ୍ଲକ ସ୍ତରୀୟ ନୂତନ ପରିଚାଳନା କମିଟିକୁ ସ୍ୱାଗତ ସମ୍ବର୍ଦ୍ଧନା

ପାଟଣାଗଡ, (ମହାଭାରତ) : ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ବ୍ଲକ ଧୁବଲପଡା ପଞ୍ଚାୟତ ରେଙ୍ଗଟାସିଲ ଠାରେ ସର୍ବ ଭାରତୀୟ ସ୍ୱଳାଖ ବିନ୍ଧ୍ୟଗିରୀବାସୀ ବିଂଝାଲ ସମାଜ ର ବ୍ଲକ ସ୍ତରୀୟ ନୂତନ ପରିଚାଳନା କମିଟି କୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସାମାଜିକ ନିର୍ବାଚନ ଆୟୋଗ ତଥା ଚୟନ କମିଟି ର ସଭାପତି ଶଶିକାନ୍ତବରିହା ଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭା ରେ ଉପଲାଟ ସଭାପତି ଚନ୍ଦ୍ରଶେଖର ବାଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମାଁ ବିନ୍ଧ୍ୟ ବାସିନୀ ଦେବୀ ଙ୍କ ପୂଜାର୍ଚ୍ଚନା ପରେ ମ୍ବର୍ଦ୍ଧନା ଉତ୍ସବରେ ବଲାଙ୍ଗୀର କୁଶ ବରିହା,ପାଟଣାଗଡ଼ କିଶୋର ଚନ୍ଦ୍ର ବରିହା,ଖପ୍ରାଖୋଲ ଚନ୍ଦ୍ରଶେଖର ବରିହା, ବେଲପଡା, ସୁଗ୍ରେସ ମାଝୀ ସଇଁତଲା ମଧୁସୁଦନ ବରିହା, ଦେଓଗାଁ ମଦନ ବରିହା, ମୁରିବାହାଲ ବନମାଳୀ ବରିହା, ତୁରେକେଲା ହରିହର ବରିହା, ଆଗଲପୁର ପୂର୍ବତନ ସଂପାଦକ ସତ୍ୟନାରାୟଣ ବରିହା, ବଙ୍ଗୋମୁଣ୍ଡା ଉପଦେଷ୍ଟାଟିକଚନ, ବରିହା,ପୁଇଁତଳା ଅଭିନବ ବରିହା,ଗୁଡଭେଲା ରାଜୁ ବରିହା, ଟିଟିଲାଗଡ଼ ମଦନ ବରିହା,ବ୍ଲକ ସ୍ତରୀୟ ନୂତନ ପରିଚାଳନା କମିଟି ର ସମସ୍ତ ସଭାପତି ଏବଂ ବଲାଙ୍ଗୀର ସଂପାଦକ ଯୁଗଳ କିଶୋର ବରିହା, ଲୋଇସିଂହା ମୁରାରି ବରିହା, ପାଟଣାଗଡ଼ ଚକ୍ରଧ୍ୱଜ ବରିହା, ଖପ୍ରାଖୋଲ ବିମଳ ବରିହା, ଦେଓଗାଁ ସନାତନ ବରିହା,ପୁଇତଳା ରମେଶ ବରିହା, ସଇଁତଳା ଜୟକାନ୍ତ ବରିହା,ମୁରିବାହାଲ କାର୍ତ୍ତିକ ବରିହା, ତୁରେକେଲା ଚୁମ୍ବନ



ବରିହା,ସଦସ୍ୟଙ୍କୁ ଫୁଲମାଳ୍ୟ ଓ ଉତ୍ତରୀୟ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ନିଃସ୍ୱାର୍ଥପର ନିଷ୍ଠା, ବିନା ପକ୍ଷପାତିତା , ସ୍ୱଚ୍ଛ ନିର୍ମଳ ଓ ସମାଜ ର ସାମଗ୍ରିକ ବିକାଶୋନ୍ମୁଖୀ ଓ ଶୃଙ୍ଖଳିତ ଭାବେ କାର୍ଯ୍ୟ ନିର୍ବାହ କରିବା ପାଇଁ ଇଷ୍ଟଦେବୀ ମାଁ ବିନ୍ଧ୍ୟ ବାସିନୀ ଦେବୀ ନାଁ ନେଇ ଶପଥ ପାଠ କରାଯାଉଥିଲା । ସଭା ରେ ଜିଲ୍ଲା ସ୍ତରୀୟ ନୂତନ ପରିଚାଳନା କମିଟି ଗଠନ କରିବାକୁ ସର୍ବ ସମ୍ମତି କ୍ରମେ ନିଷ୍ପତ୍ତି ପାଇଥିଲେ। ଜିଲ୍ଲା ପରିଚାଳନା କମିଟି ଜିଲ୍ଲା ସଭାପତି ଚନ୍ଦ୍ରଶେଖର ବାଗ, ଉପସଭାପତି ଗନ୍ଧର୍ବ ବରିହା,ସଂପାଦକ ଶଶିକାନ୍ତ ବରିହା,ସହ ଭକ୍ତ ବରିହା, କୋଷାଧ୍ୟକ୍ଷ ଯୁଗଳ କିଶୋର ବରିହା, ଜିଲ୍ଲା ମିଡିଆ ସେଲ ସଂଯୋଜକ ଗୋରେଖନାଥ ବରିହା, ସାଂସ୍କୃତିକ ସଂଯୋଜକ ନାରାୟଣ ବରିହା, ଶିକ୍ଷାବିତ ଦୂର୍ଯ୍ୟୋଧନ ବରିହା, ସକ୍ରିୟ ସଦସ୍ୟା ନିଲୁ ବରିହା, କ୍ଷିରୋଦିନୀ ବରିହା, ହେମାଙ୍ଗନୀ ବରିହା, ପତ୍ରବାହକ କମ୍ପାଉଣ୍ଡର ବରିହା ପ୍ରମୁଖ ମନୋନୀତ ହୋଇଥିବା ବେଳେ ଉପଦେଷ୍ଟା ମଣ୍ଡଳୀ ରେ ସମସ୍ତ ବ୍ଲକ ରୁ ଜଣେ ସଦସ୍ୟ ମନୋନୀତ ହୋଇଥିଲେ। ଆସନ୍ତା ୨୧/୨୨ ରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲା ସ୍ତରୀୟ ମହାସଭା ରେ ନୂତନ ଜିଲ୍ଲା ସ୍ତରୀୟ କମିଟି କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏଥିରେ ସନୁ ବରିହା,ଟିକେଶ୍ୱର ବରିହା,ଗୋପାଳ ବରିହା,ବୁଡୁ ବରିହା,ସୁରେଶ ବରିହା,କୃଷ୍ଣ ବରିହା,ଜମ୍ବେ ବରିହା,ସର୍ଗୁଲ ବରିହା, ରାମକୃଷ୍ଣ ବରିହା, ବିଘ୍ନେଶ୍ୱର ବରିହା,ଟିକେଚନ ବରିହା ପ୍ରମୁଖ ରହିଛନ୍ତି। ବିପିନ ବରିହା, ଉଦ୍ଧବ ବରିହା, କାର୍ତ୍ତିକ ବରିହା, ବିରେନ୍ଦ୍ର ସିଂ ବରିହା,କେଶବ ବରିହା,,ବିମଳ ବରିହା, ରାମଚନ୍ଦ୍ର ବରିହା,ଶିବ ବରିହା, ବୈଶାଖୁ ବରିହା, ଗୁଣନିଧି ବରିହା,ବସନ୍ତ ବରିହା, କୃପାସିନ୍ଧୁ ବରିହା, ସ୍ୱତନ୍ତ୍ର କନ୍ଧା,ମଙ୍ଗଲୁ ବରିହା, ଶଙ୍କର୍ଷଣ ବରିହା ରାଜୁ ବରିହା, ନାରାୟଣ ବରିହା,ଗୌର ବରିହା, ସୁଦାମ ବରିହା, ଜଗଦୀଶ ବରିହା, ଶାନ୍ତି ବରିହା, ଅଭି ବରିହା,ଦଇତ୍ୟାରୀ ବରିହା,ଚତୃବରିହା,ମାଧବ ବରିହା, ବିଶ୍ୱାମିତ୍ର ବରିହା, ନିତ୍ୟାନନ୍ଦ ବରିହା,ବିଜ ବରିହା, ବୁଡୁ ବରିହା, ହରିଶ୍ଚନ୍ଦ୍ର ବରିହା ହୃଷୀକେଶ ବରିହା, ପଦ୍ମ ଚରଣ ବରିହା, ପଦ୍ମଲୋଚନ ବରିହା,ଧୂବଲପଡା ଖୁସିରାମ ବରିହା, ଜମିଦାର ବରିହା,ଭେଲା ବରିହା, ରୋହିତ ବରିହା ଲଳିତ ବରିହା, ବିଶ୍ୱନାଥ ବରିହା, ଗୁରୁବାର ବରିହା,ମଗଶିର ବରିହା, ଗାନ୍ଧି ବରିହା ପ୍ରମୁଖ ସହଯୋଗ କରିଥିଲେ। ଚୟନ ଆୟୋଗ କମିଟି ର ସହ ସଂପାଦକ ଗୋରେଖନାଥ ବରିହା ସଭା ପରିଚାଳନା କରିଥିବା ବେଳେ ବଲାଙ୍ଗୀର ବ୍ଲକ ସଭାପତି କୁଶ ବରିହା ଧନ୍ୟବାଦ ଅର୍ପଣ କରିଥିଲେ।

## କରଞ୍ଜିଆରେ କାଳବୈଶାଖୀର ତାଣ୍ଡବ : ୧୦୦ରୁ ଅଧିକ ଘର ଧ୍ୱଂସ, ୨ ମୃତ, ୪ ଗୁରୁତର

କରଞ୍ଜିଆ, (ମହାଭାରତ): ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆ ଅଞ୍ଚଳରେ ରବିବାର ଅପରାହ୍ନରେ କାଳବୈଶାଖୀ ଝଡ଼ ଭୟଙ୍କର ତାଣ୍ଡବ ସୃଷ୍ଟି କରିଛି। ମାତ୍ର ୧୦ ମିନିଟର ଭୟାବହ ପବନ, ବର୍ଷା ଓ କୁଆ ପଥର ମାଡ଼ରେ କରଞ୍ଜିଆ ବ୍ଲକର କିଆ, ପାଣପୋଷି ଓ ମେଣ୍ଢାଶିଙ୍ଗା ଗ୍ରାମରେ ବ୍ୟାପକ କ୍ଷତି ଘଟିଛି। ଏହି ପ୍ରଳୟଙ୍କାରୀ ଝଡ଼ରେ ୧୦୦ରୁ ଅଧିକ ଘର ଭାଙ୍ଗିଯାଇଥିବା ସୂଚନା ମିଳିଛି। ସୂଚନା ଅନୁସାରେ ଆଜି ଅପରାହ୍ନ ପ୍ରାୟ ୪ଟା ସମୟରେ ହଠାତ୍ ଆକାଶ ଘନ ମେଘାଚ୍ଛନ୍ନ ହୋଇ ପ୍ରବଳ ପବନ ସହିତ କାଳବୈଶାଖୀ ଝଡ଼ ଆରମ୍ଭ ହୋଇଥିଲା। ମାତ୍ର କିଛି ସମୟ ମଧ୍ୟରେ ପବନର ବେଗ ବହୁତ ବଢ଼ିଯାଇଥିବାରୁ ଘରର ଛାତ ଉଡ଼ିଯିବା ସହିତ ଅନେକ କାଠ-ମାଟି ଘର ଧ୍ୱଂସ ହୋଇଯାଇଥିଲା। ବହୁ ଗଛ ମୂଳ ସହିତ ଉପଡ଼ି ପଡ଼ିଥିବାରୁ ରାସ୍ତାଘାଟ ମଧ୍ୟ ବାଧାପ୍ରାପ୍ତ ହୋଇଥିବା ଦେଖାଯାଇଛି। ଏହି ଝଡ଼ରେ କଙ୍କଡା ଗ୍ରାମ ନିକଟରେ ଏକ ଯାତ୍ରୀବାହୀ ଅଟୋ ପ୍ରବଳ ପବନରେ ନିୟନ୍ତ୍ରଣ ହରାଇ ପୋଖରୀ ଭିତରେ ପଡ଼ିଯାଇଥିବା ସୂଚନା ମିଳିଛି। ଏହି ଦୁର୍ଘଟଣାରେ ଦୁଇ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଆଉ ଚାରି ଜଣ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ଆହତମାନଙ୍କୁ ତୁରନ୍ତ ନିକଟସ୍ଥ



ଚିକିତ୍ସାଳୟକୁ ପଠାଯାଇଛି ଏବଂ ସେମାନଙ୍କ ଅବସ୍ଥା ସଂକଟାପନ୍ନ ଥିବା କୁହାଯାଉଛି। ଘଟଣା ସ୍ଥଳରେ ଅଗ୍ନିଶମ ବାହିନୀ, ସ୍ଥାନୀୟ ପ୍ରଶାସନ ଓ ପୋଲିସ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ପୋଖରୀ ଭିତରେ ପଡ଼ିଥିବା ଅଟୋକୁ ବାହାର କରିବା ସହିତ ଆହତମାନଙ୍କୁ ଉଦ୍ଧାର କରାଯାଇଛି। ଏହା ସହିତ କ୍ଷତିଗ୍ରସ୍ତ ଗ୍ରାମଗୁଡ଼ିକରେ ପ୍ରଶାସନ ତଦନ୍ତ କରି କ୍ଷତିର ଆକଳନ କରୁଥିବା ସୂଚନା ମିଳିଛି। ଏହି ଅଚାନକ କାଳବୈଶାଖୀ ଝଡ଼ରେ ସ୍ଥାନୀୟ ଲୋକମାନେ ଭୟଭୀତ ହୋଇପଡ଼ିଥିବା ବେଳେ ବହୁ ପରିବାର ଘରହୀନ ହୋଇପଡ଼ିଛନ୍ତି। ପ୍ରଶାସନ ପକ୍ଷରୁ ପ୍ରଭାବିତ ପରିବାରମାନଙ୍କୁ ଆବଶ୍ୟକ ସହାୟତା ଯୋଗାଇବା ପାଇଁ ପଦକ୍ଷେପ ନିଆଯାଉଥିବା କୁହାଯାଇଛି।

## ଅଭୟାରଣ୍ୟ ରେ ନିଆଁ: ନାକେଦମ୍ ବନକର୍ମଚାରୀ

ଗଣିଆ, (ମହାଭାରତ): ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ ନିକଟସ୍ଥ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡର ଛାମୁଣ୍ଡିଆ ବନାଞ୍ଚଳ ରେ ବର୍ତ୍ତମାନ ଭୟାବହ ଅଗ୍ନିକାଣ୍ଡ ଘଟିଥିବା ଖବର ମିଳିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚିନ୍ତା ପ୍ରକଟ କରାଯାଇଛି। ହୁତୁହୁତୁ ହୋଇ ଜଳୁଛି ଛାମୁଣ୍ଡିଆ ବନାଞ୍ଚଳର ବିଭିନ୍ନ ସେକ୍ସନର ଜଙ୍ଗଲ। ଜଙ୍ଗଲ ରେ ନିଆଁ ଲାଗିବା ଯୋଗୁଁ ବହୁ ମୂଲ୍ୟବାନ ଗଛଲତା ପୋଡ଼ି ପାଉଁଶ ହୋଇଯାଉଛି। ଖରା ଦିନର ଆରମ୍ଭରୁ ହିଁ ଏହି ଭୟଙ୍କର ବନାଗ୍ନି ବନ୍ୟଜନ୍ତୁଙ୍କ ପାଇଁ ବିପଦ ସୃଷ୍ଟି କରିଛି। ନାକେଦମ୍ ବନ କର୍ମଚାରୀ, ନିଆଁକୁ ଆୟତ୍ତ କରିବା ପାଇଁ ବନ ବିଭାଗ କର୍ମଚାରୀମାନେ ଦିନରାତି ଏକ କରି ଦେଇଛନ୍ତି। ପାହାଡ଼ିଆ ଅଞ୍ଚଳ ଓ ଶୁଖିଲା ପତ୍ର ଯୋଗୁଁ ନିଆଁ ଦ୍ରୁତ ଗତିରେ ବ୍ୟାପୁଥିବାରୁ ଏହାକୁ ନିୟନ୍ତ୍ରଣ କରିବା ସେମାନଙ୍କ ପାଇଁ କଷ୍ଟକର ହୋଇପଡୁଛି। ବନାଞ୍ଚଳ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ବନ କର୍ମଚାରୀମାନେ ଆଖପାଖ ଗାଁକୁ ଯାଇ ଲୋକଙ୍କୁ ଜଙ୍ଗଲରେ ନିଆଁ ନ ଲଗାଇବା ପାଇଁ ସଚେତନ କରୁଛନ୍ତି। ଜଙ୍ଗଲ ନିଆଁ ରୋକିବା ପାଇଁ ବନ ବିଭାଗ ସହିତ ସ୍ଥାନୀୟ ଲୋକଙ୍କ ସହଯୋଗ ମଧ୍ୟ ଏକାନ୍ତ ଆବଶ୍ୟକ ବୋଲି ବନପାଳ ପ୍ରଦିପ ଭୁତିଆ ଜଣାଇଛନ୍ତି।

## ମା' ଖମ୍ବେଶ୍ୱରୀଙ୍କ ବୈଶାଖୀ ଯାତ୍ରା ପାଇଁ ଶୁଭ ଖୁଣ୍ଟି ସ୍ଥାପନ

ଆସିକା, (ମହାଭାରତ) : ଦକ୍ଷିଣ ଓଡିଶାର ତଥା ଆସିକାର ଅଧିଷ୍ଠାତ୍ରୀ ଦେବୀ ମା ଖମ୍ବେଶ୍ୱରୀଙ୍କ ବୈଶାଖୀ ଯାତ୍ରା ଉପଲକ୍ଷେ ଶୁଭ ଖୁଣ୍ଟି ସ୍ଥାପନ କରାଯାଇଥିଲା। ଆଜି ଅପରାହ୍ନ ସମୟରେ ମା'ଙ୍କ ଠାରେ ପୂଜା ଅର୍ଚ୍ଚନା ହୋଇଥିଲା ।ମା'ଙ୍କ ଆଜ୍ଞା ମାଳ ଆସିବା ପରେ ମନ୍ଦିର ପରିଚାଳନା କମିଟି, ପୂଜକ, ସାହିବାସୀ,ସମୂହ ମିଶି ଶୁଭ ଖୁଣ୍ଟି କୁ ସ୍ଥାପନ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ମନ୍ଦିର ପରିଚାଳନା କମିଟିର ସଭାପତି ସତ୍ୟନାରାୟଣ ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଗ୍ରାମବାସୀ, ଅର୍ଚ୍ଚକ, ବାରିକ, ଯାତ୍ରା କମିଟି ସଦସ୍ୟ ମାନେ ଉପସ୍ଥିତ ରହି ଯାତ୍ରା ପରିଚାଳନା ନିମନ୍ତେ ସୁଚିନ୍ତିତ ମତ ରଖିଥିଲେ।

## ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିରର ଅଷ୍ଟ ବିଂଶ ତମ ପ୍ରତିଷ୍ଠା ଉତ୍ସବ

ଯୋଡା, (ମହାଭାରତ) : ଯୋଡା ପୌରପାଳିକା ସ୍ଥିତ ଜଗନ୍ନାଥ ମନ୍ଦିର ର ଅଷ୍ଟ ବିଂଶ ତମ ପ୍ରତିଷ୍ଠା ଉତ୍ସବ ପାଇଁ ପ୍ରସ୍ତୁତି କାର୍ଯ୍ୟ ଶେଷ ପର୍ଯ୍ୟାୟ ରେ ପହଞ୍ଚିଛି ।ଶ୍ରୀ ଜଗନ୍ନାଥ ସେବା ସମିତି ର ମୁଖ୍ୟ ଡାକ୍ତର ଅନିଲ କୁମାର ଦାସ ସୂଚନା ଦେଇ କହିଛନ୍ତି ଯେ,ଆସନ୍ତା ୧୭ ତାରିଖ ଠାରୁ ଆରମ୍ଭ ହୋଇ ଏହି ଉତ୍ସବ ୫ ଦିନ ଧରି ଅନୁଷ୍ଠିତ ହେବ ।ସଂସ୍କୃତ ମହାବିଦ୍ୟାଳୟ ପୁରୀ ର ପୂର୍ବତନ ଅଧ୍ୟକ୍ଷ ଡକ୍ଟର ନରେଶ ଦାସ,ପ୍ରବଚନ ଦେବା ସହିତ ଅନେକ ସାଂସ୍କୃତିକ ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ମଧ୍ୟ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହେବାର ଯୋଜନା ରହିଛି ।ପ୍ରଭୁ ଶ୍ରୀ ଜଗନ୍ନାଥ ଙ୍କ ରୀତିନୀତି ଅନୁଯାୟୀ ପୂଜାବିଧି କରାଯିବ ।ସୂଚନାଯୋଗ୍ୟ ଯେ,ମନ୍ଦିର ପ୍ରତିଷ୍ଠା ବେଳୁ ପୁରୀ ଶ୍ରୀ ମନ୍ଦିର ର ବିଧି ଅନୁଯାୟୀ ଏଠାରେ ପୂଜା କାର୍ଯ୍ୟ ହୋଇ ଆସୁ ଅଛି ।ଯାହାକୁ କି,ଅତୀତରେ ଯୋଡା ଶ୍ରୀ ଜଗନ୍ନାଥ ମନ୍ଦିର କୁ ପରିଦର୍ଶନରେ ଆସି ପୁରୀ ଗଜପତି ମହାରାଜ ମଧ୍ୟ ପ୍ରଶଂସା କରିଥିଲେ ।ଚଳିତ ବର୍ଷ ଏହି କାର୍ଯ୍ୟକ୍ରମ ରେ ମଧ୍ୟ ଯୋଡା ଏବଂ ଆଖପାଖ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁ ମାନେ ଆସିବେ ବୋଲି ସମିତି ପକ୍ଷରୁ ସୂଚନା ଦିଆ ଯାଇଛି ।

## ପୋଲେରୁ ସେତୁ ନିର୍ମାଣ ସ୍ଥଳ ପରିଦର୍ଶନ କଲେ ମାଲକାନଗିରି ଜିଲ୍ଲାପାଳ: କାମ ଶୀଘ୍ର ଶେଷ କରିବାକୁ କଡ଼ା ନିର୍ଦ୍ଦେଶ

ମାଲକାନଗିରି, (ମହାଭାରତ) : ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକର ଗୁରୁତ୍ୱପୂର୍ଣ୍ଣ ପୋଲେରୁ ସେତୁ ନିର୍ମାଣ କାର୍ଯ୍ୟର ଅଗ୍ରଗତି ଅନୁଧ୍ୟାନ କରିଛନ୍ତି ଜିଲ୍ଲାପାଳ ପ୍ରଥମେଶ ଆରବିନ୍ଦ ରାଜଶିର୍କେ। ଆଜି ନିର୍ମାଣାଧୀନ ସେତୁ ସ୍ଥଳ ପରିଦର୍ଶନ କରିବା ସହ କାମ କେତେଦୂର ଆଗେଇଛି, ସେ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହ ସମୀକ୍ଷା କରିଛନ୍ତି। ପରିଦର୍ଶନ ସମୟରେ ଜିଲ୍ଲାପାଳ ସ୍ଥାନୀୟ ବାସିନ୍ଦାଙ୍କ ସହ ସିଧାସଳଖ କଥା ହୋଇଥିଲେ। ଏହି ସେତୁ କେବଳ ଏକ ଯୋଗାଯୋଗର ମାଧ୍ୟମ ନୁହେଁ, ବରଂ ଅଞ୍ଚଳବାସୀଙ୍କ ଆବେଗ ଓ ସଂସ୍କୃତି ସହ ଜଡ଼ିତ। ବିଶେଷକରି ପ୍ରସିଦ୍ଧ ବଡ଼ ଯାତ୍ରା ସମୟରେ ଏହି ରାସ୍ତାର ଗୁରୁତ୍ୱ ଅଧିକ ରହିଥିବାରୁ, ଲୋକଙ୍କ ମହତ୍ତ୍ୱକୁ ସେ ସ୍ୱୀକାର କରିଛନ୍ତି। ଲୋକଙ୍କ ସୁବିଧା ଓ ସଂସ୍କୃତିର ସୁରକ୍ଷା ଆମର ପ୍ରାଥମିକତା - ଏହି ବାର୍ତ୍ତା ଦେଇ



ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି। ସେତୁ ନିର୍ମାଣରେ ହେଉଥିବା ବିଳମ୍ବକୁ ଦୂର କରି ତୁରନ୍ତ ଏହାକୁ ସମ୍ପୂର୍ଣ୍ଣ କରିବାକୁ ସେ କହିଛନ୍ତି ।ସୂଚନାଯୋଗ୍ୟ ଯେ, ପୋଲେରୁ ସେତୁଟି ସ୍ଥାନୀୟ ଅଞ୍ଚଳକୁ ଆନ୍ଧ୍ରପ୍ରଦେଶ ସହ ସଂଯୋଗ କରିବା ପାଇଁ ଏକ ପ୍ରମୁଖ ସେତୁ। ଏହାର ନିର୍ମାଣ ଶେଷ ହେଲେ ହଜାର ହଜାର ଲୋକ ଉପକୃତ ହେବା ସହ ଯାତାୟାତରେ ବଡ଼ ପରିବର୍ତ୍ତନ ଆସିବ। ସେହିପରି ଜିଲ୍ଲାର ପର୍ଯ୍ୟଟନ କ୍ଷେତ୍ରକୁ ଅଧିକ ସମୃଦ୍ଧ କରିବା ପାଇଁ ବିଭିନ୍ନ ଧାର୍ମିକ ସ୍ଥଳର ଭିତ୍ତିଭୂମିର ବିକାଶ ଉପରେ ଗୁରୁତ୍ୱ ଦେଉଛନ୍ତି ଜିଲ୍ଲାପାଳ। ଏହି ପରିପ୍ରେକ୍ଷୀରେ, ପୋଲେରୁର ପ୍ରସିଦ୍ଧ ମାଉଳି ମା ମନ୍ଦିର ଏବଂ ମାନ୍ୟମକୋଣ୍ଡା ମନ୍ଦିର ପରିଦର୍ଶନ କରି ଦର୍ଶନ କରିଛନ୍ତି ଶ୍ରୀ ରାଜଶିର୍କେ। ମାନ୍ୟମକୋଣ୍ଡା ଅଞ୍ଚଳରେ ଥିବା ଏହି ପ୍ରସିଦ୍ଧ ପୀଠର ଉନ୍ନତିମୂଳକ କାର୍ଯ୍ୟକୁ ନେଇ ଆଲୋଚନା କରାଯାଇଛି। ଏହା ସହିତ ଟାଗରକୋଟା ପାହାଡ଼ ଉପରେ ଥିବା ପ୍ରସିଦ୍ଧ ଶିବ ମନ୍ଦିରର ନିର୍ମାଣାଧୀନ ଭିତ୍ତିଭୂମି କାର୍ଯ୍ୟ ବୁଲି ଦେଖିଛନ୍ତି। ସୂଚନାଯୋଗ୍ୟ ଯେ, ଟାଗର କୋଟାରେ ଏକ ୩୦ ଫୁଟ ଉଚ୍ଚର ମହାଦେବଙ୍କ ପ୍ରତିମା ଏବଂ ମାଇକ୍ରୋ-ପର୍ଯ୍ୟଟନ ସୁବିଧା ଯଥା ପାନୀୟ ଜଳ, ଆଲୋକୀକରଣ ଓ ପର୍ଯ୍ୟଟକଙ୍କ ପାଇଁ ବ୍ୟବସ୍ଥାର ବିକାଶ ଚାଲିଛି। ଶ୍ରଦ୍ଧାଳୁ ଏବଂ ପର୍ଯ୍ୟଟକଙ୍କ ପାଇଁ ଏହି ସ୍ଥାନଗୁଡ଼ିକୁ ଅଧିକ ଆକର୍ଷଣୀୟ କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ। ଏହି ଗସ୍ତ ସମୟରେ କାଲିମେଳା ବ୍ଲକ କନିଷ୍ଠ ଯନ୍ତ୍ରୀ, ସହାୟକ ଯନ୍ତ୍ରୀ, ବ୍ଲକ ମଙ୍ଗଳ ଅଧିକାରୀ ଓ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






## ଆସିକାରେ ଚଳିତ ବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦଲାତ

ଆସିକା(ମହାଭାରତ): ଆସିକା କୋର୍ଟ ପରିସର ରେ ତାଲୁକ ଆଇନ ସେବା ପ୍ରାଧିକରଣ ପକ୍ଷରୁ ଚଳିତ ବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ରେ ଅତିରିକ୍ତ ଜିଲ୍ଲା ଦୌରା ଜର୍ଜ ମନୋଜ କୁମାର,ସବ ଜର୍ଜ ସୁକାନ୍ତ କିଶୋର ଜେନା,ମୁନସିବ ଝିଲି ଲିନା ନାୟକ, ଜେଏମଏଫସି ଏ. ଗୀତାଞ୍ଜଳି ନାୟୁଡୁ,ଜେଏମଏଫସି ଟ୍ରାଇଲ ତୃପ୍ତି ଦାଶ,ଜେଏମଏଫସି ଟ୍ରାଇଲ ଜେ. ମୋହିନୀ ପ୍ରମୁଖ ଉପସ୍ଥିତ ରହି ମୋଟ ୯୫ଗୋଟି ମାମଲା ର ଶୁଣାଣି କରିଥିଲେ । ସେଥି ମଧ୍ୟରୁ ଆପୋସ ସମାଧାନ, ଟଙ୍କା ଫେରସ୍ତ, ମୋଟର ଦୁର୍ଘଟଣା , ବୈବାହିକ ବିବାଦ, ଦେୱାନୀ ମାମଲା ର ବିଚାରଣ କରି ମୋଟ ୬୧,୫୨,୮୬୬ ଟଙ୍କା ଆଦାୟ ହୋଇଥିବା ଜଣାପଡିଛି ।ଏହି ଲୋକ ଅଦାଲତ ରେ ସମାଜସେବୀ ରଶ୍ମିତା ସେନାପତି, ଆସିକା ଓକିଲ ସଙ୍ଘ ର ସଭାପତି ଅଜିତ ଚୌଧୁରୀ, ସମ୍ପାଦକ ନାରାୟଣ ମୁନି, ଆଇନଜୀବୀ ପି. ଅନନ୍ତ ଶୟନମ, ଛବିଳରାମ ମିଶ୍ର, ଶିବ ଶଙ୍କର ପାତ୍ର, ସରୋଜ ତ୍ରିପାଠୀ, ସୁରେନ୍ଦ୍ର ନାଥ ପଣ୍ଡା,ରବୀନ୍ଦ୍ର କୁମାର ପାତ୍ର, ସୁଧାଂଶୁ ପାଣିଗ୍ରାହୀ, ସନ୍ତୋଷ ପାଣିଗ୍ରାହୀ, ପ୍ରଭାତ ପାଢ଼ୀ, ବିଦେଶୀ ନାହାକ, ନାରାୟଣ ବେହେରା, ଶିବରାମ ପ୍ରଧାନ, ମୋହନ ରାଉ ଦୋରା, ହର୍ଷ ରଞ୍ଜନ ପାଢ଼ୀ, ସନ୍ତୋଷ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଆତ୍ମ ସମର୍ପଣ କଲେ ୧୧ ମାଓବାଦୀ

ଲାଞ୍ଜିଗଡ଼,(ମହାଭାରତ):- କଳାହାଣ୍ଡି ଜିଲ୍ଲାରେ ମାଓବାଦୀଙ୍କ ବିରୋଧରେ ପୋଲିସର ବଡ଼ ସଫଳତା ମିଳିଛି । କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସ୍ଥିତ ରିଜର୍ଭ ପୋଲିସ ପଡିଆରେ ଓଡ଼ିଶା ପୋଲିସ ଡିଜି ୱାଇ ବି ଖୁରାନିଆ ଙ୍କ ଉପସ୍ଥିତିରେ ୧୧ ଜଣ ମାଓବାଦୀ ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି । ସମସ୍ତ ମାଓବାଦୀ ବଂଶଧାରା ଗୁମୁସର ନାଗାବଳୀ ଡିଭିଜନର ହେଇଥିବା ସୂଚନା । ଦୀର୍ଘଦିନ ଧରି ମାଓ ସଂଗଠନ ସହ ଜଡିତ ଥିବା ଏହି ମାଓବାଦୀ ମାନେ ଶେଷରେ ହିଂସାର ପଥ ଛାଡ଼ି ସମାଜର ମୁଖ୍ୟ ସ୍ରୋତକୁ ଫେରିବା ପାଇଁ ଆଗକୁ ଆସିଛନ୍ତି । ପୋଲିସର ଲଗାତାର କମ୍ବିଙ୍ଗ ଅପରେସନ୍ ଓ ସରକାରଙ୍କ ସରେଣ୍ଡର ପଲିସି ଫଳରେ ସେମାନେ ଆତ୍ମସମର୍ପଣ କରିଥିବା କୁହାଯାଇଛି । ଏହା ସହ ସମାପ୍ତ ହେଲା ବଂଶଧାରା ଗୁମୁସର ନାଗାବଳୀ ଡିଭିଜନ । ଆତ୍ମସମର୍ପଣ କରିଥିବା ମାଓବାଦୀମାନଙ୍କୁ ସରକାରଙ୍କ ପୁନର୍ବାସ ନୀତି ଅନୁଯାୟୀ ସହାୟତା ଯୋଗାଇ ଦିଆଯିବ ବୋଲି କୁହାଯାଇଛି । ଏହି ଆତ୍ମ ସମର୍ପଣ କାର୍ଯ୍ୟକ୍ରମରେ ଅନୁଷ୍ଠିତ ବୈଠକରେ ଡିଜି ଙ୍କ ସମେତ ଆଇଜି ଅପରେସନ ସଞ୍ଜୀବ ପଣ୍ଡା, ଆଇ ଗୋଇନ୍ଦା ବିଭାଗ ଅଖିଳେଶ ସିଂ ଙ୍କ ସମେତ କଳାହାଣ୍ଡି ଏସପି ନାଗରାଜ ଦେବରକୋଣ୍ଡା, ନୂଆପଡା ଏସପି ଅମୃତପାଲ୍ ସିଂ, ନବରଙ୍ଗପୁର ଏସପି ମଡ଼କର ସନ୍ଦୀପ ସମ୍ପଦ, କନ୍ଧମାଳ ଜିଲ୍ଲା ଏସପି ହରିଶା ବିସି , ରାୟଗଡ଼ା ଏସପି ସ୍ୱସ୍ତି ଏସ କୁମାର ସାମିଲ ହେଇଥିଲେ । ବର୍ତ୍ତମାନ କଳାହାଣ୍ଡି, କନ୍ଧମାଳ ଓ ରାୟଗଡ଼ା ସୀମାନ୍ତରେ କକଇଘ (କଳାହାଣ୍ଡି, କନ୍ଧମାଳ, ବୌଧ, ନୟାଗଡ଼) ଡିଭିଜନର କେବଳ ୧୫ ଜଣ ମାଓବାଦୀ ରହିଥିବା ବେଳେ ସେମାନଙ୍କ ଭିତରେ କମାଣ୍ଡର ସୁକ୍ରୁ ରହିଛନ୍ତି। ସେମାନଙ୍କୁ ମଧ ଆତ୍ମ ସମର୍ପଣ ପାଇଁ ଆହ୍ୱାନ କରିଛନ୍ତି।

## ସହର ରେ ସୁଧୁରୁନି ଟ୍ରାଫିକ ସମସ୍ୟା

ଗଜପତି ଜିଲ୍ଲା ସଦର ମହକୁମା ମୁଖ୍ୟ ବଜାର ଠାରେ ସକାଳ ପାଞ୍ଚଟା ଠାରୁ ପାରିବା କିଣା ବିକା ହୁଏ ସକାଳ ସାତ ଘଣ୍ଟା ପର୍ଯ୍ୟନ୍ତ ଏହି ସମୟର ଜାନବାହନ ଯିବା ଆସିବା କଷ୍ଟ କର ତା ସହିତ ସାଧାରଣ ଲୋକଟି ଯିବା ଆସିବା କଷ୍ଟକର ହଉ ପଡୁଛି। ସକାଳୁ ବିଭିଓ ଜାଗାରୁ ପନିପରିବା ଆସେ ପନିପରିବା କିଣି ରାସ୍ତା କଡ଼ରେ ବିକ୍ରି କରିବା ସହ ଏଠାରୁ ପାରିବା କିଣି ବେପାରୀ ବିଭିଓ ଜାଗାରେ ବିକ୍ରି କରନ୍ତି। ସେମାନେ ଆଣି ଥିବା ଗାଡ଼ି ଘୋଡ଼ା ରାସ୍ତା ଉପରେ ରଖନ୍ତି ଟ୍ରାଫିକ ସମସ୍ୟା ସୃଷ୍ଟି ହୁଏ ଏହା ଦୀର୍ଘ ଦିନ ହେଲା ଲାଗି ରହିଛି। ଏହି ସମସ୍ୟା ପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବା ଆବଶ୍ୟକ ରହିଛି। ବୋଲି ବୁଦ୍ଧି ଯିବି ମହଲ ରେ ମତ ପ୍ରକାଶ ପାଉଛି।

## ଦିଗବନ୍ତ ଦିବ୍ୟାଙ୍ଗ ଶିକ୍ଷକଙ୍କ ସ୍ମୃତି ଚାରଣ ରେ ଛାତ୍ରଛାତ୍ରୀ



ଅସ୍ତରଙ୍ଗ(ମହାଭାରତଡ) : ଅସ୍ତରଙ୍ଗ ବ୍ଲକ ସରିପୁର ପଞ୍ଚାୟତ ରେ ୧୯୬୦ ମସିହା ରେ ଜନ୍ମ ଗ୍ରହଣ କରିଥିବା ମୁଦୁଗଲ ଗ୍ରାମ ର ନିରଞ୍ଜନ ଦୀକ୍ଷିତ ୨୦୨୫ ମସିହା ମଇ ମାସ ରେ ଏକ ଦୀର୍ଘସ୍ଥାୟୀ ରୋଗ ରେ ଆକ୍ରାନ୍ତ ରେ ପଡି ଶେଷ ନିଶ୍ୱାସ ତ୍ୟାଗ କରିଥିଲେ, କିନ୍ତୁ ଜୀବନ ରେ ଶିକ୍ଷା କୁ ଭଲ ପାଇବା ଓ ଶିକ୍ଷା ଦାନ ସହ ସ୍ୱତନ୍ତ୍ର ଶିକ୍ଷା ସମାଜ ଗଠନ କରିବାରେ ତାଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା, ଦୀର୍ଘ ବର୍ଷ ତଳେ ଚାକିରୀ ପାଇବାକୁ ଇଛା ପ୍ରକାଶ କରିଥିବା ଏହି ବ୍ୟକ୍ତି ଙ୍କର ଦୁର୍ଘଟଣା ହୋଇଥିଲା ଯାହା ଫଳରେ ସେ ଅସ୍ଥିସଲ୍ୟ ରୋଗ ରେ ପୀଡିତ ହୋଇ ଦିବ୍ୟାଙ୍ଗ ହୋଇଥିଲେ ମାତ୍ର ଶିକ୍ଷା ଦାନ ପ୍ରତି ତାଙ୍କ ର ଥିଲା ଅହେତୁକ ମମତା, ସେହି ଦିବ୍ୟାଙ୍ଗ ଅବସ୍ଥା ରେ ଗ୍ରାମାଞ୍ଚଳ ରେ ଅନେକ ସ୍ଥାନରେ ପିଲା ମାନଙ୍କୁ ଶିକ୍ଷା ଦାନ କଲେ, ଯିଏ ଯାହା ଦିଅନ୍ତି ସେଥିରେ ନିଜ ପ୍ରତିପୋଷଣ କରିବା ସହ ଆତ୍ମସନ୍ତୋଷ ଲାଭ କରନ୍ତି ନିରଞ୍ଜନ, ମାତ୍ର କେବେ ଲୋଭ ର ବଶବର୍ତ୍ତୀ ହୋଇନାହାନ୍ତି,ଧୀରେ ଧୀରେ ତାଙ୍କ ର ବୃକକ ରୋଗ ଆରମ୍ଭ ହୋଇ ଜଟିଳ ଅବସ୍ଥା ରେ ପହଞ୍ଚିଲା ମାତ୍ର ତଥାପି ଜୀବନ ର ଶେଷ ନିଶ୍ୱାସ ତ୍ୟାଗ ପର୍ଯ୍ୟନ୍ତ ସେ ଶିକ୍ଷା ଦାନ କୁ ଛାଡି ନଥିଲେ, ନିରଞ୍ଜନ ଙ୍କ ଛାଟ ଓ ପାଠ ଯିଏ ପାଇଛି ସେ ଆଜିବି ସଂସାର ର ଅନେକ ସ୍ରୋତ ରେ ନିଜକୁ ସାମିଲ କରିଛନ୍ତି ଆଉ ଭୁଲି ନାହାନ୍ତି ସେହି ଦିବ୍ୟାଙ୍ଗ ଶିକ୍ଷକ ନିରଞ୍ଜନ ଙ୍କ କଥା କୁ, ପ୍ରତ୍ୟେକ ବର୍ଷ ସରିପୁର ର ପ୍ରସିଦ୍ଧ ଶୈବ ପୀଠ ମୁଦୁଗଲ ସିଦ୍ଧେସ୍ୱର ଙ୍କ ପୀଠ ରେ ଛାତ୍ରଛାତ୍ରୀ ମାନେ ପ୍ରିୟ ସାର ଙ୍କ ଆଣି ମହାଦେବ ଙ୍କ ନିକଟରେ ପ୍ରସାଦ ବ୍ୟବସ୍ଥା କରନ୍ତି ମାତ୍ର ଗଲା ବର୍ଷ ସାର ଙ୍କ ଦେହାନ୍ତ ହୋଇଛି କିନ୍ତୁ ଆଜିବି ଅନେକ ଛାତ୍ରଛାତ୍ରୀ ଙ୍କ ହୃଦୟ ରେ ନିରଞ୍ଜନ ଙ୍କ ସ୍ମୃତି ଉଙ୍କି ମାରିଛି, ଯାହାର ବାସ୍ତବ ଦୃଶ୍ୟ ଆଜି ଦେଖିବାକୁ ମିଳିଛି ସେହି ମୁଦୁଗଲ ଶୈବ ପୀଠ ରେ, ୨୦୧୧-୧୨ ମସିହା ର ଛାତ୍ରଛାତ୍ରୀ ଏକାଠି ହୋଇ ନିଜ ପ୍ରିୟ ଶିକ୍ଷକ ଙ୍କ ଉଦ୍ଦେଶ୍ୟ ରେ ତାଙ୍କର ସ୍ମୃତି ଚାରଣ କରିବା ସହ ତାଙ୍କ ଫୋଟୋ ଚିତ୍ର ଆଗରେ ପୁଷ୍ପ ମାଲ୍ୟ, କ୍ୟାଣ୍ଡେଲ ଜାଳି ତାଙ୍କୁ ପ୍ରସାଦ ସମର୍ପଣ କରିଥିଲେ, ଆଉ ପ୍ରତ୍ୟେକ ଛାତ୍ରଛାତ୍ରୀ ଙ୍କ ଆଜିର ଦିନରେ ସଫଳ ନାଗରିକ୍ୱ ପଛରେ ତାଙ୍କ ଶିକ୍ଷକ ଙ୍କ ଆଶୀର୍ବାଦ ଅଛି ବୋଲି ମତବ୍ୟକ୍ତ କରିଥିଲେ।

## ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପରେ ଯୋଡି ହୋଇଛି ଆଉ ଏକ ମାଇଲ ଖୁଣ୍ଟ

# ହାତୀଙ୍କ ଚଲାପଥ ସୁରକ୍ଷିତ ପାଇଁ ପାହାଡ଼ ମାଟି କାଟି ୮୦ ଫୁଟ ତଳେ ନିର୍ମାଣ ହୋଇଛି ରେଳପଥ



ନୟାଗଡ଼, ( ମହାଭାରତ ) : ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପରେ ଯୋଡି ହୋଇଛି ଆଉ ଏକ ମାଇଲ ଖୁଣ୍ଟ। ଏହାର ନିର୍ମାଣ ଶୈଳୀ ଚମକାଇ ଦେବା ଭଳି ଦୃଶ୍ୟ ରହିଛି। ପାହାଡ଼ ମାଟି କାଟି ୮୦ ଫୁଟ ତଳେ ନିର୍ମାଣ ହୋଇଛି ରେଳପଥ। ନୟାଗଡ଼ ଜିଲ୍ଲା ଦଶପଲ୍ଲାର ରଙ୍ଗ ମାଟିଆ ରୁ ଟାକେରା ମଧ୍ୟରେ ରହିଛି ଏହି ସର୍ବ ବୃହତ ଦୀର୍ଘତମ ଓପନ କଟିଙ୍ଗ୍ ଏବଂ ହାତୀ ସୁରକ୍ଷା ରେଳପଥ। ଏହାର ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି। ଏହି ତିନି କିଲୋମିଟର ରାସ୍ତା ନିର୍ମାଣ ପାଇଁ ମାଟି ଖନନ ହୋଇଛି ୫୦ ରୁ ୮୦ ଫୁଟ। ଟନେଲ ରୁ ଭାୟାଡକ୍ ସଂଯୋଗୀ କରଣ କରିବା ପାଇଁ ପାହାଡ଼ ମାଟି କାଟି ନିର୍ମାଣ ହୋଇଛି ଓପନ କଟିଙ୍ଗ୍ ରେଳପଥ ଏବଂ ହାତୀ ସୁରକ୍ଷା ଚଲାପଥ। କାମରେ ବ୍ୟସ୍ତ ଶ୍ରମିକ ମିସ୍ତ୍ରୀ ଏବଂ ଇଂଜିନିୟର। ଟାର୍ଗେଟ ୨୦୨୬ ଡିସେମ୍ବର ଶେଷ ହେବ ଏହି ରେଳ ପଥ କାର୍ଯ୍ୟ। ଧୃତ ଗତିରେ ଆଗେଇ ଚାଲିଛି ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପ କାର୍ଯ୍ୟ। ଏହି ପ୍ରକଳ୍ପ ମଧ୍ୟରେ ରହିଛି ସର୍ବ ବୃହ୍ ଦୀର୍ଘତମ ଓପନ କଟିଙ୍ଗ୍ ଟ୍ରାକ ଏବଂ ହାତୀ ଚଲାପଥ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଚାଲପଥ। ନୟାଗଡ଼ ଦଶପଲ୍ଲାର ରଙ୍ଗ ମାଟିଆ ରୁ ଟାକେରା ମଧ୍ୟରେ ଏହି ସର୍ବ ବୃହତ ଦୀର୍ଘତମ ଓପନ କଟିଙ୍ଗ୍ ରେଳ ଲାଇନ ଏବଂ ହାତୀଙ୍କ ସୁରକ୍ଷା ରେଳପଥ ବ୍ରିଜ ନିର୍ମାଣ କରାଯାଇଛି। ଏହା ସହ ଏହି ରେଳପଥ ନିର୍ମାଣ ଚାଲିଛି। ବୃହତ ଭାୟାଡକ୍ଟ ସେତୁ ଏବଂ ୩ ଟି ଟନେଲ ନିର୍ମାଣ କାର୍ଯ୍ୟ। ଏହା ଦ୍ରୁତଗତିରେ ଆଗେଇ ଚାଲିଛି। ପୂର୍ବତଟ ରେଳପଥ ପକ୍ଷରୁ ଏହାକୁ ନିର୍ମାଣ କରାଯାଉଛି। ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରିତ କରି ଶେଷ କରିବା ସହ ଖୋର୍ଦ୍ଧା ଓ ବଲାଙ୍ଗୀର ମଧ୍ୟରେ ରେଳ ସଂଯୋଗ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଉଦ୍ୟମ ଜାରି ରହିଛନ୍ତି। ଆସାମର ବୋଲଚିସ୍ଥାନ ସେତୁ ପରେ ଦେଶର ଦ୍ୱିତୀୟ ଦୀର୍ଘତମ ଭାୟାଡକ୍ଟ ସେତୁ ଟନେଲ ଏବଂ ୮୦ ଫୁଟ ମାଟି ତଳେ ଓପନ କଟିଙ୍ଗ୍ ଟ୍ରେନ ଲାଇନ। ଯାହାକି ଦଶପଲ୍ଲା ବ୍ଲକ୍ର ସୀମା ମଧ୍ୟରେ ରହିଛି। ଭାୟାଡକ୍ଟ ଟାନେଲ ଏବଂ ଓପନ କଟିଙ୍ଗ୍ ରେଳପଥ ସହ ହାତୀଙ୍କ ସୁରକ୍ଷା ପଥ ନିର୍ମାଣ ଠିକା ସଂସ୍ଥା ପାଇଁ ଚାଲେଞ୍ଜ ରହିଥିବା ବେଳେ ସବୁଠାରୁ ବଡ଼ କଥା ହାତୀଙ୍କ ସୁରକ୍ଷା ପାଇଁ ନିର୍ମାଣ ହୋଇଛି ସ୍ୱତନ୍ତ୍ର ଚାଲପଥ। ଏହା ଓପନ କଟିଙ୍ଗ୍ ଟ୍ରାକ ଉପରେ ନିର୍ମାଣ ହୋଇଛି। ବୁଗୁଡା ନିକଟରେ ନିର୍ମାଣ ଚାଲିଛି ଏହି ସ୍ୱତନ୍ତ୍ର ହାତୀ ସୁରକ୍ଷା ପାଇଁ କୃତିମ ବ୍ରିଜୟ ବ୍ରିଜ ଉପରେ ହାତୀଙ୍କ ଯାତାୟାତ କରିବେ ଏବଂ ଟ୍ରେନ ବ୍ରିଜ ତଳେ ଚାଲିବ। ସେହିଭଳି ଜାମୁସାହି ଗାଁ ନିକଟରେ ନିର୍ମାଣ ହୋଇଥିବା ଭାୟାଡ଼କ୍ଟ ସେତୁ ଉପରେ ଟ୍ରେନ ଚାଲିବ ଏବଂ ଭାୟାଡକ୍ଟ ତଳେ ହାତୀ ମାନେ କରିବେ ଚଳାଚଳ। ଏଭଳି ଦୃଶ୍ୟକୁ ଟ୍ରେନ ଯାତ୍ରା ମାନେ ଉପଭୋଗ କରିବେ। ସେହିଭଳି ଦଶପଲ୍ଲା ରୁ ଜାମୁସାହି ପଥର ଗଣ୍ଡ ମଧ୍ୟରେ ୩ଟି ଟନେଲ ନିର୍ମାଣ କାର୍ଯ୍ୟ ଚାଲିଛି। ଖୁବଶୀଘ୍ର ଏହି ରେଳ ପଥରେ ଟ୍ରେନ ଚଳାଚଳ କରିବ। ଏବେ ଖୋର୍ଦ୍ଧା ରୁ ଦଶପଲ୍ଲାକୁ ଯାତ୍ରୀବାହୀ ଟ୍ରେନ ଚଳାଚଳ କରୁଛନ୍ତି। ଏହି ୩୦୧ କିମି ଦିର୍ଘ୍ୟ ବିଶିଷ୍ଟ ଖୋର୍ଦ୍ଧା ବଲାଙ୍ଗୀର ରେଳପଥ ମଧ୍ୟରେ ଦଶପଲ୍ଲା ଜାମୁସାହି ପଥର ଗଣ୍ଡ ନିକଟରେ ରହିଛି ବୃହତ ଭାୟାଡ଼କ୍ଟ ସେତୁ। ଏହାର ଲମ୍ବ ୪.୭୭ କିମି ରହିଥିବା ବେଳେ ୧୮୨ଟି ସ୍ପାନ୍ ନିର୍ମାଣ ଚାଲିଛି। ଏହି ଖୁମ୍ବ ଗୁଡ଼ିକ ୮ ମିଟରରୁ ଆରମ୍ଭ କରି ସର୍ବାଧିକ ୨୬.୩ ମିଟର ପର୍ଯ୍ୟନ୍ତ ଉଚ୍ଚତା ରହୁଥିବା ବିଭାଗ ପକ୍ଷରୁ କୁହାଯାଇଛି। ପରିବେଶ ସନ୍ତୁଳନକୁ ରକ୍ଷା କରିବା ପାଇଁ ଜାମୁସାହି ଠାରୁ ଏହି ସେତୁ ନିର୍ମାଣ ଆରମ୍ଭ ହୋଇଥିବା ବେଳେ କୁଲୁରୁକୁମ୍ପା ପର୍ଯ୍ୟନ୍ତ ଲମ୍ବିଛି। ଯାହାକି ବର୍ତ୍ତମାନ ସୁଦ୍ଧା ପ୍ରାୟ ୫୦ ରୁ ୬୦ % ପ୍ରତିଶତ ସ୍ଥାନର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ୨୦୨୬ ମାର୍ଚ୍ଚ ସୁଦ୍ଧା ସମସ୍ତ ସ୍ପାନ୍ର ନିର୍ମାଣ ତଥା ଏହି ଭାୟାଡକ୍ଟ ସେତୁ ନିର୍ମାଣ କାର୍ଯ୍ୟ ଶେଷ ପାଇଁ ଲକ୍ଷ୍ୟ ରଖା ଯାଇଛି। ଭାୟାଡକ୍ଟ ସେତୁ ତଳେ ଜଙ୍ଗଲି ବନ୍ୟପ୍ରାଣୀ ଚଳାଚଳ କରିବା ସହ ଏହାର ମଧ୍ୟରେ ବୃତଙ୍ଗ ପ୍ରକଳ୍ପ ରହିଥିବାରୁ ଏହାକୁ ଆଖି ଆଗରେ ରଖି ନିର୍ମାଣ କରାଯାଉଛି। ସେଭଳି ରଙ୍ଗ ମାଟିଆ ରୁ ଟାକେରା ମଧ୍ୟରେ ମାଟି ଏବଂ ପାହାଡ଼ କାଟି ନିର୍ମାଣ ହୋଇଛି ୩ କିଲୋମିଟର ଓପନ କଟିଙ୍ଗ୍ ରେଳ ପଥ। ଏହା ୮୦ ଫୁଟ ମାଟି ତଳେ ନିର୍ମାଣ କରାଯାଇଛି। ଏହା ଭିତରେ ଟ୍ରେନ ଚଳାଚଳ କରିବୟ ସେହିଭଳି ହାତୀଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ପଥ ନିର୍ମାଣ କରାଯାଇଛି। ଏହି ରେଳ ବ୍ରିଜ ଲମ୍ବ ରହିଛି ୩୮୦ ମିଟର। ଏବଂ ଦୁଇଟି ଟ୍ରେନ ଲାଇନ ରହିଛି। ବ୍ରିଜର ଉଚ୍ଚତା ରହିଛି ୧୦ ମିଟର। ଏବଂ ବ୍ରିଜ ଉପରେ ମାଟି ୫ ମିଟର ପକାଇ କୃତିମ ହାତୀଙ୍କ ଚଲାପଥ ରାସ୍ତା ନିର୍ମାଣ କରାଯିବ। ଏହା ଉପରେ ହାତୀ ମାନେ ଯାତାୟାତ କରିବେୟ ଆସନ୍ତା ଜୁନ ମାସ ଶେଷ ସୁଦ୍ଧା କାମ ଶେଷ କରିବା ପାଇଁ ଠିକା ସଂସ୍ଥା ଙ୍କୁ ରେଳ ବିଭାଗ ପକ୍ଷରୁ ନିର୍ଦେଶ ରହିଛି। ଦଶପଲ୍ଲା ରୁ ବୁଗୁଡା ମଧ୍ୟରେ ରେଳ ପଥ କାମ ଶେଷ ପର୍ଯ୍ୟାୟରେ ପହଞ୍ଚି ଥିବା ବେଳେ ବୁଗୁଡା ରୁ ବାଣୀଗୋଛା ସେକ୍ସନ ମଧ୍ୟରେ ୩୮୦ ମିଟର ଟ୍ରେନ ଲାଇନ କାମ ଦ୍ରୁତ ଗତିରେ ଚାଲିଛି। ରଙ୍ଗମାଟି ଗାଁ ଠାରୁ ଟାକେରା ମଧ୍ୟରେ ନିର୍ମାଣ ଚାଲିଥିବା ଓପନ କଟିଙ୍ଗ୍ ରେଳପଥ ଠିକା ସଂସ୍ଥା ପାଇଁ ବଡ଼ ଚାଲେଞ୍ଜ ରହିଥିଲା। କାରଣ ଟ୍ରେନ ଲାଇନ ସମତୁଳ ରଖିବା ପାଇଁ ୮୦ ଫୁଟ ପାହାଡ ମାଟି କାଟି ରେଳପଥ କରାଯାଇଛି। ଏହାକୁ ଦୁର୍ଗା ନାମକ ଠିକା ସଂସ୍ଥା ନିର୍ମାଣ କାର୍ଯ୍ୟ କରୁଛି। ଆସନ୍ତା ଡିସେମ୍ବର ମାସ ଶେଷ ସୁଦ୍ଧା କାମ ଶେଷ କରିବା ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ରହିଥିବା କୁହାଯାଇଛ। ଏହି ରେଳପଥ ମଧ୍ୟରେ ରହିଥିବା ବିଭିଓ ବିବାଦର ସମାଧାନ ଜାରୀ ରହିଥିବା ଦଶପଲ୍ଲା ଅତିରିକ୍ତ ତହସିଲଦାର କହିଛନ୍ତି। ସେପଟେ ସ୍ଥାନୀୟ ବିଧାୟକ ତୁରନ୍ତ ଦଶପଲ୍ଲା ରୁ ବାଣୀଗୋଛା ପର୍ଯ୍ୟନ୍ତ ରେଳପଥ କାମ ଶେଷ କରି ଟ୍ରେନ ଚଳାଚଳ ପାଇଁ ଦାବି କରିଛନ୍ତି। ଖୋର୍ଦ୍ଧା ବଲାଙ୍ଗୀର ଏହି ରେଳପଥ ରହିଛି ଛୋଟ ବଡ଼ ୭ ଟି ଟନେଲ ସହ ହାତୀଙ୍କ ସୁରକ୍ଷା ଚଲାପଥ ବ୍ରିଜ୍, ଭାୟାଡ଼କ୍ଟ ସେତୁ ଏବଂ ୮୦ ଫୁଟ ମାଟି ତଳେ ରେଳପଥ। ଏହା ଭିତରେ ଟ୍ରେନ ଚଳାଚଳ କରିବ। ଏଥିପାଇଁ ଠିକା ସଂସ୍ଥା ପକ୍ଷରୁ ଧୃତ ଗତିରେ ଚାଲିଛି ରେଳପଥ ନିର୍ମାଣ କାର୍ଯ୍ୟ। ରେଳ ବିଭାଗ ପକ୍ଷରୁ କୁହାଯାଇଛି ଏହି ରେଳପଥରେ ଭିଷ୍ଟାଡ୍ରୋମ୍ ଟ୍ରେନ୍ ଚାଲିବ। ଯାତ୍ରୀମାନେ ଯାତ୍ରା ସମୟରେ ବାହାରର ମନୋରମ ଦୃଶ୍ୟ ଉପଭୋଗ କରିବେ। ଟ୍ରେନ୍ରେ ବଗି ଗୁଡ଼ିକ ରେ ଅଧିକାଂଶ କାଚ ଲାଗିଥାଏ। ଫଳରେ ଯାତ୍ରୀଙ୍କୁ ବାହାରର ଦୃଶ୍ୟ ଦେଖି ପାରିବେ।

## ଚାଉଳ ବୋଝେଇ ପିକଅପ୍ ଓଲଟି ୨ ମୃତ, ୪ ଗୁରୁତର




ବିଷମକଟକ, (ମହାଭାରତ):ରାୟଗଡ଼ା ଜିଲ୍ଲା ବିଷମକଟକ ଥାନା ଅନ୍ତର୍ଗତ କାଚପାଦୁ ଗାଁ ନିକଟରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ଚାଉଳ ବୋଝେଇ ବୋଲେରୋ ପିକଅପ୍ ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ୨ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୪ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ମୃତକମାନେ ହେଲେ ମଦେଙ୍ଗା ସାରକା ଓ ଡ୍ରିଞ୍ଜୁ ସାରକାରସୂଚନା ଅନୁଯାୟୀ, ଗତକାଲି ବିଳମ୍ବିତ ରାତିରେ ମୁନିଗୁଡ଼ାରୁ ଧାନ ମିଲିଂ ସାରି ଚାଉଳ ଧରି ଏକ ବୋଲେରୋ ପିକଅପ୍ ଗାଁକୁ ଫେରୁଥିଲା ବେଳେ କାଚପାଦୁ ଗାଁ ନିକଟରେ ଚାଳକ ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇବାରୁ ଗାଡ଼ିଟି ଓଲଟି ପଡ଼ିଥିଲାୟ ଘଟଣାସ୍ଥଳରେ ହିଁ ମଦେଙ୍ଗା ସାରକାଙ୍କ ପ୍ରାଣବାୟୁ ଉଡ଼ିଯାଇଥିବା ବେଳେ ଡ୍ରିଞ୍ଜୁ ସାରକାଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନା ନିଆଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।ଅନ୍ୟ ଜଣେ ହିମ୍ମତ ସାରକା ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି ।ଅଜ୍ଜି, ନବିନ ଓ ଧବଳେଶ୍ୱର ସାରକା: ଏହି ତିନିଜଣ ଏବେ ବିଷମକଟକ ଖ୍ରୀଷ୍ଟିଆନ୍ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି ।ଖବର ପାଇ ବିଷମକଟକ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ିଟିକୁ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ବେଲପଡା ବିଜେପି ଛାଡି କଂଗ୍ରେସ କୁ ଆସିଲେ ଯୁବଗୋଷ୍ଠୀ



ପାଟଣାଗଡ ( ମହାଭାରତ ) ପାଟଣାଗଡ ନିର୍ବାଚନ ମଣ୍ଡଳୀ ବେଲପଡା ବ୍ଲକ ସଦର ମହକୁମା ସହ ଆଖପାଖ ଚାରୋଟି ପଂଚାୟତ ର ୨୦ଜଣ ବିଜେପି କର୍ମୀ କଂଗ୍ରେସ ରେ ଯୋଗଦାନ କରିଛନ୍ତି । ଜିଲ୍ଲା କଂଗ୍ରେସ ସଭାପତି ଅନୀଲ ମେହେର ଙ୍କ ଉପସ୍ଥିତି ରେ ପାଟଣାଗଡ ଆବାସିକ କାର୍ଯାଳୟ ଠାରେ ବେଲପଡା ର ଯୁବ ନେତା ବିକାଶ ମେହେର ଙ୍କ ନେତୃତ୍ୱରେ ଯୁବଗୋଷ୍ଠୀ କଂଗ୍ରେସ ଦଳ ରେ ଯୋଗଦାନ କରିଛନ୍ତି । ବିଜେପି ଦଳ ରେ ଦଳୀୟ ପଦାଧିକାରୀ ମନମାନୀ କରୁଥିବା ସହ ମନମାନୀ କୁ ବିରୋଧ କରି କଂଗ୍ରେସ ରେ ଯୋଗ ଦେଇଥିବା ଜଣାଇଛନ୍ତି । ଏହି ସମୟ ରେ ବେଲପଡା ବ୍ଲକ ସଭାପତି ତ୍ରିଲୋଚନ ଧରୁଆ, ଜିଲ୍ଲା ଉପ ସଭାପତି ଅଜିତ ପୁରୋହିତ, ଜିଲ୍ଲା ସମ୍ପାଦକ ସାନନ୍ଦ ମେହେର ପ୍ରମୁଖ ଉପସ୍ଥିତ ରହି ଥିଲେ ।

## ସ୍କୁଲ ରେ କନିଅର ଫଳ ଖାଇ ଦୁଇ ଛାତ୍ର ଗୁରୁତର

ନୟାଗଡ଼, ( ମହାଭାରତ ) : ନୟାଗଡ଼ ନୂଆଗାଁ ଥାନା ମାଇଛେଳି ପଞ୍ଚାୟତ କାଣିଗିରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କନିଅର ଫଳ ଖାଇ ଦୁଇ ଛାତ୍ର ଗୁରୁତର ହୋଇଛନ୍ତି। ଉଭୟଙ୍କୁ ପ୍ରଥମେ ମନ୍ଦିପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭର୍ତ୍ତି କରାଯାଇଥିଲା ଉଭୟ ଦେହ ଗୁରୁତର ହେବାରୁ ପରେ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅବସ୍ଥା ବହୁ ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ର ସ୍ଥାନାନ୍ତର କରାଯାଇଛି। ଗୁରୁତର ଛାତ୍ର ଦ୍ୱୟ ହେଲେ ରାଜକିଶୋର ପ୍ରଧାନଙ୍କ ପୁଅ ସଞ୍ଜିବନୀ ପ୍ରଧାନ ଏବଂ ରଞ୍ଜନ ନାଥଙ୍କ ପୁଅ ପ୍ରକାଶ ନାଥ। ଦୁହେଁ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ଶ୍ରେଣୀରେ ପଢୁଥିଲେ। ବିଦ୍ୟାଳୟରେ ଖେଳଛୁଟି ସମୟରେ ଉଭୟ କନିଅର ଫଳ ଖାଇ ଦେଇଥିଲେୟ ସମ୍ପର୍କରେ ସେମାନେ ବିଦ୍ୟାଳୟରେ କାହାକୁ କିଛି କହି ନ ଥିଲେ। ଘରକୁ ଆସିବା ପରେ ଉଭୟ ଛାତ୍ର ଦ୍ୱୋୟ ଅସୁସ୍ଥ ହୋଇପଡ଼ିବାରୁ ପରିବାର ଲୋକେ ଘରୋଇ ଚିକିତ୍ସା କରିଥିଲେ। ହେଲେ ଅପରାହ୍ନରେ ପିଲା ମାନେ ପ୍ରବଳ ବାନ୍ତି କରିବାରୁ ପରିବାର ଲୋକ ଉଭୟଙ୍କୁ ଚିକିତ୍ସାଳୟ ଆଣିଥିଲେ। ନୟାଗଡ଼ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଉଭୟଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ଥିବା ଡାକ୍ତର କହିଛନ୍ତି।

# ଫଳ ବଗିଚାରେ ସଫଳ ଯୁବ ଚାଷୀ ୫ ପରିବାରକୁ ଦେଉଛନ୍ତି ଜୀବିକା

## କାନ୍ଦୁଲବନ୍ଧର ଶିବ ପ୍ରସାଦଙ୍କ ଫଳ ଚାଷରେ ଉଦାହରଣ



ଜୁନାଗଡ଼,(ମହାଭାରତ):କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ଗୌଡଛେଣ୍ଡିୟା ଗ୍ରାମ ପଞ୍ଚାୟତ ଅଧୀନ କାନ୍ଦୁଲବନ୍ଧ ଗ୍ରାମର ଯୁବ ଚାଷୀ ଶିବ ପ୍ରସାଦ ପାଟଯୋଷୀ ନିଜ ପରିଶ୍ରମ, ଧୈର୍ଯ୍ୟ ଓ ଦୃଢ଼ ସଙ୍କଳ୍ପରେ ଫଳ ଚାଷ କରି ଅଞ୍ଚଳରେ ଏକ ସଫଳ ଚାଷୀ ଭାବେ ପରିଚିତ ହୋଇପାରିଛନ୍ତି। ଖାଲି ପଡ଼ିଥିବା ଜମିକୁ ସଠିକ ଭାବରେ ବ୍ୟବହାର କରି ସେ ଆଜି ଏକ ସୁନ୍ଦର ବଗିଚା ତିଆରି କରିବା ସହିତ ନିଜ ପରିବାରର ଆର୍ଥିକ ସ୍ଥିତିକୁ ମଜବୁତ କରିପାରିଛନ୍ତି। ତାଙ୍କ ବଗିଚାରେ କାମ କରୁଥିବା ଅନ୍ୟ ୫ଟି ପରିବାରକୁ ମଧ ଜୀବିକାର ସୁଯୋଗ ମିଳୁଥିବାରୁ ସେ ସ୍ଥାନୀୟ ଅଞ୍ଚଳରେ ପ୍ରେରଣାର ଉଦାହରଣ ହୋଇଉଠିଛନ୍ତି ।ଶ୍ରୀ ପାଟଯୋଷୀ ଜୁନାଗଡ଼ ସରକାରୀ ଉଦ୍ୟାନ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ (ଉଦ୍ୟାନ ଭବନ) ସହିତ ଯୋଗାଯୋଗ କରି ବିଭିଓ ପ୍ରକାର ଫଳ ଚାରା ଆଣି ନିଜ ବଗିଚାରେ ଲଗାଇଥିଲେ। ତାଙ୍କ ବଗିଚାରେ ଆମ୍ବ, ମୁନୁଗା, ପିଜୁଳି, ଆପଲ୍ ବେର, ନଡ଼ିଆ, ସପେଟା, ଅଙ୍ଗୁର, ଲେମ୍ବୁ, କମଳା, ମୌସୁମୀ ଓ ଡ୍ରାଗନ ଫଳ ଭଳି ବିଭିଓ ପ୍ରଜାତିର ଫଳ ଚାଷ କରାଯାଉଛି। ସଠିକ ପରିଚର୍ଯ୍ୟା, ସିଚାଇ ବ୍ୟବସ୍ଥା ଓ ପରିଶ୍ରମର ଫଳରେ ତାଙ୍କ ବଗିଚା ଆଜି ଭଲ ଉତ୍ପାଦନ ଦେଉଛି ।ସେ ପ୍ରଥମେ ପ୍ରାୟ ୪୦୦ଟି ଫଳ ଚାରା ଆଣି ଚାଷ ଆରମ୍ଭ କରିଥିଲେ। ପାଖରେ ଥିବା ଜମିରେ ଏକ ପୋଖରୀ ଖୋଳି କେନାଲ ପାଣିର ସୁବିଧା ଦେଖି ଚାଷକୁ ଆଗକୁ ବଢ଼ାଇଥିଲେ। ପରେ କୃଷି ବିଭାଗ ପକ୍ଷରୁ ତାଙ୍କୁ ଗୋଟିଏ ବୋରୋୱେଲ୍ ସହାୟତା ଯୋଗାଇ ଦିଆଯାଇଥିବାରୁ ସିଚାଇ ବ୍ୟବସ୍ଥା ଆହୁରି ସୁବିଧାଜନକ ହୋଇଥିଲା। ସରକାରୀ ସହାୟତାରେ ସେ ଚାରା, ଡ୍ରିପ୍ ଇରିଗେସନ୍ ଲାଇନ୍, ବିଭିଓ ପ୍ରକାର ବିହନ ଓ କୃଷି ସାମଗ୍ରୀ ମଧ ପାଇଥିବା କହିଛନ୍ତି ।ବର୍ତ୍ତମାନ ତାଙ୍କ ବଗିଚାରେ ୧ ଏକର ଜମିରେ ପ୍ରାୟ ୯୦୦ଟି ଆମ୍ବ ଗଛ, ୧ ଏକରରେ ୭୦୦ଟି ମୁନୁଗା ଗଛ, ୧ ଏକରରେ ୧୦୦ଟି ପିଜୁଳି ଗଛ ଓ ପ୍ରାୟ ୮୦ ଡିସମିଲ ଜମିରେ ୮୦ଟି ଆପଲ ବେର ଗଛ ଲଗାଇଛନ୍ତି। ଏହା ସହ ଅନ୍ୟାନ୍ୟ ଫଳ ଗଛ ମଧ ଲଗାଇ ଏକ ବିବିଧମୁଖୀ ବଗିଚା ତିଆରି କରିଛନ୍ତି। ଏହି ସମସ୍ତ ଚାଷ ମାଧ୍ୟମରେ ସେ ବର୍ଷକୁ ପ୍ରାୟ ୪ ଲକ୍ଷ ଟଙ୍କା ଆୟ କରୁଥିବା କହିଛନ୍ତି ।ତାଙ୍କ ବଗିଚାରେ ସ୍ଥାନୀୟ ୫ଟି ପରିବାରକୁ ନିୟମିତ କାମ ମିଳୁଥିବାରୁ ସେମାନଙ୍କ ଜୀବିକାରେ ମଧ ଏହା ଗୁରୁତ୍ୱପୂର୍ଣ୍ଣ ସହାୟତା ଯୋଗାଇପାରୁଛି। ଯୁବ ଚାଷୀଙ୍କ ଏହି ପ୍ରୟାସ ଦେଖି ଅଞ୍ଚଳର ଅନେକ ଯୁବକ ମଧ ଚାଷ ପ୍ରତି ଆଗ୍ରହ ଦେଖାଉଥିବା ସ୍ଥାନୀୟ ଲୋକେ କହିଛନ୍ତି ।ତେବେ ଚାଷରେ ସଫଳତା ସ[illegible]ଉଏଠାରେ ଚାଷୀମାନଙ୍କ ପାଇଁ ସବୁଠାରୁ ବଡ଼ ସମସ୍ୟା ହେଉଛି ସଠିକ ବଜାର ବ୍ୟବସ୍ଥାର ଅଭାବ। ସ୍ଥାନୀୟ ଅଞ୍ଚଳରେ ମଣ୍ଡି ବା ବ୍ୟବସ୍ଥିତ ବଜାର ନଥିବାରୁ ଅନେକ ସମୟରେ ଚାଷୀମାନେ ଦଲାଲଙ୍କୁ ଫଳ ବିକ୍ରି କରିବାକୁ ବାଧ ହେଉଛନ୍ତି ଓ ଯଥେଷ୍ଟ ମୂଲ୍ୟ ପାଇ ପାରୁନାହାନ୍ତି। ଏହି ପରିସ୍ଥିତିରେ ସରକାର ଯଦି ଏଠାରେ ଏକ ସୁଚିନ୍ତିତ ବଜାର ବ୍ୟବସ୍ଥା କରନ୍ତି, ତେବେ ଚାଷୀମାନେ ଆହୁରି ଲାଭବାନ ହେବା ସହ ଅଧିକ ଲୋକ ଚାଷ ପ୍ରତି ଆକୃଷ୍ଟ ହେବେ ବୋଲି ସ୍ଥାନୀୟ ମତ ପ୍ରକାଶ ପାଇଛି ।ଯୁବ ଚାଷୀ ଶିବ ପ୍ରସାଦ ପାଟଯୋଷୀଙ୍କ ଏହି ସଫଳତା ଅଞ୍ଚଳର ଅନ୍ୟ ଚାଷୀମାନଙ୍କ ପାଇଁ ଏକ ପ୍ରେରଣା ହୋଇଥିବା ସହ ଦୃଢ଼ ଇଚ୍ଛାଶକ୍ତି ଓ ପରିଶ୍ରମ ଥିଲେ ଚାଷ ମାଧ୍ୟମରେ ମଧ ସଫଳ ଜୀବନ ଗଢ଼ି ତୋଳିହେବ ବୋଲି ସେ ପ୍ରମାଣ କରିଦେଇଛନ୍ତି।



# ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ





## ନେତାନ୍ୟାହୁଙ୍କୁ ହତ୍ୟା କରିବା ପାଇଁ ସବୁ ପ୍ରକାର ଉଦ୍ୟମ ଚଳାଇଛି ଇରାନ !

ତେହେରାନ: ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖେମିନିଙ୍କୁ ହତ୍ୟା କରିବା ପାଇଁ ଦାୟୀ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କୁ ଛାଡ଼ିବନି ଇରାନ। ତାଙ୍କୁ ଯେକୌଣସି ଉପାୟରେ ହତ୍ୟା କରିବା ପାଇଁ ଇସଲାମିକ୍ ରିଭଲ୍ୟୁସନାରୀ ଗାର୍ଡ କର୍ପସ୍ (ଆଇଆରଜିସି) ଶପଥ ନେଇଛି। ଆଇଆରଜିସି କହିଛି ଯେ ପଶ୍ଚିମ ଏସିଆରେ ବଢୁଥିବା ଯୁଦ୍ଧ ମଧ୍ୟରେ ନେତାନ୍ୟାହୁ ସର୍ବଦା ଏକ ଟାର୍ଗେଟ୍ ହୋଇ ରହିବେ। ଏକ ବିବୃତିରେ ଆଇଆରଜିସି ନେତାନ୍ୟାହୁଙ୍କୁ ଜଣେ 'ଅପରାଧୀ ଇହୁଦୀ ପ୍ରଧାନମନ୍ତ୍ରୀ' ଭାବରେ ବର୍ଣ୍ଣନା କରିଛି ଏବଂ କହିଛି ଯେ ଯଦି ସେ ଜୀବିତ ଅଛନ୍ତି ତେବେ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ହତ୍ୟା କରାଯିବ। ନେତାନ୍ୟାହୁଙ୍କ ମୃତ୍ୟୁ ଖବର ମିଛ ବୋଲି ତାଙ୍କ କାର୍ଯ୍ୟାଳୟ ସ୍ପଷ୍ଟ କରିବା ପରେ ଆଇଆରଜିସି କହିଛି, ଯଦି ଶିଶୁ ହତ୍ୟାକାରୀ ନେତାନ୍ୟାହୁ ଜୀବିତ ଅଛନ୍ତି, ତେବେ ଆମେ ତାଙ୍କୁ ପିଛା କରିବା ଜାରି ରଖିବୁ ଏବଂ ସୁଯୋଗ ଉଣ୍ଠି ହତ୍ୟା କରିବୁ। ଆଇଆରଜିସିର ଅପରେସନ୍ ଟ୍ରୁ ପ୍ରମିସ୍ ୪ର ୫୨ତମ ତରଙ୍ଗ ଘୋଷଣାର ଏକ ଅଂଶ ଭାବରେ ଏହି ମନ୍ତବ୍ୟ ଆସିଛି, ଯାହା ଏହି ଅଞ୍ଚଳରେ ଇସ୍ରାଏଲ ଓ ଆମେରିକାର ସାମରିକ ଘାଟିକୁ ଟାର୍ଗେଟ୍ କରିଛି ବୋଲି କହିଛି। ବିବୃତି ଅନୁଯାୟୀ, ଇରାନ ସୈନ୍ୟମାନେ ତେଲ୍ ଅଭିଭ୍ର ଶିଳ୍ପାଞ୍ଚଳ ଉପରେ ଭାରୀ କ୍ଷେପଣାସ୍ତ୍ର ମାଡ଼ କରିଥିଲେ ଏବଂ ଏହି ଆକ୍ରମଣରେ କିଛି ଲୋକ ଆହତ ହୋଇଥିବା ଦାବି କରାଯାଇଥିଲା। ଏହାପରେ ସମଗ୍ର ସହରରେ ଆମ୍ବୁଲାନ୍ସ ସାଇରନ୍ ବାଜିବା ଶୁଣାଯାଇଥିଲା। ଆଇଆରଜିସି ଏହା ମଧ୍ୟ କହିଛି ଯେ ଏହା କ୍ଷେପଣାସ୍ତ୍ର ଓ ଡ୍ରୋନ୍ ବ୍ୟବହାର କରି ଏର୍ବିଲରେ ଥିବା ଅଲ-ହାରିର ଏୟାର୍ ବେସ୍, ଅଲି ଅଲ୍ ସାଲେମ୍ ଏୟାର୍ ବେସ୍ ଓ କୁଏତର କ୍ୟାମ୍ପ୍ ଆରିଫଜାନ୍ ସମେତ ଆମେରିକା ସୈନ୍ୟବାହିନୀ ସହ ଜଡ଼ିତ ସ୍ଥାନଗୁଡ଼ିକୁ ଟାର୍ଗେଟ୍ କରିଛି। ଇରାନ ସେନା ଏହା ମଧ୍ୟ ଦାବି କରିଛି ଯେ ନେତାନ୍ୟାହୁଙ୍କ ଭାଗ୍ୟ ଅସ୍ପଷ୍ଟ ଅଛି। ସେ ନିହତ ହୋଇଥାଇପାରନ୍ତି କିମ୍ବା ତାଙ୍କ ପରିବାର ସହିତ ଇସ୍ରାଏଲରୁ ପଳାୟନ କରିଥାଇ ପାରନ୍ତି। ତେବେ ନେତାନ୍ୟାହୁଙ୍କ କାର୍ଯ୍ୟାଳୟ ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଦାବିକୁ ଖାରଜ କରିଛି, ଯେଉଁଥିରେ ଇସ୍ରାଏଲ ପ୍ରଧାନମନ୍ତ୍ରୀଙ୍କୁ ହତ୍ୟା କରାଯାଇଥିବା ଦାବି କରାଯାଇଥିଲା। ଏଗୁଡ଼ିକ ମିଥ୍ୟା ଖବର; ପ୍ରଧାନମନ୍ତ୍ରୀ ଭଲ ଅଛନ୍ତି ବୋଲି କାର୍ଯ୍ୟାଳୟ କହିଛି।

## କାଶ୍ମୀରର ଉରିରେ ଅନୁପ୍ରବେଶ ଉଦ୍ୟମ ପଣ୍ଡ: ଜଣେ ଆତଙ୍କବାଦୀ ନିପାତ

ଶ୍ରୀନଗର: ଶନିବାର ବିଳମ୍ବିତ ରାତିରେ ଉତ୍ତର କାଶ୍ମୀରର ଉରି ସେକ୍ଟରରେ ଥିବା ନିୟନ୍ତ୍ରଣ ରେଖା ନିକଟରେ ଏକ ଅନୁପ୍ରବେଶ ଉଦ୍ୟମକୁ ସୁରକ୍ଷା ବାହିନୀ



ପଣ୍ଡ କରିଦେଇଛନ୍ତି। ଭାରତୀୟ ସେନାର କହିବା ଅନୁସାରେ, ଜମ୍ମୁ-କାଶ୍ମୀର ପୁଲିସ (ଜେକେପି)ଠାରୁ ସମ୍ଭାବ୍ୟ ଅନୁପ୍ରବେଶ ଉଦ୍ୟମ ବିଷୟରେ ନିର୍ଦ୍ଦିଷ୍ଟ ଗୁଇନ୍ଦା ସୂଚନା ମିଳିବା ପରେ ବାରାମୁଲା ଜିଲ୍ଲାର ଉରି ସେକ୍ଟରର ବୁଚର ଅଞ୍ଚଳରେ ଏହି ଅପରେସନ ଆରମ୍ଭ କରାଯାଇଥିଲା। ଜେକେପି ଦେଇଥିବା ଏକ ନିର୍ଦ୍ଦିଷ୍ଟ ଗୁଇନ୍ଦା ସୂଚନା ଆଧାରରେ ମାର୍ଚ୍ଚ ୧୪-୧୫ ମଧ୍ୟରାତ୍ରିରେ ବୁଚରରେ ମିଳିତ ଅଭିଯାନ ଆରମ୍ଭ କରାଯାଇଥିଲା। ସୈନିକମାନେ ଘଞ୍ଚ ବୃକ୍ଷଲତା ମଧ୍ୟରେ ଲୁଚି ରହିଥିବା ଜଣେ ସନ୍ଦିଗ୍ଧ ଆତଙ୍କବାଦୀଙ୍କ ସନ୍ଦେହଜନକ ଗତିବିଧି ଦେଖି ଗୁଳି ଚଳାଇଥିଲେ। ଏହାର ଜବାବରେ ଆତଙ୍କବାଦୀ ସୈନ୍ୟମାନଙ୍କ ଉପରେ ଆଖିବୁଜା ଗୁଳି ଚଳାଇଥିଲା ଏବଂ ସମୟ ଧରି ଗୁଳି ବିନିମୟ ଚାଲିଥିଲା। ଏନକାଉଣ୍ଟର ସମୟରେ ଜଣେ ସନ୍ଦିଗ୍ଧ ପାକିସ୍ତାନୀ ଆତଙ୍କବାଦୀ ନିହତ ହୋଇଥିବା ଅଧିକାରୀମାନେ କହିଛନ୍ତି। ଗୁଳି ବିନିମୟ ପରେ ସେନା ଘଟଣାସ୍ଥଳରୁ ଏକ ଏକେ ରାଇଫଲ, ପିସ୍ତଲ ଓ ବିପୁଳ ପରିମାଣର ଗୁଳିଗୋଳା ଜବତ କରିଛି। ଅନ୍ୟ କୌଣସି ଅନୁପ୍ରବେଶକାରୀ ଉପସ୍ଥିତ ନ ଥିବା ନିଶ୍ଚିତ କରିବାକୁ ସୁରକ୍ଷା ବାହିନୀ ଏହି ଅଞ୍ଚଳରେ କମ୍ବିଂ ଜାରି ରଖିଛନ୍ତି।

## ଭାରତରୁ ୪୫ ହଜାର ଟନ୍ ଡିଜେଲ୍ କିଣିବ ବାଂଲାଦେଶ

ନୂଆଦିଲ୍ଲୀ: ବାଂଲାଦେଶ ଏହାର ଇନ୍ଧନ ଆବଶ୍ୟକତା ପୂରଣ ପାଇଁ ଭାରତରୁ ୪୫ ହଜାର ଟନ୍ ଡିଜେଲ ଆମଦାନୀ କରିବାକୁ ନିଷ୍ପତ୍ତି ନେଇଛି। ଏପ୍ରିଲ ସୁଦ୍ଧା ଭାରତରୁ ଏହି ଡିଜେଲ ବାଂଲାଦେଶରେ ପହଞ୍ଚିବ। ଏଥିରୁ ପ୍ରଥମ ଦଫାରେ ୫ ହଜାର ଟନ୍ ଡିଜେଲ ପହଞ୍ଚି ସାରିଛି। ଦ୍ୱିତୀୟ ପର୍ଯ୍ୟାୟ ଡିଜେଲ ୧୮ କିମ୍ବା ୧୯ ତାରିଖ ସୁଦ୍ଧା ପହଞ୍ଚିବ ବୋଲି ଆଶା କରାଯାଉଛି। ବାଂଲାଦେଶ ପେଟ୍ରୋଲିୟମ କର୍ପୋରେସନ (ବିପିସି)ର ଜେନେରାଲ ମ୍ୟାନେଜର (ଅପରେସନ୍ସ) ମହମ୍ମଦ ମୁର୍ସିଦ ହୁସେନ ଆଜାଦଙ୍କ କହିବାନୁଯାୟୀ, ୪୦ ହଜାର ଟନ୍ ଅତିରିକ୍ତ ଡିଜେଲ ଆମଦାନୀ ପ୍ରସ୍ତାବ ମିଳିସାରିଛି। ଲେଟର ଅଫ୍ କ୍ରେଡିଟ୍ ଓ ଅନ୍ୟ ଆନୁଷ୍ଠାନିକତା ଶେଷ ହେବା ପରେ ଏପିଲ ଭିତରେ ଏସବୁ ତେଲ ଆସିଯିବ। ଭାରତ ଏବଂ ବାଂଲାଦେଶ ମଧ୍ୟରେ ଡିଜେଲ ଯୋଗାଣକୁ ସହଜ କରିବା ପାଇଁ ୨୦୨୩ରେ ଭାରତ-ବାଂଲାଦେଶ ଫ୍ରେଣ୍ଡସିପ୍ ପାଇପଲାଇନ୍ (ଆଇବିଏଫ୍‌ପି)ର ଉଦ୍‌ଘାଟନ ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ବାଂଲାଦେଶର ତତ୍କାଳୀନ ପ୍ରଧାନମନ୍ତ୍ରୀ ଶେଖ ହସିନା ଏହାକୁ ଆଭାସୀ ଜରିଆରେ ଉଦ୍‌ଘାଟନ କରିଥିଲେ। ଏହା ପୂର୍ବରୁ ରେଳ ଯୋଗେ ଡିଜେଲ ଯୋଗାଣ ହେଉଥିଲା। ଏଥିପାଇଁ ଉଭୟ ସମୟ ଓ ଖର୍ଚ୍ଚ ଅଧିକ ପଡୁଥିଲା। ତେବେ ମହମ୍ମଦ ୟୁନୁସଙ୍କ ନେତୃତ୍ୱରେ ଚାଲିଥିବା ଅନ୍ତରୀଣ ସରକାର ସମୟରେ ଏହି ପାଇପଲାଇନରେ ଯୋଗାଣ ବନ୍ଦ କରି ଦିଆଯାଇଥିଲା। ନିର୍ବାଚନରେ ବାଂଲାଦେଶର ନୂଆ ପ୍ରଧାନମନ୍ତ୍ରୀ ତାରିକ ରହମାନ ହେବା ପରେ ଡିଜେଲ ଯୋଗାଣ ପୁଣି ଆରମ୍ଭ ହୋଇଛି। ଭାରତରୁ ଉକ୍ତ ଡିଜେଲ୍ ନୁମାଲିଗଡ଼ ରିଫାଇନାରି ଲିମିଟେଡ୍‌ରୁ ସିଧା ବାଂଲାଦେଶର ପାର୍ବତୀପୁର ଡିପୋକୁ ପଠାଯିବ। ଏହି ପାଇପଲାଇନର ଲମ୍ବ ୧୩୧.୫ କିମି। ସେଥିରୁ ୫ କିମି ଭାରତରେ ଥିବାବେଳେ ୧୨୬.୫ କିମି ବାଂଲାଦେଶରେ ରହିଛି।

## ହର୍ମୁଜ୍ ପରେ ବନ୍ଦ ହେବ କି ବାବ୍ ଏଲ୍-ମାଣ୍ଡେବ ପ୍ରଣାଳୀ? ହୁତି ଆତଙ୍କୀଙ୍କ ଧମକକୁ ନେଇ ବଢ଼ିଲା ଚିନ୍ତା

ତେହେରାନ: ଇରାନ, ଆମେରିକା ଓ ଇସ୍ରାଏଲ ମଧ୍ୟରେ ଚାଲିଥିବା ଯୁଦ୍ଧ ଏକ ଅତ୍ୟନ୍ତ ବିପଜ୍ଜନକ ସ୍ଥିତିରେ ପହଞ୍ଚିଛି। ହର୍ମୁଜ୍ ପ୍ରଣାଳୀ ପରେ, ୟେମେନର ହୁତି ଆତଙ୍କବାଦୀମାନେ ଏବେ ବାବ୍ ଅଲ୍-ମାଣ୍ଡେବକୁ ବନ୍ଦ କରିବାକୁ ଧମକ ଦେଇଛନ୍ତି। ଏହି ଧମକ ବିଶ୍ୱ ଅର୍ଥନୀତି ତଥା ବିଶ୍ୱ ବାଣିଜ୍ୟ ଉପରେ ଆଶଙ୍କାର କଳାବାଦଲ ଘୋଡ଼ାଇ ଦେଇଛି। ଯଦି ଏହି ସମୁଦ୍ର ପଥ ବନ୍ଦ ହୋଇଯାଏ, ତେବେ ୟୁରୋପ ଓ ଏସିଆ ମଧ୍ୟରେ ବାଣିଜ୍ୟ ଗୁରୁତର ଭାବରେ ବାଧାପ୍ରାପ୍ତ ହେବ।



ୟେମେନର ହୁତି ନେତା ଅବଦୁଲ ମାଲିକ ଅଲ-ହୁଥି ସ୍ପଷ୍ଟ କରିଛି, ଆମ ଯୋଦ୍ଧାମାନେ ଯେକୌଣସି ମୁହୂର୍ତ୍ତରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରସ୍ତୁତ ଅଛନ୍ତି। ବିଶେଷଜ୍ଞମାନେ କହିଛନ୍ତି ଯେ, ଏହା ଇରାନର ତିନି ପର୍ଯ୍ୟାୟ ଆକ୍ରମଣ ଆରମ୍ଭ କରିବା ରଣନୀତିର ଏକ ଅଂଶ। ପ୍ରଥମ ପଦକ୍ଷେପ ହେଉଛି ପଶ୍ଚିମ ଦେଶଗୁଡ଼ିକର ଆର୍ଥିକ ମେରୁଦଣ୍ଡକୁ ଭାଙ୍ଗିବା ପାଇଁ ସମୁଦ୍ର ପଥଗୁଡ଼ିକୁ ଅବରୋଧ କରିବା। ବାବ୍ ଅଲ୍-ମାଣ୍ଡେବ ଲୋହିତ ସାଗରକୁ ଭାରତ ମହାସାଗର ସହିତ ସଂଯୋଗ କରୁଥିବା ଏକମାତ୍ର ପଥ। ୨୯ କିଲୋମିଟର ଚଉଡାର ଏହି ପଥ ଏସିଆ ଓ ୟୁରୋପ ମଧ୍ୟରେ ବାଣିଜ୍ୟର ଏକ ପ୍ରମୁଖ ସଂଯୋଗ। ସୁଏଜ୍ କେନାଲ ଦେଇ ଯାତ୍ରା କରୁଥିବା ପ୍ରତ୍ୟେକ ଜାହାଜକୁ ଏହି ଗୁରୁତ୍ୱପୂର୍ଣ୍ଣ ସଂକୀର୍ଣ୍ଣ ପ୍ରଣାଳୀକୁ ପାର ହେବାକୁ ପଡିଥାଏ। ଏହି ସମୁଦ୍ର ପଥ ଦେଇ ପ୍ରତିଦିନ ପ୍ରାୟ ୮.୮ ନିୟୁତ ବ୍ୟାରେଲ ଅଶୋଧିତ ତୈଳ ପରିବହନ ହୋଇଥାଏ, ଯାହା ବିଶ୍ୱର ମୋଟ ଯୋଗାଣର ୩୦ ପ୍ରତିଶତ। ଯଦି ଏହି ମାର୍ଗ ବନ୍ଦ ହୋଇଯାଏ, ତେବେ ଅଶୋଧିତ ତୈଳ ମୂଲ୍ୟ ଆହୁରି ବଢ଼ିବା ଆଶଙ୍କା ରହିଛି।। ଏହା ଇନ୍ଧନ ମୂଲ୍ୟ ବୃଦ୍ଧି କରିବା ସହିତ ବିଶ୍ୱ ମୁଦ୍ରାସ୍ଫୀତିର ଏକ ନୂଆ ସମୀକରଣ ସୃଷ୍ଟି କରିବ। ଯଦି ଜାହାଜଗୁଡ଼ିକ ଏହି ରାସ୍ତା ଦେଇ ନ ଯାଇ ଆଫ୍ରିକାର କେପ୍ ଅଫ୍ ଗୁଡ୍ ହୋପ୍ ଦେଇ ଯାଆନ୍ତି, ତେବେ ଯାତ୍ରା ପାଇଁ ୧୦ରୁ ୧୫ ଦିନ ସମୟ ଲାଗିବ। ଏହା ଇନ୍ଧନ ଖର୍ଚ୍ଚ ଓ ମାଲ ପରିବହନ ଖର୍ଚ୍ଚକୁ ଯଥେଷ୍ଟ ବୃଦ୍ଧି କରିବ। ଇଲେକ୍‌ଟ୍ରୋନିକ୍ସ, ଯନ୍ତ୍ରପାତି ଓ ଶସ୍ୟ ଭଳି ଅତ୍ୟାବଶ୍ୟକ ସାମଗ୍ରୀର ଯୋଗାଣ ବାଧାପ୍ରାପ୍ତ ହେବା ଦ୍ୱାରା ବଜାରରେ ଘୋର ଅଭାବ ଦେଖାଦେଇପାରେ। ଇରାନ-ସମର୍ଥିତ ଗୋଷ୍ଠୀଗୁଡ଼ିକ ଏବେ ଏକାଠି କାମ କରୁଛନ୍ତି, ଯାହା ଆଧୁନିକ ଇତିହାସର ସବୁଠାରୁ ବଡ଼ ସାମୁଦ୍ରିକ ସଙ୍କଟର ସଙ୍କେତ ଦେଉଛି। ଯଦି ବାବ୍ ଅଲ୍-ମାଣ୍ଡେବ ଓ ହର୍ମୁଜ୍ ପ୍ରଣାଳୀ ଉଭୟ ଏକକାଳୀନ ବନ୍ଦ ହୋଇଯାଏ, ତେବେ ଏହା ବିଶ୍ୱ ବାଣିଜ୍ୟ ପାଇଁ ଏକ ଭୟଙ୍କର ବିପର୍ଯ୍ୟୟ ସୃଷ୍ଟି କରିବ। ହୁତିଙ୍କ ଏହି ଧମକକୁ କେବଳ ଏକ ଚେତାବନୀ ନୁହେଁ ବରଂ ବିଶ୍ୱ ସାମୁଦ୍ରିକ ସୁରକ୍ଷା ପାଇଁ ଏକ ସିଧାସଳଖ ଚ୍ୟାଲେଞ୍ଜ ଭାବରେ ଦେଖାଯାଉଛି।

## କେରଳ ବିଧାନସଭା ନିର୍ବାଚନ ଧର୍ମାଡୋମରୁ ଲଢ଼ିବେ ପିନାରାୟି ବିଜୟନ




ନୂଆଦିଲ୍ଲୀ: ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଏମ୍-ମାର୍କ୍ସବାଦୀ) ଆଗାମୀ କେରଳ ବିଧାନସଭା ନିର୍ବାଚନ ୨୦୨୬ରେ ୮୬ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବ ବୋଲି ଘୋଷଣା କରିଛି। ମୁଖ୍ୟମନ୍ତ୍ରୀ ପିନାରାୟି ବିଜୟନ ପୁଣି ଥରେ କନ୍ନୁର ଜିଲ୍ଲାର ଧର୍ମାଡୋମ ନିର୍ବାଚନମଣ୍ଡଳୀରୁ ପ୍ରତିଦ୍ୱନ୍ଦ୍ୱିତା କରିବେ। ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ କେକେ ଶୈଳଜାଙ୍କୁ କନ୍ନୁର ଜିଲ୍ଲାର ପେରାଭୁର ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ କରାଯାଇଛି। ପୂର୍ବରୁ ସେ ମଟ୍ଟାନୁର ବିଧାନସଭା ନିର୍ବାଚନମଣ୍ଡଳୀରୁ ଲଢ଼ି ରେକର୍ଡ ବ୍ୟବଧାନରେ ଜିତିଥିଲେ। ପେରାଭୁରର ପ୍ରତିନିଧିତ୍ୱ ବର୍ତ୍ତମାନ କେରଳ ପ୍ରଦେଶ କଂଗ୍ରେସ କମିଟି (କେପିସିସି)ର ସଭାପତି ସନ୍ନି ଜୋସେଫ୍ କରୁଛନ୍ତି। ଦଳ ଏପର୍ଯ୍ୟନ୍ତ ୮୧ ଜଣ ପ୍ରାର୍ଥୀ ଘୋଷଣା କରିଥିବା ବେଳେ ଅବଶିଷ୍ଟ ପାଞ୍ଚ ଜଣ ସ୍ୱାଧୀନ ପ୍ରାର୍ଥୀ ହେବେ, ଯାହାଙ୍କୁ ପରେ ଘୋଷଣା କରାଯିବ। ଉଲ୍ଲେଖନୀୟ ପ୍ରାର୍ଥୀମାନଙ୍କ ମଧ୍ୟରେ ପିକେ ଶ୍ୟାମଳା ତାଲିପରମ୍ବା ନିର୍ବାଚନମଣ୍ଡଳୀରୁ ପ୍ରତିଦ୍ୱନ୍ଦ୍ୱିତା କରିବେ। ଶ୍ୟାମଳା ହେଉଛନ୍ତି ସିପିଆଇଏମ୍ ରାଜ୍ୟ ସମ୍ପାଦକ ଏମ୍‌ଭି ଗୋବିନ୍ଦନଙ୍କ ପତ୍ନୀ ଏବଂ ତାଲିପରମ୍ବା ପୂର୍ବରୁ ତାଙ୍କ ଆସନ ଥିଲା। ଯେଉଁ ନିର୍ବାଚନମଣ୍ଡଳୀରେ ଭାରତୀୟ ଜନତା ପାର୍ଟି (ବିଜେପି) ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିବ ବୋଲି ଆଶା କରାଯାଉଛି, ସେହି ନିର୍ବାଚନମଣ୍ଡଳୀରେ ମଧ୍ୟ ଦଳ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ଏମାନଙ୍କ ମଧ୍ୟରେ ନେମୋମ ବିଧାନସଭା ନିର୍ବାଚନମଣ୍ଡଳୀରୁ ଭି ସିଭାନକୁଟ୍ଟି, କାଜାକୁଟ୍ଟମ ବିଧାନସଭା ନିର୍ବାଚନମଣ୍ଡଳୀରୁ କାଡାକମ୍ପାଲି ସୁରେନ୍ଦ୍ରନ, ଭାଟିୟୁରକାଭୁ ବିଧାନସଭା ନିର୍ବାଚନମଣ୍ଡଳୀରୁ ଭିକେ ପ୍ରଶାନ୍ତ ଓ ମଞ୍ଜେଶ୍ୱରମ ବିଧାନସଭା ନିର୍ବାଚନମଣ୍ଡଳୀରୁ କେଆର ଜୟନନ୍ଦନ ଅଛନ୍ତି। ପାଲକ୍କାଡ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ପ୍ରାର୍ଥୀ ଏପର୍ଯ୍ୟନ୍ତ ଘୋଷଣା ହୋଇନାହିଁ ଏବଂ ସେଠାରେ ଦଳ ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ରହିବେ। ରବିବାର ନିର୍ବାଚନ ଆୟୋଗ ଅନେକ ରାଜ୍ୟରେ ବିଧାନସଭା ନିର୍ବାଚନ ପାଇଁ କାର୍ଯ୍ୟସୂଚୀ ଘୋଷଣା କରିଛନ୍ତି। ନିକଟରେ କେରଳମ୍ ନାମରେ ନାମିତ କେରଳରେ ଏହାର ୧୪୦ ସଦସ୍ୟ ବିଶିଷ୍ଟ ବିଧାନସଭା ପାଇଁ ଏପ୍ରିଲ ୯ରେ ଗୋଟିଏ ପର୍ଯ୍ୟାୟରେ ଭୋଟ୍ ହେବ ଏବଂ ମେ ୪ରେ ଭୋଟ୍ ଗଣତି ହେବାର କାର୍ଯ୍ୟକ୍ରମ ରହିଛି।

## ଫାଟିଲା ସିଲିଣ୍ଡର, ୨ ପିଲା ମୃତ, ୭ ଆହତ

ତାମିଲନାଡୁ : ଚେନ୍ନାଇର ନଲ୍ଲୁର ଅଞ୍ଚଳରେ ସିଲିଣ୍ଡର ବିସ୍ଫୋରଣ । ସିଲିଣ୍ଡର ବିସ୍ଫୋରଣ ହେବାକୁ ଯୋଗୁଁ ୨ ଜଣ ପିଲାଙ୍କ ଜୀବନ ଚାଲିଯାଇଛି । ଘଟଣାରେ ଅନ୍ୟ ୭ ଜଣ ଆହତ ହୋଇଛନ୍ତି । ବିସ୍ଫୋରଣ ଏତେ ଜୋରରେ ଥିଲା ଯେ, ୩ଟି ଘର ଆଂଶିକ ଭାବେ କ୍ଷତିଗ୍ରସ୍ତ ହୋଇଛି । ସ୍ଥାନୀୟ ଲୋକ ଶବ୍ଦ ଶୁଣି ଘଟଣା ସ୍ଥଳରେ ପହଞ୍ଚିଥିଲେ ଏବଂ ପୋଲିସକୁ ଖବର ଦେଇଥିଲେ । ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ଆହତଙ୍କୁ ହସପିଟାଲରେ ଭର୍ତ୍ତି କରାଯାଇଛି । ମାମଲାର ଯାଞ୍ଚ ଚାଲିଛି । ଚେନ୍ନାଇ ନିକଟ ନଲ୍ଲୁର ଅଞ୍ଚଳରେ ଏକ ସିଲିଣ୍ଡର ବିସ୍ଫୋରଣ ହୋଇଥିଲା । ଏହି ଘଟଣାରେ ୨ ଜଣ ଶିଶୁଙ୍କ ଜୀବନ ଚାଲିଯାଇଥିଲା । ଅନ୍ୟ ୭ ଜଣ ଘଟଣାରେ ଆହତ ହୋଇଛନ୍ତି । ଘଟଣା ସକାଳ ୭.୪୦ ମିନିଟରେ ହୋଇଛି । ନଲ୍ଲୁର ଅଞ୍ଚଳରେ ଚମୁଣ୍ଡେଶ୍ୱର ନଗର ସ୍ଥିତ ୩ୟ ଗଳିରେ ହୋଇଛି । ବିସ୍ଫୋରଣରେ ଦେଢ ବର୍ଷର ପୁଅ ଏବଂ ୪ ବର୍ଷର ଝିଅର ଜୀବନ ଚାଲିଯାଇଛି ।

## ବିଧାନସଭା ନିର୍ବାଚନ ପାଇଁ ତାରିଖ ଘୋଷଣା, ଏପ୍ରିଲ ୯, ୨୩ ଓ ୨୯ରେ ହେବ ନିର୍ବାଚନ, ମେ ୪ ତାରିଖରେ ଭୋଟ ଗଣତି




ନୂଆଦିଲ୍ଲୀ : ଦେଶର ୫ଟି ରାଜ୍ୟରେ ବିଧାନସଭା ନିର୍ବାଚନ ପାଇଁ ତାରିଖ ଘୋଷଣା ହୋଇଛି । ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ତାରିଖ ଘୋଷଣା କରିଛନ୍ତି। ୪ଟି ରାଜ୍ୟ ଏବଂ ଗୋଟିଏ କେନ୍ଦ୍ର ଶାସିତ ଅଞ୍ଚଳ ପାଇଁ ନିର୍ବାଚନ ତାରିଖ ଘୋଷଣା ହୋଇଛି । ତାମିଲନାଡୁ, ଆସାମ, କେରଳ, ପଡୁଚେରୀ, ପଶ୍ଚିମବଙ୍ଗ ବିଧାନସଭା ପାଇଁ ତାରିଖ ଘୋଷଣା ହୋଇଛି । ଆସାମରେ ଓ କେରଳରେ ୯ ଏପ୍ରିଲ ଗୋଟିଏ ପର୍ଯ୍ୟାୟରେ ଭୋଟ ହେବ । ପଶ୍ଚିମବଙ୍ଗରେ ଦୁଇଟି ପର୍ଯ୍ୟାୟରେ ହେବ ଭୋଟ । ଏପ୍ରିଲ ୨୩ ଓ ୨୯ରେ ହେବ ନିର୍ବାଚନ । ତାମିଲନାଡୁରେ ୨୩ ଏପ୍ରିଲରେ ଗୋଟିଏ ପର୍ଯ୍ୟାୟରେ ହେବ । ପଡୁଚେରୀରେ ଏପ୍ରିଲ ୯ରେ ଗୋଟିଏ ପର୍ଯ୍ୟାୟରେ ଭୋଟ ହେବ । ମେ ୪ ତାରିଖରେ ଭୋଟ ଗଣିତ ହେବ ।

## ପଶ୍ଚିମବଙ୍ଗ ଏସ୍‌ଆଇଆର୍: ସମୟ ସ୍ୱଳ୍ପ, ଫାଇଲ ଲକ୍ଷ ଲକ୍ଷ

କୋଲକାତା: ଭୋଟର ତାଲିକାରେ 'ତାର୍କିକ ଅସଙ୍ଗତି' ଯାଞ୍ଚ କରିବା ପାଇଁ ପଶ୍ଚିମବଙ୍ଗରେ ସ୍ୱତନ୍ତ୍ର ଯାଞ୍ଚ ପ୍ରକ୍ରିୟା (ଏସ୍‌ଆଇଆର୍) ଚାଲିଛି। ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଏହି ପ୍ରକ୍ରିୟାରେ ୬୦ ଲକ୍ଷ ସନ୍ଦିଗ୍ଧ ଦସ୍ତାବିଜର ଯାଞ୍ଚ କରାଯିବାର ଅଛି, ଯେଉଁଥିପାଇଁ ଦାୟିତ୍ୱରେ ଥିବା ନ୍ୟାୟିକ ଅଧିକାରୀଙ୍କ ଉପରେ ବହୁତ ଚାପ ରହିଛି। ଏହି ପ୍ରକ୍ରିୟାରେ ସମ୍ପୃକ୍ତ ଝାଡ଼ଖଣ୍ଡର ଜଣେ ନ୍ୟାୟିକ ଅଧିକାରୀ କହିଛନ୍ତି ଯେ, ପ୍ରତିଦିନ ଅତି କମ୍‌ରେ ୩୦୦ ମାମଲାର ସମାଧାନ କରିବାକୁ ପଡିବ। ପଶ୍ଚିମବଙ୍ଗର ୫୫୦ ଅଧିକାରୀଙ୍କ ବ୍ୟତୀତ ଓଡ଼ିଶା ଓ ଝାଡ଼ଖଣ୍ଡରୁ ପ୍ରାୟ ୨୦୦ ଅଧିକାରୀ ମୁତୟନ ହୋଇଛନ୍ତି। ବଙ୍ଗଳାରେ ଅନେକ ସ୍ଥାନରେ କେତେକ ଉପନାମ ଦୁଇଟି ଭିନ୍ନ ଉପାୟରେ ଲେଖାଯାଏ। ଏଥିରେ ବାନାର୍ଜୀ କିମ୍ବା ବନ୍ଦ୍ୟୋପାଧ୍ୟାୟ, ମୁଖାର୍ଜୀ କିମ୍ବା ମୁଖୋପାଧ୍ୟାୟ ଓ ଚାଟାର୍ଜୀ କିମ୍ବା ଚଟ୍ଟୋପାଧ୍ୟାୟଙ୍କ ସମେତ ଡଜନେ ଉପନାମ ଅନ୍ତର୍ଭୁକ୍ତ। ଯଦିଓ ଇଂରାଜୀର ଅନୁବାଦ ସମୟରେ ବାନାର୍ଜୀର ବଙ୍ଗଳା ଭାଷାରେ




ଅନୁବାଦ ହେତୁ ନାମଗୁଡ଼ିକ ତାର୍କିକ ଅସଙ୍ଗତି ଶ୍ରେଣୀରେ ଆସିଛି। ଏହି ପାର୍ଥକ୍ୟ କେବଳ ସେହି ବ୍ୟକ୍ତିମାନେ କରିପାରିବେ ଯେଉଁମାନଙ୍କର ବଙ୍ଗଳା ବିଷୟରେ ଜ୍ଞାନ ଅଛି। ବାହାରର ଅଧିକାଂଶ ନ୍ୟାୟିକ ଅଧିକାରୀ ଏହି ଶବ୍ଦର ଖେଳ ବିଷୟରେ ଜାଣି ନାହାନ୍ତି। ଏହି କାରଣରୁ ଏଭଳି ମାମଲାରେ ଦସ୍ତାବିଜର ଯାଞ୍ଚ ପାଇଁ ସମୟ ଲାଗୁଛି। ନିର୍ବାଚନ ଆୟୋଗ ସୂତ୍ରରୁ ଜଣାପଡ଼ିଛି ଯେ, ନ୍ୟାୟିକ ଅଧିକାରୀମାନେ ପ୍ରବଳ ଚାପରେ କାର୍ଯ୍ୟ କରୁଛନ୍ତି। ପ୍ରାୟ ୪୮ ଲକ୍ଷ ଲୋକଙ୍କ ଦସ୍ତାବିଜ ଯାଞ୍ଚ କରିବାକୁ ବାକି ଅଛି। ସୁପ୍ରିମ୍‌କୋର୍ଟ କହିଛନ୍ତି ଯେ, ନାମାଙ୍କନ ଦାଖଲ ଶେଷ ତାରିଖ ସୁଦ୍ଧା ହୋଇଥିବା ତଦନ୍ତ ଆଧାରରେ ସପ୍ଲିମେଣ୍ଟାରୀ ଭୋଟର ତାଲିକା ପ୍ରକାଶ କରାଯାଇପାରିବ। ସିପିଏମ୍ ଓ କଂଗ୍ରେସ ଭଳି ବିରୋଧୀ ଦଳ ମଧ୍ୟ ଆୟୋଗ ସହ ବୈଠକରେ କହିଛନ୍ତି ଯେ କୌଣସି ବୈଧ ଭୋଟରଙ୍କ ନାମ ତାଲିକାରୁ ହଟାଇବା ଉଚିତ ନୁହେଁ, କିନ୍ତୁ ଠିକ୍ ସମୟରେ ପ୍ରକ୍ରିୟା କିପରି ଶେଷ ହେବ, ତାହା ଏକ ବଡ଼ ପ୍ରଶ୍ନ।

ନିର୍ବାଚନ ଆୟୋଗର ଜଣେ ଅଧିକାରୀ କହିଛନ୍ତି, ଦସ୍ତାବିଜ ଅପଲୋଡ୍ କରିବା ସମୟରେ ବୁଥ୍ ସ୍ତରୀୟ ଅଧିକାରୀଙ୍କ ତରଫରୁ ଅନିୟମିତତା ହୋଇଥାଇପାରେ। ଏଭଳି ମାମଲାର ତଦନ୍ତ ଚାଲିଛି। ସୁପ୍ରିମ୍ ?କୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ସେମାନେ ଏହି ନ୍ୟାୟିକ ଅଧିକାରୀଙ୍କ ନିଷ୍ପତ୍ତି ଉପରେ ପ୍ରଶ୍ନ ଉଠାଇ ପାରିବେ ନାହିଁ।

ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶରେ ଫେବ୍ରୁଆରି ୨୮ରେ ପ୍ରକାଶିତ ଏହି ତାଲିକାରେ ଲକ୍ଷ ଲକ୍ଷ ଲୋକଙ୍କ ଦସ୍ତାବିଜରେ ଅସଙ୍ଗତି ଥିଲା। ଉଦାହରଣ ସ୍ୱରୂପ, କାହାର ନାମର ବନାନ ଭୁଲ ଥିଲା ତ କେତେକ କ୍ଷେତ୍ରରେ ପିତା ଓ ପୁତ୍ରଙ୍କ ବୟସ ମଧ୍ୟରେ ପାର୍ଥକ୍ୟ ବହୁତ କମ୍ ଥିଲା। କୋଲକାତା ବ୍ୟତୀତ ଅଧିକାଂଶ ସ୍ଥାନର ଭୋଟର ତାଲିକା ବଙ୍ଗଳା ଭାଷାରେ ଅଛି, ଯେଉଁଥିପାଇଁ ଅନ୍ୟ ରାଜ୍ୟରୁ ଆସୁଥିବା ନ୍ୟାୟିକ ଅଧିକାରୀଙ୍କୁ ଦସ୍ତାବିଜ ଯାଞ୍ଚ କରିବା ପାଇଁ କଠିନ ପରିଶ୍ରମ କରିବାକୁ ପଡୁଛି। କିଛି ଲୋକଙ୍କୁ ଏଥିରେ ଅନ୍ୟମାନଙ୍କଠାରୁ ସାହାଯ୍ୟ ମଧ୍ୟ ନେବାକୁ ପଡୁଛି। ଫେବ୍ରୁଆରି ୧୦ ତାରିଖରେ ସୁପ୍ରିମ୍‌କୋର୍ଟରେ ଏସ୍‌ଆଇଆର୍ ସମ୍ବନ୍ଧୀୟ ପିଟିସନ ଉପରେ ଶୁଣାଣି ସମୟରେ କଲିକତା ହାଇକୋର୍ଟ କହିଥିଲେ ଯେ, ଏପର୍ଯ୍ୟନ୍ତ କେବଳ ୧୦.୧୬ ଲକ୍ଷ ତାର୍କିକ ଅସଙ୍ଗତି ମାମଲାର ଅନୁସନ୍ଧାନ କରାଯାଇଛି। ଫେବ୍ରୁଆରି ଶେଷ ସପ୍ତାହରୁ ଏହି କାର୍ଯ୍ୟ ଚାଲିଛି। ଏହି ପରିପ୍ରେକ୍ଷୀରେ, ପ୍ରତିଦିନ ପ୍ରାୟ ଏକ ଲକ୍ଷ ଦସ୍ତାବିଜ ଯାଞ୍ଚ କରାଯାଉଛି। ଏପର୍ଯ୍ୟନ୍ତ ୪୮ ଲକ୍ଷ ଦସ୍ତାବିଜ ଯାଞ୍ଚ ବାକି ଅଛି। ଏହାକୁ ଶୀଘ୍ର ଶେଷ କରିବାକୁ ପଡିବ।

ନିର୍ଦ୍ଧାରିତ ସମୟ ମଧ୍ୟରେ ଦସ୍ତାବିଜ ଯାଞ୍ଚ ନ କଲେ, ବହୁ ସଂଖ୍ୟକ ଲୋକ ଭୋଟ୍ ଅଧିକାରରୁ ବଞ୍ଚିତ ହୋଇପାରନ୍ତି। ଶାସକ ତୃଣମୂଳ କଂଗ୍ରେସ ପାଇଁ ଏହା ହେଉଛି ସବୁଠାରୁ ବଡ଼ ବିପଦ। କାରଣ କେତେକ ମୁସଲମାନ ବହୁଳ ଅଞ୍ଚଳରେ, ତାର୍କିକ ଅସଙ୍ଗତି ବର୍ଗରେ ଥିବା ୮୦ରୁ ୯୦% ଭୋଟର ସଂଖ୍ୟାଲଘୁ। ଏହା ହେଉଛି ତୃଣମୂଳର ଏକ ଶକ୍ତିଶାଳୀ ଭୋଟ୍ ବ୍ୟାଙ୍କ। ଗତବର୍ଷ ନଭେମ୍ବରରେ ଏସ୍‌ଆଇଆର୍ ପ୍ରକ୍ରିୟା ଆରମ୍ଭ ହେବା ପରଠାରୁ ୬୩.୬୬ ଲକ୍ଷ ବା ୮.୩% ନାମ ହଟାଇ ଦିଆଯାଇଥିଲା। ପ୍ରାୟ ୭.୬୬ କୋଟିରୁ ପ୍ରାୟ ୬୩ ଲକ୍ଷ ଭୋଟର କମିବା ପରେ ଏବେ ୭.୦୪ କୋଟି ଭୋଟର ଅଛନ୍ତି।

# କୌଣସି ଦଳ ଆଇସିସିଠାରୁ ବଡ଼ ନୁହେଁ : ଜୟ ଶାହ



ମୁମ୍ବାଇ, ୧୫।୩ : ନିକଟରେ ସମାପ୍ତ ହୋଇଥିବା ଟ୍ବେଣ୍ଟି-୨୦ ବିଶ୍ୱକପ୍ ଓ ତାପୂର୍ବରୁ ଦେଖାଦେଇଥିବା ବିବାଦ ସମ୍ପର୍କରେ ପ୍ରଥମ ଥର ପାଇଁ ମୁହଁ ଖୋଲିଛନ୍ତି ଆଇସିସି ଅଧ୍ୟକ୍ଷ ଜୟ ଶାହ। ସେ କହିଛନ୍ତି ଯେ କୌଣସି ଦଳ ଆଇସିସିଠାରୁ ବଡ଼ ନୁହେଁ।


କୌଣସି ଦଳର ନାଁ ନ ନେଇ ସେ କହିଛନ୍ତି ଯେ ଏହି ଆଇସିସି ବିଶ୍ୱକପ୍ ବେଶ ଗୁରୁତ୍ୱପୂର୍ଣ୍ଣ ଥିଲା, କାରଣ ଏହା ଆରମ୍ଭ ହେବା ପୂର୍ବରୁ କେତେକ ନିର୍ଦ୍ଦିଷ୍ଟ ଦଳଙ୍କ ଅଂଶଗ୍ରହଣ ନେଇ ଅନିଶ୍ଚିତତା ଲାଗି ରହିଥିଲା। ଏପରିକି ବିଶ୍ୱକପ୍‌କୁ କିପରି ହେବ ତାହାକୁ ନେଇ ଅଚଳାବସ୍ଥା ଦେଖାଦେଇଥିଲା। ଆଇସିସିର ଅଧ୍ୟକ୍ଷଭାବେ ମୁଁ କହିବାକୁ ଚାହୁଁଛି ଯେ କୌଣସି ଦଳ ସଂଗଠନଠାରୁ ବଡ଼ ନୁହେଁ, କାରଣ ଗୋଟିଏ ଦଳକୁ ନେଇ ଏହି ସଂଗଠନ ତିଆରି ହୋଇନାହିଁ। ଏହି ସଂଗଠନ ବିଭିନ୍ନ ଦଳକୁ ନେଇ ଗଢାଯାଇଛି। ଏହି ବିଶ୍ୱକପ୍‌ର ସଫଳତା ସମ୍ପର୍କରେ ସେ କହିଛନ୍ତି " ପ୍ରଥମ ଥର ପାଇଁ ଗୋଟିଏ ସମୟରେ ୭୨ ଲକ୍ଷ ଦର୍ଶକ ଏହାକୁ ଦେଖୁଥିଲେ। ମୋଟ ଦର୍ଶକ ସଂଖ୍ୟା ମଧ୍ୟ ପୂର୍ବର ସବୁ ରେକର୍ଡକୁ ଭାଙ୍ଗିଦେଇଛି। ଆପଣ ଦେଖିଥିବେ, ୟୁଏସଏ ଭାରତକୁ ସମସ୍ୟାରେ ପକାଇଥିଲା, ନେଦରଲାଣ୍ଡସ୍ ପାକିସ୍ତାନକୁ କଡ଼ା ଟକ୍କର ଦେଇଥିଲା, ଜିମ୍ବାଓ୍ବେ ଅଷ୍ଟ୍ରେଲିଆ ପରି ଦଳକୁ ହରାଇଦେଇଥିଲା ଓ ନେପାଳ ଇଂଲଣ୍ଡକୁ ଡରେଇ ଦେଇଥିଲା। ପୂର୍ଣ୍ଣକାଳୀନ ସଦସ୍ୟ ଦେଶମାନଙ୍କ ବିପକ୍ଷରେ ଭଲ ପ୍ରଦର୍ଶନ କରିଥିବାରୁ ମୁଁ ସହଯୋଗୀ ଦେଶମାନଙ୍କୁ ଅଭିନନ୍ଦନ ଜଣାଉଛି''।

ବିଶ୍ୱକପ୍ ପୂର୍ବରୁ ବାଂଲାଦେଶ ଓ ପାକିସ୍ତାନକୁ ନେଇ ଅନିଶ୍ଚିତତା ଦେଖାଦେଇଥିଲା। ସୁରକ୍ଷା କାରଣରୁ ବାଂଲାଦେଶ ଭାରତ ଆସିବାକୁ ମନା କରିବାରୁ ଆଇସିସି ଏହି ଦଳ ବଦଳରେ ସ୍କଟ୍‌ଲାଣ୍ଡକୁ ସାମିଲ କରିଥିଲା। ସେହିପରି ବାଂଲାଦେଶକୁ ସମର୍ଥନ କରି ପାକିସ୍ତାନ ଭାରତ ବିପକ୍ଷ ମ୍ୟାଚ୍ ଖେଳିବାକୁ ମନା କରିଦେଇଥିଲା। ତେବେ ପରେ ଏଥିପାଇଁ ରାଜି ହୋଇଥିଲା।

ସେ ମଧ୍ୟ ଭାରତୀୟ ଟ୍ବେଣ୍ଟି-୨୦ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଓ ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀରଙ୍କୁ ଏକ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି ଯେ ଉପରୁ ତଳକୁ ଖସିବାକୁ ଅଳ୍ପ କିଛି ମାସ ସମୟ ଲାଗିଥାଏ, ମାତ୍ର ତଳୁ ଉପରକୁ ଉଠିବାକୁ ବର୍ଷ ବର୍ଷ ଲାଗିଥାଏ। ଏଣୁ ସେମାନେ କଠିନ ପରିଶ୍ରମ କରିଚାଲନ୍ତୁ ଓ ଟ୍ରଫି ଜିତିଚାଲନ୍ତୁ। ଏବେ ସେମାନେ ୨୦୩୦, ୨୦୩୧ ଓ ୨୦୩୬ ପର୍ଯ୍ୟନ୍ତ ଲକ୍ଷ୍ୟ ରଖିବା ଆବଶ୍ୟକ।

## ଲୁଚିକି ବାହାହେଲେ ହେଲେ ଯଶ୍ ଦୟାଲ

ନୂଆଦିଲ୍ଲୀ, ୧୫।୩: ଆଇପିଏଲର ଷ୍ଟାର ବୋଲର ଯଶ ଦୟାଲଙ୍କ ସରିଛି ବାହାଘର । ଆଇପିଏଲ ଆରମ୍ଭ ହେବା ପୂର୍ବରୁ ତାଙ୍କର ପଡ଼ିଛି ହାତଗଣ୍ଠି । ତେବେ ସର୍ବସମ୍ମୁଖରେ ନୁହେଁ ଲୁଚାଣିଆ ଭାବେ ବିବାହ ଉତ୍ସବ ସରିଥିବା କୁହାଯାଉଛି । ପୂର୍ବରୁ ତାଙ୍କ ନାମରେ ଜଣେ ଯୁବତୀ ଯୌନଶୋଷଣ ଅଭିଯୋଗ ଆଣିଥିଲେ । ଏହି ଘଟଣା ବିଚାରାଧିନ ରହିଛି । ଏହାରି ଭିତରେ ତାଙ୍କର ବିବାହ ସରିଥିବାବେଳେ ଆରସିବି ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିନାହିଁ । କାରଣ ସେ ଆରସିବି ପକ୍ଷରୁ ଗତ ସିଜିନରେ ଖେଳିଥିଲେ ଏବଂ ବିଜୟୀ ଦଳର ସଦସ୍ୟ ମଧ୍ୟ ରହିଥିଲେ ।



ଏକ ଜାତୀୟ ଗଣମାଧ୍ୟମର ରିପୋର୍ଟରେ ଯଶଙ୍କ ବିବାହ ଫଟୋ ପ୍ରକାଶ ପାଇଛି । ଫେବୃଆରୀ ୪ ତାରିଖରେ ତାଙ୍କର ବିବାହ ହୋଇଥିଲା। ସେ କଣ୍ଟେନ କ୍ରିଏଟର ଶ୍ୱେତା ପୁଷ୍ପୁରୀଙ୍କୁ ବିବାହ କରିଛନ୍ତି । ନିକଟରେ ଶ୍ୱେତା ଏକ ରିଲ୍ସ ଯଶଙ୍କ ସହ ସେୟାର କରିଥିଲେ । ଯେଉଁଥିରୁ ସେମାନଙ୍କ ବିବାହ ହୋଇଥିବା ଖବର ସାମ୍ନାକୁ ଆସିଥିଲା । ଉତ୍ତରପ୍ରଦେଶର ନୋଏଡାରେ ସେମାନଙ୍କ ବିବାହ ଗୁପ୍ତଭାବେ ସମ୍ପାଦନ ହୋଇଥିବା ଖବର ଆସିଛି । ଗତବର୍ଷ ତାଙ୍କ ବିପକ୍ଷରେ ଯୌନ ନିର୍ଯାତନା ଅଭିଯୋଗ ଆସିଥିଲା । ଏବେ ସେ ବିବାହ କରିଥିବାବେଳେ ଖେଳିବାର ସୁଯୋଗ ମିଳିବ କି ନାହିଁ କୌଣସି ପ୍ରତିକ୍ରିୟା ପ୍ରକାଶ ପାଇନାହିଁ । ଗତ ବର୍ଷ ଆରସିବି ବିଜୟରେ ବାମହାତୀ ଦ୍ରୁତ ବୋଲର ଯଶ ଦୟାଲ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ତଥାପି, ଆଇପିଏଲ୍‌ଟାଇଟଲ ଜିତିବାର କିଛି ଦିନ ପରେ, ଜଣେ ମହିଳା ସୋସିଆଲ ମିଡିଆରେ ଦୟାଲଙ୍କ ଉପରେ ଯୌନ ନିର୍ଯାତନା ଅଭିଯୋଗ ଆଣିଥିଲେ। ଦୟାଲଙ୍କ ସହିତ ପୁରୁଣା ଫଟୋ ଏବଂ ଚାଟ୍ ସେୟାର କରି ସେ ଅଭିଯୋଗ କରିଥିଲେ। ସେ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ତାଙ୍କୁ ଶୋଷଣ କରିଥିଲେ। ଏହା ପରେ, ଉତ୍ତର ପ୍ରଦେଶ କ୍ରିକେଟରଙ୍କ ବିରୁଦ୍ଧରେ ଏକ ମାମଲା ଦାୟର କରାଯାଇଥିଲା। ତଥାପି, ପରବର୍ତ୍ତୀ ସମୟରେ ଆହ୍ଲାବାଦ ହାଇକୋର୍ଟ ଦୟାଲଙ୍କ ଗିରଫଦାରୀ ଉପରେ ରୋକ ଲଗାଇଥିଲେ । ଏହାର କିଛିଦିନ ପରେ ଜଣେ ନାବାଳିକା ମଧ୍ୟ ଦୁଷ୍କର୍ମ ଅଭିଯୋଗ ଆଣିଥିଲେ । ଏନେଇ ମଧ୍ୟ ଏକ ମାମଲା ରୁଜୁ ହୋଇଥିଲା ।

## ପାରାଦୀପ ଗଲଫ କ୍ଲବ ପକ୍ଷରୁ ପ୍ରେସିଡେଣ୍ଟ କପ୍ ଗଲ୍ଫ ଟୁର୍ଣ୍ଣାମେଣ୍ଟ



ପାରାଦୀପ, ୧୫।୩: ପାରାଦୀପ ଗଲ୍ଫ କ୍ଲବ ପକ୍ଷରୁ ସମ୍ମାନଜନକ ପ୍ରେସିଡେଣ୍ଟ କପ୍ ଗଲଫ ଟୁର୍ଣ୍ଣାମେଣ୍ଟ-୨୦୨୬ ରବିବାର ଦିନ ପାରାଦୀପ ପୋର୍ଟ ଗଲ୍ଫ ପଡିଆରେ ସଫଳତାର ସହ ଆୟୋଜିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ଗଲଫ ପ୍ରେମୀଙ୍କ ଉତ୍ସାହୀ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା ଏବଂ ଏହାକୁ ଅତ୍ୟନ୍ତ ପ୍ରତିଯୋଗିତାମୂଳକ ଓ ଆକର୍ଷଣୀୟ କରିଥିଲା।

ଏହି ଅବସରରେ ପାରାଦୀପ ବନ୍ଦର ପ୍ରାଧିକରଣ ଉପାଧ୍ୟକ୍ଷ ଟି.ଭେଣୁ ଗୋପାଳ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏହି ଟୁର୍ଣ୍ଣାମେଣ୍ଟ କୁ ଉଦଘାଟନ କରିଥିଲେ ଏବଂ ପରେ ବିଜେତାମାନଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ଏହି ପ୍ରତିଯୋଗିତାରେ ମୋଟ ୩୫ ଜଣ ଗଲ୍ଫ ଖେଳାଳି ବିଭିନ୍ନ ହ୍ୟାଣ୍ଡିକେପ୍ ବର୍ଗରେ ଅଂଶଗ୍ରହଣ କରିଥିଲେ, ଏବଂ ପ୍ରତିଯୋଗିତାରେ ଉତ୍କୃଷ୍ଟ ଦକ୍ଷତା ଏବଂ କ୍ରୀଡା ମନୋଭାବ ପ୍ରଦର୍ଶନ କରିଥିଲେ।ହ୍ୟାଣ୍ଡିକ୍ୟାପ୍ ୦-୧୯ ବର୍ଗରେ, ହରିହର ଦାଶ ଟୁର୍ଣ୍ଣାମେଣ୍ଟର ଚମ୍ପିଅନ୍ ହୋଇଥିଲେ। ଅକ୍ଷୟ ଚନ୍ଦ୍ର ସୂତାର ସର୍ବୋତ୍ତମ ଗ୍ରସ୍ ପୁରସ୍କାର ହାସଲ କରିଥିଲେ ଏବଂ ଦୀପକ କୁମାର ଷଡଙ୍ଗୀ ରନର୍ସ-ଅପ୍ ହୋଇଥିଲେ। ହ୍ୟାଣ୍ଡିକ୍ୟାପ୍ ୨୦-୨୩ ବର୍ଗରେ, ସୁବାଷ ଆଚାର୍ଯ୍ୟ ବିଜୟୀ ହୋଇଥିବା ବେଳେ ମାନସ ରଞ୍ଜନ ସ୍ୱାଇଁ ରନର୍ସ-ଅପ୍ ହୋଇଥିଲେ । ହ୍ୟାଣ୍ଡିକ୍ୟାପ୍ ୨୪ ବର୍ଗରେ, ପାରାଦୀପ ଗଲ୍ଫ କ୍ଲବର ସଭାପତି ଏସ.ସି.ନାହାକ ବିଜେତା ହୋଇଥିଲେ। ଖେଳରେ ଆଶାଜନକ ପ୍ରଦର୍ଶନ ଏବଂ ଉନ୍ନତି ପାଇଁ ଅଶୋକ କୁମାର ସାହୁଙ୍କୁ 'ଇମର୍ଜଣ୍ଟ ଗଲ୍ଫର - ୨୦୨୬' ଉପାଧି ପ୍ରଦାନ କରାଯାଇଥିଲା।ସେହିପରି, ମହିଳା ପୁଟିଂ ପ୍ରତିଯୋଗିତାରେ, ଶ୍ରୀମତୀ ମଧୁମିତା ସେଠି ବିଜେତା ହୋଇଥିବା ବେଳେ ଶ୍ରୀମତୀ ସୋନାଲି ଗୋପ ପ୍ରଥମ ରନର୍ସ-ଅପ୍ ଏବଂ ଶ୍ରୀମତୀ ସବିତା ଷଡ଼ଙ୍ଗୀ ଦ୍ୱିତୀୟ ରନର୍ସ-ଅପ୍ ହୋଇଥିଲେ।

ଏହି ଟୁର୍ଣ୍ଣାମେଣ୍ଟ କ୍ଲବର ସଭାପତି ଏସ.ସି.ନାହାକ, କାର୍ଯ୍ୟକାରୀ ସଭାପତି ଡା.ଡି.ପି.ସେଠି ଏବଂ ପାରାଦୀପ ଗଲ୍ଫ କ୍ଲବର କ୍ୟାପ୍‌ଟେନ ଅକ୍ଷୟ ଚନ୍ଦ୍ର ସୁତାରଙ୍କ ନେତୃତ୍ୱ ଏବଂ ସଦସ୍ୟମାନଙ୍କ ସକ୍ରିୟ ସହଯୋଗ ସଫଳତାର ସହ ଆୟୋଜିତ ହୋଇଥିଲା।

## ପାକିସ୍ତାନ କ୍ରିକେଟ୍ ଦଳର ମୁଖ୍ୟ ପ୍ରଶିକ୍ଷକ ହେବେ ସରଫରାଜ!

ଲାହୋର, ୧୫।୩: ପାକିସ୍ତାନୀ ୱିକେଟ୍‌କିପର ବ୍ୟାଟର୍ ସରଫରାଜ୍ ଅହମଦ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ଘୋଷଣା କରିଛନ୍ତି। ଏହାପରେ ତାଙ୍କୁ ପାକିସ୍ତାନ କ୍ରିକେଟ୍ ଦଳର ମୁଖ୍ୟ ପ୍ରଶିକ୍ଷକ ନିଯୁକ୍ତ କରାଯିବାର ସମ୍ଭାବନା ରହିଛି। ଡିସେମ୍ବର ୨୦୨୩ରେ ସେ ଅଷ୍ଟ୍ରେଲିଆ ବିପକ୍ଷରେ ନିଜର ଶେଷ ଟେଷ୍ଟ୍ ଖେଳିଥିଲେ। ନିକଟରେ ତାଙ୍କୁ ପାକିସ୍ତାନ ଚୟନ କମିଟିର ସଦସ୍ୟ ନିଯୁକ୍ତ କରାଯାଇଥିଲା । ସେ ମଧ୍ୟ ପାକିସ୍ତାନ ୧୯ ବର୍ଷରୁ କମ ଦଳର ମ୍ୟାନେଜର ଓ ଉପଦେଷ୍ଟା ଅଛନ୍ତି। ପୂର୍ବତନ ଅଲରାଉଣ୍ଡର ଆଝାର ମେହମୁଦ୍‌ଙ୍କ ଚୁକ୍ତି ମିଆଦ ଶେଷ ହେବା ପରେ ଏବେ ପାକିସ୍ତାନ ବରିଷ୍ଠ ଦଳର ମୁଖ୍ୟ ପ୍ରଶିକ୍ଷକ ପଦ ଖାଲି ରହିଛି।

ସରଫରାଜ୍ ଏକମାତ୍ର ପାକିସ୍ତାନୀ ଅଧିନାୟକ ଯିଏକି ଦୁଇଟି ପ୍ରମୁଖ ଆଇସିସି ପ୍ରତିଯୋଗିତାର ଫାଇନାଲରେ ଭାରତ ବିପକ୍ଷରେ ବିଜୟ ହାସଲ କରିଥିଲେ। ତାଙ୍କ ଅଧିନାୟକତ୍ୱରେ ପାକିସ୍ତାନ ୨୦୧୭ ଚାମ୍ପିୟନ୍ସ ଟ୍ରଫି ଫାଇନାଲରେ ଭାରତକୁ ୧୮୦ ରନ୍ ବ୍ୟବଧାନରେ ହରାଇଥିଲା। ସେହିପରି ତାଙ୍କ ନେତୃତ୍ୱରେ ପାକିସ୍ତାନ ୨୦୦୬ରେ ଆୟୋଜିତ ୧୯ ବର୍ଷରୁ କମ ବିଶ୍ୱକପ୍ ଫାଇନାଲରେ ଭାରତକୁ ହରାଇଥିଲା।

## ପ୍ରଥମ ଟ୍ବେଣ୍ଟି-୨୦: ଦକ୍ଷିଣ ଆଫ୍ରିକାଠୁ ହାରିଲା ନ୍ୟୁଜିଲାଣ୍ଡ

ଓ୍ବେବ ଓଭାଲ: ଦକ୍ଷିଣ ଆଫ୍ରିକା ପୁରୁଷ କ୍ରିକେଟ୍ ଦଳର ନ୍ୟୁଜିଲାଣ୍ଡ ଗସ୍ତ ବିଜୟରୁ ଆରମ୍ଭ ହୋଇଛି। ହେଲେ ମହିଳା ଦଳ ପରାଜୟ ମୁହଁ ଦେଖିଛି। ଏଠାରେ ଖେଳାଯାଇଥିବା ୫ ମ୍ୟାଚ୍ ବିଶିଷ୍ଟ ଟ୍ବେଣ୍ଟି-୨୦ ଶୃଙ୍ଖଳାର ପ୍ରଥମ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ପୁରୁଷ ଦଳ ୭ ୱିକେଟ୍‌ରେ ବିଶ୍ୱକପ୍ ଉପବିଜେତା ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ଦକ୍ଷିଣ ଆଫ୍ରିକା ଏଥିସହ ନ୍ୟୁଜିଲାଣ୍ଡଠୁ ଟ୍ବେଣ୍ଟି-୨୦ ବିଶ୍ୱକପ୍ ସେମିଫାଇନାଲ୍ ପରାଜୟର ମଧୁର ପ୍ରତିଶୋଧ ନେଇଛି।ରବିବାର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଘରୋଇ ଦଳ ୧୪.୩ ଓଭରରେ ମାତ୍ର ୯୧ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ୨୧ ରନ୍‌ରେ ପ୍ରଥମ ୪ ୱିକେଟ୍ ହରାଇବା ପରେ ଜେମ୍ସ ନୀଶାମ (୨୬), ମିଚେଲ ସାଣ୍ଟନର (୧୫), କୋଲେ ମ୍ୟାକ୍‌କୋଞ୍ଚି (୧୫) ଓ ବେଭାନ ଜାକବ୍ସ (୧୦) ଦୁଇ ଅଙ୍କ ଛୁଇଁବାରୁ ଦଳ ୧୦୦ ରନ୍‌ର ନିକଟତର ହୋଇପାରିଥିଲା। ଏନ୍‌କ୍ୱବାନି ମୋକୋଏନା ୩ ଏବଂ ଗେରାଲ୍‌ଡ କୋଏଜି, ଓଟ୍‌ନେଲ ବାର୍ଟମାନ ଓ କେଶବ ମହାରାଜ ୨ ଲେଖାଏଁ ୱିକେଟ୍ ନେଇଥିଲେ। ଜବାବରେ ଦକ୍ଷିଣ ଆଫ୍ରିକା ୩ ୱିକେଟ୍ ହରାଇ ୨୦ ବଲ୍ ପୂର୍ବରୁ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। କୋନର ଇଷ୍ଟରହୁଇଜେନ ୪୮ ବଲ୍‌ରୁ ଅପରାଜିତ ୪୫ ରନ୍‌ର ପାଳି ଖେଳି ବିଜୟ ମୁଣ୍ଡି ମାରିଥିଲେ। ମୋକୋଏନା ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ।ଅନ୍ୟପକ୍ଷରେ ଏହି ସମାନ ଭେନ୍ୟୁରେ ଖେଳାଯାଇଥିବା ମହିଳା ଟ୍ବେଣ୍ଟି-୨୦ରେ ନ୍ୟୁଜିଲାଣ୍ଡ ୮୦ ରନ୍‌ରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଥିଲା। ଅଧିନାୟିକା ଆମେଲିଆ କେର୍ (୭୮) ଓ ଜର୍ଜିଆ ପ୍ଲିମର (୬୩)ଙ୍କ ଅର୍ଦ୍ଧଶତକ ବଳରେ ନ୍ୟୁଜିଲାଣ୍ଡ ମହିଳା ଦଳ ୭ ୱିକେଟ୍ ହରାଇ ୧୯୦ ରନ୍ କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ଦଳ ୧୧୦ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ସୋଫି ଡିଭାଇନ୍ ୪ ୱିକେଟ୍ ଅକ୍ତିଆର କରିଥିଲେ। କେର୍ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।



## ଚାଇନିଜ୍ ଗ୍ରାଁ: ପ୍ରି ଜିତିଲେ ୧୯ ବର୍ଷୀୟ ଆଣ୍ଟୋନେଲି



ସାଙ୍ଘାଇ, ୧୫।୩: ମର୍ସିଡିଜ୍‌ର ୧୯ ବର୍ଷୀୟ ଚାଳକ କିମି ଆଣ୍ଟୋନେଲି ରବିବାର ଜୀବନର ପ୍ରଥମ ଗ୍ରାଁ ପ୍ରି ଜିତିବାର ଗୌରବ ଅର୍ଜନ କରିଛନ୍ତି। ସାଙ୍ଘାଇରେ ଏହି ଇଟାଲି ଯୁବକ ନିଜ ଦଳୀୟ ସାଥୀ ଜର୍ଜ ରସେଲ ଏବଂ ୭ ଥରର ବିଶ୍ୱବିଜେତା ଫେରାରି ଚାଳକ ଲୁଇସ୍ ହାମିଲଟନ୍‌ଙ୍କୁ ପଛରେ ପକାଇ ଏହି ସଫଳତା ପାଇଥିଲେ। ଆଣ୍ଟୋନେଲି ୧ ଘଣ୍ଟା ୩୩ ମିନିଟ୍ ୧୫.୩୭ ସେକେଣ୍ଡରେ ଏହି ରେସ୍ ଶେଷ କରି ପ୍ରଥମ ସ୍ଥାନ ଅଧିକାର କରିଥଲେ। ରସେଲ ଦ୍ୱିତୀୟ ଏବଂ ବ୍ରିଟିସ୍ ଚାଳକ ହାମିଲଟନ୍ ତୃତୀୟ ସ୍ଥାନରେ ରହି ପୋଡିୟମ୍ ଫିନିସ୍ କରିଥିଲେ। ଫେରାରିର ଚାର୍ଲସ ଲେକଲର୍କ ଚତୁର୍ଥ ଏବଂ ହାସ୍ ଚାଳକ ଓଲିଭର ବିଅର୍‌ମାନ ପଞ୍ଚମରେ ରହିଥଲେ। ବେଳେ ୪ ଥରର ବିଶ୍ୱବିଜେତା ରେଡ୍‌ବୁଲ୍‌ର ମ୍ୟାକ୍ସ ଭର୍‌ଷ୍ଟାପେନ୍ ଖରାପ ପ୍ରଦର୍ଶନ କରି ୧୬ତମ ସ୍ଥାନରେ ଅଭିଯାନ ଶେଷ କରିଥିଲେ। ଏଥିସହ ଆଣ୍ଟୋନେଲି (୧୯ ବର୍ଷ ୬ ମାସ ୧୮ ଦିନ ବୟସ) ଫର୍ମୁଲା ୱାନ୍ ରେସ୍ ଜିତିବାରେ ଦ୍ୱିତୀୟ ସର୍ବକନିଷ୍ଠ ଚାଳକ ହୋଇଛନ୍ତି। ପ୍ରଥମ ସ୍ଥାନରେ ମ୍ୟାକ୍ସ ଭର୍‌ଷ୍ଟାପେନ ରହିଛନ୍ତି। ସେ ୨୦୧୬ରେ ସ୍ପେନ୍‌ରେ ୧୮ ବର୍ଷ ୭ ମାସ ୧୫ ଦିନ ବୟସରେ ରେସ୍ ଜିତିଥିଲେ।

## ବାତିଲ ହେବ ବାହାରିନ, ସାଉଦି ଆରବ ଗ୍ରାଁପ୍ରି

ମୁମ୍ବାଇ, ୧୫/୦୩: ମଧ୍ୟପ୍ରାଚ୍ୟ ଯୁଦ୍ଧର ପ୍ରଭାବରେ ଫର୍ମୁଲା ୱାନ୍ ସିଜନ କ୍ଷତିଗ୍ରସ୍ତ ହେବାକୁ ଯାଉଛି । ବର୍ଷର ଦୁଇ ଲୋକପ୍ରିୟ ରେସ୍ ବାହାରିନ ଓ ସାଉଦି ଆରବ ଗ୍ରାଁପ୍ରି ବାତିଲ ହେବା ଏକ ପ୍ରକାର ନିଶ୍ଚିତ ରହିଛି । ଆଗାମୀ ୪୮ ଘଣ୍ଟା ମଧ୍ୟରେ ଫର୍ମୁଲା ୱାନ୍‌ର ସର୍ବୋଚ୍ଚ ସଙ୍ଘ ପକ୍ଷରୁ ଉଭୟ ଗ୍ରାଁପ୍ରି ବାତିଲ ବିଷୟ ଘୋଷଣା ହେବା ନିଶ୍ଚିତ।

ଚଳିତ ବର୍ଷ ମୋଟ ୨୪ଟି ରେସ୍ ଅନୁଷ୍ଠିତ ହେବାର ଥିଲା । ବାହାରିନ୍ ଓ ସାଉଦି ଆରବ ଗ୍ରାଁପ୍ରି ବାତିଲ ହେବା ଫଳରେ ରେସ୍ ସଂଖ୍ୟା ୨୨କୁ ଖସିବ । ଯାହା ଫଳରେ ଆୟୋଜକ ଫିଆ (ଅନ୍ତର୍ଜାତୀୟ ଅଟୋମୋବାଇଲ ସଙ୍ଘ) ଅତି କମ୍‌ରେ ୧୦୦ ମିଲିୟନ ୟୁରୋ କ୍ଷତି ସହିବ । ଫର୍ମୁଲା ୱାନ୍‌କୁ ବାହାରିନ ଓ ସାଉଦି ଆରବ ସର୍ବାଧିକ ଆୟୋଜନ ପାଉଣା ପ୍ରଦାନ କରନ୍ତି ।ଆସନ୍ତା ଏପ୍ରିଲ ୧୦ରୁ ୧୨ ତାରିଖ ମଧ୍ୟରେ ବାହାରିନ ଗ୍ରାଁପ୍ରି ଓ ଏପ୍ରିଲ ୧୭ରୁ ୧୯ ମଧ୍ୟରେ ସାଉଦି ଆରବିଆନ ଗ୍ରାଁପ୍ରି ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି । ମାତ୍ର ଇରାନ, ଆମେରିକା ଓ ଇସ୍ରାଏଲ ମଧ୍ୟରେ ଗତ ମାସ ୨୮ ତାରିଖରୁ ଲାଗି ରହିଥିବା ଯୁଦ୍ଧ ଥମିବାର ନାଁ ଧରୁନି । ଯୁଦ୍ଧରେ ବାହାରିନ ରାଜଧାନୀ ମାନାମା ଓ ସାଉଦି ଆରବର ଜେଦାହ ସହର ବେଶ୍ କ୍ଷତିଗ୍ରସ୍ତ ହୋଇଛି । ଯାହା ଫଳରେ ସେଠାରେ ରେସ୍ ଆୟୋଜନ କରିବା ସମ୍ଭବ ନୁହେଁ । ଯୁଦ୍ଧ ଯୋଗୁଁ ବିମାନ ସେବା ମଧ୍ୟ ବାଧାପ୍ରାପ୍ତ ହେଉଛି ।

ଉଭୟ ରେସ୍ ବାତିଲ ହେଲେ ପାଖା ପାଖି ୪ସପ୍ତାହର ବିଶ୍ରାମ ସମୟ ମିଳିବ । ମେ' ୨୯ରେ ଜାପାନିଜ ଗ୍ରାଁପ୍ରି ଶେଷ ହେବ ଓ ମେ' ୩ ତାରିଖରେ ଆରମ୍ଭ ହେବ ମାୟାମୀ ଗ୍ରାଁପ୍ରି । ମଝିରେ କେବଳ ବାହାରିନ ଓ ସାଉଦି ଆରବ ଗ୍ରାଁପ୍ରି ରହିଥିଲା । ଏହି ବ୍ୟବଧାନକୁ ସୀମିତ ରଖିବା ପାଇଁ ଆୟୋଜକ ଜାପାନରେ ଡବଲ୍ ରେସ ଆୟୋଜନ କରିବାକୁ ଚିନ୍ତା କରୁଛନ୍ତି । ତେବେ ଏହା ଉପରେ ଚୂଡାନ୍ତ ନିଷ୍ପତ୍ତି ନିଆଯାଇ ନାହିଁ ।




### ଏଫଆଇଏଚ୍ ମହିଳା ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ

## ଭାରତର ଟାଇଟଲ୍ ସ୍ୱପ୍ନ ଚୁରମାର୍, ୨-୦ ଜିତିଲା ଇଂଲଣ୍ଡ

ହାଇଦ୍ରାବାଦ, ୧୫/୦୩: ଏଫ୍‌ଆଇଏଚ୍ ମହିଳା ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟରେ ଭାରତର ଟାଇଟଲ୍ ସ୍ୱପ୍ନ ଚୁରମାର୍ ହୋଇଯାଇଛି । ଗତକାଲୀର ଅନୁଷ୍ଠିତ ଫାଇନାଲ୍ ମୁକାବିଲାରେ ଇଂଲଣ୍ଡ ୨-୦ରେ ଭାରତକୁ ହରାଇ ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଛି । ଏକାଧିକ ପେନାଲ୍‌ଟି ସୁଯୋଗ ହାତଛଡା କରିବା ଆୟୋଜକ ଦଳ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଥିଲା । ପୂର୍ବରୁ ଉଭୟ ଇଂଲଣ୍ଡ ଓ ଭାରତ ସେମି ଫାଇନାଲ୍‌ରେ ପହଞ୍ଚି ବିଶ୍ୱକପ୍ ଟିକେଟ୍ ହାସଲ କରି ସାରିଥିଲେ । ଭାରତର ଷ୍ଟାର୍ ଖେଳାଳି ନଭନୀତ କୌର ପ୍ଲେୟାର ଅଫ୍ ଦ ଟୁର୍ଣ୍ଣାମେଣ୍ଟ ବିବେଚିତ ହୋଇଥିଲେ ।

ଭାରତ-ଇଂଲଣ୍ଡ ମ୍ୟାଚ୍ ରୋମାଞ୍ଚପୂର୍ଣ୍ଣ ହୋଇଥିଲା । ପ୍ରଥମ କ୍ୱାର୍ଟର ଆରମ୍ଭରୁ ଭାରତ ଜୋରଦାର ଆକ୍ରମଣ କରି ଦ୍ୱିତୀୟ ମିନିଟ୍ରେ ପେନାଲ୍ଟି ସୁଯୋଗ ସୃଷ୍ଟି କରିଥିଲା । ମାତ୍ର ଏହା ବିଫଳ ଯାଇଥିଲେ ହେଁ ରିଭ୍ୟୁରେ ପୁନଃ ଦଳକୁ ପେନାଲ୍ଟି ମିଳିଥିଲା । ହେଲେ ଏଥିରେ ମଧ୍ୟ ଦଳ ଗୋଲ୍ କରିବାରେ ବିଫଳ ହୋଇଥିଲା । ଇଂଲଣ୍ଡ ୧୩ମିନିଟ୍ରେ ପ୍ରଥମ ପେନାଲ୍ଟି ପାଇଥିଲା ଏବଂ ଗ୍ରେସ୍ ବାଲ୍ସଡନ ଏହାକୁ ଗୋଲ୍ ରୂପ ଦେବାରେ ଅବହେଳା କରିନଥିଲେ । ଇଂଲଣ୍ଡ ୧-୦ରେ ଆଗେଇ ଥିଲା । ଦ୍ୱିତୀୟ କ୍ୱାର୍ଟର ଗୋଲଶୂନ୍ୟ ରହିଥିଲା। ଏହି ଭାଗରେ ମଧ୍ୟ ଭାରତ ୨ଟି ପେନାଲ୍ଟି ସୁଯୋଗ ପାଇଥିଲା ।ତୃତୀୟ କ୍ୱାର୍ଟରରେ ଭାରତ ଆକ୍ରମଣକୁ ତୀବ୍ରତର କରି ଏକାଧିକ ସୁଯୋଗ ସୃଷ୍ଟି କରିଥିଲା । ହେଲେ ଖାତା ଖୋଲି ପାରିନଥିଲା । ଅନ୍ୟ ପଟରେ ଇଂଲଣ୍ଡ ୪୩ମିନିଟ୍ରେ ଦ୍ୱିତୀୟ ଗୋଲ୍ କରି ମ୍ୟାଚ୍କୁ ନିଜ ନିୟନ୍ତ୍ରଣକୁ ନେଇଥିଲା । ଏଲିସାବେଥ ନିଲ ଏହି ଗୋଲ୍ଟି ସ୍କର କରିଥିଲେ । ଚତୁର୍ଥ କ୍ୱାର୍ଟରରେ ଆୟୋଜକ ଦଳ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲେ ମଧ୍ୟ ଗୋଟିଏ ବି ଗୋଲ୍ ପରିଶୋଧ କରିନପାରି ଶେଷରେ ୦-୨ରେ ପରାଜିତ ହୋଇଥିଲା ।



Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ipû\K: iêeRòZp Kêcûe ]k